
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୮ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 October 2024
Vol.No. 35 ■ No.286 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଡିଜିଟାଲ ଆରେଷ୍ଟ: ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍‌ବେଗ, ଧୈର୍ଯ୍ୟ ଧରିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୭/୧୦ : ଆଜି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଡିଜିଟାଲ ଆରେଷ୍ଟ ଠକେଇକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶକୁ ସମ୍ବୋଧନ କରି, ଡିଜିଟାଲ୍ ଆରେଷ୍ଟ ଭଳି ସାଇବର ଠକେଇ ପ୍ରସଙ୍ଗ ଉଲ୍ଲେଖ କରିବା ସହିତ, ଏଭଳି ସ୍ଥିତିର ସାମ୍ନା କଲେ ଆତଙ୍କିତ ନହେବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏକ ସାଇବର୍ ଠକେଇ କଲ୍ ରେକର୍ଡିଂ ଦେଖାଇ ମୋଦି କହିଛନ୍ତି- ଆଇନରେ ଡିଜିଟାଲ୍ ଆରେଷ୍ଟ ଭଳି କୌଣସି ପ୍ରାବଧାନ ନାହିଁ । କୌଣସି ସରକାରୀ ସଂସ୍ଥା ଫୋନ୍ କିମ୍ବା ଭିଡିଓ କଲରେ ଜେରା କରିନଥାନ୍ତି। ଧମକାନ୍ତି ନାହିଁ



କି ଟଙ୍କା ମାଗନ୍ତିନାହିଁ। ଏହା ଏକ ଠକେଇ । କିଛି ଅସାମାଜିକ ବ୍ୟକ୍ତି ଏବଂ ଅପରାଧୀ ଗ୍ୟାଙ୍ଗ ଲୋକଙ୍କୁ ମିଛ କହି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ବିଭିନ୍ନ ତଦନ୍ତକାରୀ ସଂସ୍ଥା ଏହାର ଛାନଭିନ କରୁଥିବା ବେଳେ, ଏସବୁର ସମନ୍ୱୟ ପାଇଁ ନ୍ୟାସନାଲ ସାଇବର୍ କୋ-ଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ହୋଇଛି । ଡିଜିଟାଲ୍ ଆରେଷ୍ଟ ଠକେଇରେ ଠକମାନେ ନିଜକୁ ପୋଲିସ, ଉଇଓ, ଜଇଓ କିମ୍ବା ନାର୍କୋଟିକ୍ସ ଅଧିକାରୀ ଦର୍ଶାଇ ପୀଡ଼ିତଙ୍କୁ ଅତ୍ୟଧିକ ଭୟଭୀତ କରିଥାନ୍ତି । ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିବା ସହିତ ଚାପ ପକାଇଥାନ୍ତି । ତେବେ ଏହାର ମୁକାବିଲା ପାଇଁ ୩ଟି ସୂତ୍ର ଆପଣାଇବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଫ୍ରଡ୍ କଲ୍ ଆସିଲେ ଆତଙ୍କିତ ନହୋଇ ଧୈର୍ଯ୍ୟ ଧରନ୍ତୁ । ମୁକାବିଲା ଉପାୟ ଚିନ୍ତା କରନ୍ତୁ ଏବଂ ପଦକ୍ଷେପ ନିଅନ୍ତୁ । ଯଦି ସମ୍ଭବ ହେଉଛି, ସ୍କ୍ରିନସଟ ନିଅନ୍ତୁ ଓ ରେକର୍ଡିଂ କରି ରଖନ୍ତୁ । ଫ୍ରଡ୍ କଲ ଆସିଲେ ୧୯୩୦କୁ କଲ୍ କରି ଜଣାନ୍ତୁ ।

## ଶିମିଳିପାଳ ଅଭୟାରଣ୍ୟକୁ ଆସିଲା ବାଘୁଣୀ

ଶିମିଳିପାଳ, ୨୭/୧୦ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟକୁ ଆସିଲା ମହାବଳ। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଏହି ବାଘୁଣୀକୁ ଅଣାଯାଇଛି । ଆସନ୍ତାକାଲି ଏହି ବାଘୁଣୀକୁ କୋର ଏରିଆରେ ଛଡ଼ାଯିବ। ପରବର୍ତ୍ତୀ ସମୟରେ ଆଉ ଗୋଟିଏ ବାଘୁଣୀ ଆସିବ। ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶାରେ ୩୦ ମହାବଳ ବାଘ ଅଛନ୍ତି। ସେଥିରୁ ୨୭ଟି ମହାବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ସେହି ୨୭ ମହାବଳ ମଧ୍ୟରେ ୧୩ଟି ଇନ୍‌ବ୍ରିଡିଂ(ସମବଂଶୀଙ୍କ ମଧ୍ୟରେ ମେଟିଂ) କଳାବାଘ ରହିଛନ୍ତି। ଏହି ପ୍ରଜାତିର ମହାବଳ ବାଘଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍। ତେଣୁ ଏମାନେ ଅଳ୍ପ ଆୟୁ। ଯାହାକି ବଂଶ ଲୋପର କାରଣ ପାଲଟିପାରେ ବୋଲି ଆଶଙ୍କା କରିଥିଲେ ବନ୍ୟପ୍ରାଣୀ ବିଶେଷଜ୍ଞ। ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଥିଲେ। ସେଥିପାଇଁ ମହାରାଷ୍ଟ୍ରରୁ ମହାବଳ ଆଣିବା ପାଇଁ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ)ଙ୍କ ଅନୁମତି ଲୋଡିଥିଲା। ଏନ୍‌ଟିସିଏ ଏଥିପାଇଁ ଅନୁମତି ଦେଇଥିଲେ। ତା'ପରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟକୁ ଯାଇଥିଲେ। ତନାଘନା ପରେ ସେଠାରୁ ପ୍ରଥମ ପର୍ଯ୍ୟାୟରେ ଗୋଟିଏ ବାଘୁଣୀ ଓଡ଼ିଶା ଆସିଛି।

## ଦାନା ଖୋଲିଦେଲା ଆବାସ୍ ପୋଲ୍



ଭୁବନେଶ୍ୱର, ୨୭/୧୦ (ନି.ପ୍ର): ପ୍ରତି ବର୍ଷ ବାତ୍ୟା ଆସୁଛି । ଝାଟି ମାଟି ଘର ଭାଙ୍ଗୁଛି । ଆଉ ବିପନ୍ନ ପୁଣିଥରେ ସେଇ କଚ୍ଚା ଘର ତିଆରି କରୁଛି । ପିଏମ୍ ଆବାସ ପାଇଁ ଆବେଦନ କରି ହିତାଧିକାରୀ ବଞ୍ଚିତ ହେଉଛନ୍ତି । ପୂର୍ବର ବିଜେଡି ସରକାରର ଏହି ବ୍ୟବସ୍ଥାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କଡ଼ା ସମାଲୋଚନା କରିବା ସହ ସ୍ଥାୟୀ ସମାଧାନ ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଥିବା କହିଛନ୍ତି । ନିକଟରେ ବିଧାନସଭାରେ ଆସିଥିବା ତଥ୍ୟ ଅନୁଯାୟୀ, ବିଜେଡି ସରକାର ସମୟରେ ତାଲିକା ଦେଇ ନପାରିବାରୁ ପ୍ରାୟ ୬ ଲକ୍ଷ ୫୭ ହଜାର ପକ୍କା ଘର ଫେରି ଯାଇଥିଲା । ଝାଟି ମାଟି ଘର ଭାଙ୍ଗିଥିଲେ ତାର ଅନୁଧ୍ୟାନ କରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଆଯିବ । କିନ୍ତୁ କାହିଁକି ଏତେ ଗରିବ ଶ୍ରେଣୀର ଲୋକ ପିଏମ୍ ଆବାସ ଯୋଜନାର ସୁବିଧା ଏଯାଏଁ ପାଇପାରିନାହାନ୍ତି ? ମନ୍ତ୍ରୀ କହିଛନ୍ତି ଆମ ସରକାର ଦୀର୍ଘ ମିଆଦି ପଦକ୍ଷେପ ନେବାକୁ ଯାଉଛନ୍ତି ।

## ଓଡ଼ିଶାବାସୀଙ୍କ ପାଇଁ ୨୯ରେ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଓଡ଼ିଶାବାସୀଙ୍କୁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା ସହ ଯୋଡ଼ିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନକ ପରେ ଅର୍ଥାତ ଆସନ୍ତା ୨୯ ତାରିଖରେ ଓଡ଼ିଶାର ଲୋକଙ୍କ ପାଇଁ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିବେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟର ଗରିବ ଜନତାଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଚାଲୁ ରହିଛି। ସାଧାରଣ ନିର୍ବାଚନ ବେଳେ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ▶▶ପୃଷ୍ଠା ୭

## ହେନ୍ତାଳ ବଣ ପାଲଟିଲା ସୁରକ୍ଷା କବଚ: ଅଭେଦ୍ୟ ଦୁର୍ଗ ବନି ଅଟକାଇଦେଲା ବାତ୍ୟାର ଅଣଚାଷ ପବନ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଭିତରକନିକାର ହବାଲିଖଟି ନେଚର୍ କ୍ୟାଂପ୍ ପାଖରେ ସ୍ଥଳଭାଗ ଛୁଇଁବା ସ୍ଥାନରେ ହିଁ ବାତ୍ୟା 'ଦାନା'କୁ ଦୁର୍ବଳ କରିଦେଲା ଘଂଚ ହେନ୍ତାଳ ବଣ । ପବନର ବେଗକୁ ତତ୍କାଳ ୨୦ରୁ ୩୦ କିଲୋମିଟର କମାଇଦେଲା । ଜୁଆରକୁ ମାତ୍ ଦେଲା । ଆଉ ରାଜନଗର ଓ ଆଖପାଖ ଅଂଚଳବାସୀଙ୍କ ପାଇଁ କବଚ ଭଳି ଯୋଗାଇଥିଲା ସୁରକ୍ଷା। ଖାଲି ଭିତରକନିକାର ହବାଲିଖଟି ନୁହେଁ, ବଗପାଟିଆ ଓ ପାରାଦୀପ ମଧ୍ୟରେ ଥିବା ହେନ୍ତାଳ ବଣ ସେଠାକାର ଲୋକଙ୍କ ପାଇଁ



ଆଣିଥିଲା ବଡ଼ ଆଶ୍ୱସ୍ତି । ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି, ଯଦିଓ ବାତ୍ୟା ଦାନା ଭିତରକନିକାରେ ଲ୍ୟାଣ୍ଡଫଲ କରିଛି, ହେଲେ ହେନ୍ତାଳ ବଣର ୧ ପ୍ରତିଶତ ଗଛ ବି ଉପାଡ଼ି ପାରିଲାନି। ବାତ୍ୟା ସମୟରେ ଉଠିଥିବା ସାମୁଦ୍ରିକ ଜୁଆର ▶▶ପୃଷ୍ଠା ୭

## ବିମାନ ପରେ ଏବେ ହୋଟେଲକୁ ଧମକ: ପୋଲିସର ଜୋରଦାର ସର୍ଚ୍ଚ

ନୂଆଦିଲ୍ଲୀ, ୨୭/୧୦ : ବିମାନ ପରେ ଏବେ ହୋଟେଲକୁ ବୋମା ଧମକ । ଗୁଜରାଟର ରାଜକୋଟରେ କିଛି ଫାଇଭ୍ ଷ୍ଟାର ହୋଟେଲ ସମେତ ମୋଟ୍ ୧୦ଟି ହୋଟେଲକୁ ବୋମା ବିସ୍ଫୋରଣ ଧମକ ମିଳିଛି । ଇମେଲ୍ ଯୋଗେ ଏହି ଧମକ ମିଳିଛି । ଇମ୍ପେରିଆଲ ପ୍ୟାଲେସ୍, ସାୟାଜି ହୋଟେଲ୍, ସିଜନ୍ସ ହୋଟେଲ ଏବଂ ଗ୍ରାଣ୍ଡ୍ ରିଜେନ୍ସି ହୋଟେଲକୁ ଟାର୍ଗେଟ୍ କରାଯାଇଛି । ରାଜକୋଟ ପୁଲିସ ଏହି ଘଟଣାରେ ତଦନ୍ତ କରୁଛି । ଟାର୍ଗେଟ୍ କରାଯାଇଥିବା ହୋଟେଲ ଗୁଡ଼ିକରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଯାଇଛି । ଇମେଲ୍ ଦ୍ୱାରା ବୋମା ବିସ୍ଫୋରଣ ହେବା ନେଇ ଯେଉଁ ଧମକ ଦିଆଯାଇଛି ସେଥିରେ ଲେଖାଯାଇଛି, ମୁଁ ହୋଟେଲର ପ୍ରତି ସ୍ଥାନରେ ବୋମା ଖଞ୍ଜିଛି । କିଛି ସମୟ ମଧ୍ୟରେ ବିସ୍ଫୋରଣ ହେବ ଏବଂ ଅନେକ ନିରୀହଙ୍କ ଜୀବନ ଯିବ । ଖୁବଶୀଘ୍ର ହୋଟେଲ୍ ଖାଲି କର । ପାର୍ବଣ ଋତୁ ସମୟରେ ଏଭଳି ଧମକ ମିଳିଥିବାରୁ ହୋଟେଲ୍‌ରେ ରହୁଥିବା ଲୋକଙ୍କର ଚିନ୍ତା ବଢ଼ିଛି । ସେହିପରି ଆନ୍ଧ୍ରପ୍ରଦେଶର ▶▶ପୃଷ୍ଠା ୭

## ଥାନାରେ ଉତ୍ପାତ କରୁଥିଲେ ସାବଧାନ: ଅମାନିଆଙ୍କୁ ସାବାଡ଼ କରିବ ପୋଲିସ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଟ୍ରାଫିକ୍ ପୋଲିସ ପରେ ଏଣିକି ସବୁ ଥାନାର ରିସେପସନ୍ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ପିନ୍ଧିବେ ବଡି କ୍ୟାମେରା । କ୍ୟାମେରାରେ ଥିବା ସ୍ୱତନ୍ତ୍ର ବଟନ ଚିପିଲେ ରେକର୍ଡ ସମସ୍ତ ଦୃଶ୍ୟକୁ ଫୋନ୍ ମାଧ୍ୟମରେ ଦେଖି ପାରିବେ ସିପି ଓ ଡିସିପି । ରେକର୍ଡ ଭିଡିଓ ଆଧାରରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ । ଅନେକ ସମୟରେ ଉପୁଜୁଥିବା ଅପ୍ରୀତିକର



ପରିସ୍ଥିତିକୁ ଏଡାଇ ଦିଆଯାଇପାରିବ । ଥାନାରେ ଉତ୍ପାତ କରୁଥିଲେ ସାବଧାନ । ଅମାନିଆଙ୍କୁ ସାବାଡ଼ କରିବ ପୋଲିସ । ଥାନାରେ କିଏ ଦୁର୍ବ୍ୟବହାର କରୁଛି । ତାର ଭିଡିଓ ଏବଂ ଅଡିଓ ରେକର୍ଡ କରିବ ଏହି କ୍ୟାମେରା । ଏଣିକି ଥାନା ରିସେପସନ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ପିନ୍ଧିବେ ବଡି କ୍ୟାମେରା । ▶▶ପୃଷ୍ଠା ୭

## ସାଇବର ଠକଙ୍କ ଜାଲରେ ପଡ଼ିଗଲେ ଲେଡି ତହସିଲଦାର

ତାଳଚେର, ୨୭/୧୦ (ନି.ପ୍ର): ସାଇବର ଠକଙ୍କ ଜାଲରେ ପଡ଼ି ୯୦ ହଜାର ଟଙ୍କା ହରାଇଛନ୍ତି ଅନୁଗୋଳ ଜିଲ୍ଲା ତାଳଚେର ତହସିଲଦାର। ଏହା ତାଳଚେର ସହରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ସେ ତାଙ୍କ ଟଙ୍କା ଫେରି ପାଇବା ପାଇଁ ତଥା ଦୋଷୀଙ୍କୁ ଧରି ଦଣ୍ଡ ଦେବା ପାଇଁ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ତହସିଲଦାର ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ, ଗତ ୨୪ ତାରିଖ ଅପରାହ୍ନ ୨ଟା ୪୨ ମିନିଟ୍‌ରେ ୯୬୯୦୯୪୨୬୬୧ ନମ୍ବରରୁ ତାଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଈଜଇଓରୁ କହୁଥିବା ତାଙ୍କୁ କହିଥିଲେ। ସେ (ସାଇବର ଠକ) କହିଥିଲେ ଯେ ତାଙ୍କର ପଞ୍ଜୀକୃତ ମୋବାଇଲ ନମ୍ବର, ଯାହା ତାଙ୍କର ଆଧାର କାର୍ଡ ସହିତ ସଂଯୁକ୍ତ ହୋଇଛି, ତାକୁ ଆଉ ୨ ଘଣ୍ଟା ପରେ ବ୍ଲକ୍ କରି ଦିଆଯିବ। କାରଣ ତାଙ୍କ ଆଧାର କାର୍ଡକୁ ଅପବ୍ୟବହାର କରାଯାଇ ନୂଆଦିଲ୍ଲୀର ଗ୍ରୀନ ପାର୍କ ମାର୍କେଟ ଅଞ୍ଚଳରେ ଆଉ ଏକ ମୋବାଇଲ ନମ୍ବରକୁ ତାହା ସହିତ ଲିଙ୍କ୍ କରାଯାଇଛି। ଆଉ ସେହି ମୋବାଇଲ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ଓମ୍ ବିର୍ଲା

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଭୁବନେଶ୍ୱରରେ ପହଞ୍ଚିଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା । ଦିନିକିଆ ଓଡିଶା ଗସ୍ତରେ ଆସିଛନ୍ତି ଓମ୍ ବିର୍ଲା । ଏହି ଅବସରରେ ଓମ୍ ବିର୍ଲା କହିଛନ୍ତି ଯେ, ଓଡ଼ିଶାର ମାଟି ଜଗନ୍ନାଥଙ୍କ ମାଟି । ଓଡ଼ିଶାର ମାଟି ଆଧ୍ୟାତ୍ମିକ, ଧାର୍ମିକ, ସଂସ୍କୃତି, ଏବଂ ବୀରଯୋଧାଙ୍କ ମାଟି । ଆଜି ଏକ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ବିଦ୍ୟାର୍ଥୀମାନଙ୍କ ସହ ଆଲୋଚନା ହେବ। ଭାରତୀୟ ଯୁବକଙ୍କ ରାଷ୍ଟ୍ର ଗଠନରେ କଣ ଯୋଗଦାନ ରହିଛି ସେ ନେଇ ଆଲୋଚନା ହେବ ।

## ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ: କ୍ଷୟକ୍ଷତି ଆକଳନ କରି ଜଣାଇବାକୁ ଦେଲେ ନିର୍ଦ୍ଦେଶ

ଭୁବନେଶ୍ୱର: ସାମୁଦ୍ରିକ ବାତ୍ୟା 'ଦାନା'ର ପ୍ରଭାବରେ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ଅନ୍ୟ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ ଆଜି ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଇଛନ୍ତି। ସେ ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ପାରାଦୀପ, ମହାକାଳପଡା, ରାଜନଗର, ରାଜକନିକା ଓ ଚାନ୍ଦବାଲିର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି। ଆକାଶ ମାର୍ଗରୁ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସମ୍ପୃକ୍ତ ବିଭାଗକୁ କ୍ଷୟକ୍ଷତିର ତୁରନ୍ତ ଆକଳନ କରିବାରୁ ନିର୍ଦ୍ଦେଶ



ଦେଇଛନ୍ତି। ଏହା ଦ୍ୱାରା ବାତ୍ୟା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଖୁବଶୀଘ୍ର ସହାୟତା ପ୍ରଦାନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ବାତ୍ୟା 'ଦାନା' ଯୋଗୁଁ ୧୪ ଜିଲ୍ଲାର ୩୫ ଲକ୍ଷ ୯୫ ହଜାର ୧୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ୧୦୮ ବ୍ଲକ, ୧୬୭୧ ଗ୍ରାମ ପଞ୍ଚାୟତ, ୩୧ ସହରର ୪୨୬ ୱାର୍ଡର ଲୋକେ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛନ୍ତି। ଆଜି ସକାଳ୧୦ଟା ସୁଦ୍ଧା ୧୧୭୮ ରିଲିଫ ସେଣ୍ଟର କାର୍ଯ୍ୟକ୍ଷମ ଅଛି। ଲୋକେ ଫେରିବା ଆରମ୍ଭ କଲେଣି। ରନ୍ଧା ଖାଦ୍ୟ ମାଧ୍ୟମରେ ୮ ଲକ୍ଷ ୧୦ ହଜାର ୮୯୬ ଜଣ ଲୋକ ଉପକୃତ ହୋଇଛନ୍ତି। ରିଲିଫ ସେଣ୍ଟରରେ ରୋଷେଇ ସାତ ଦିନ ଯାଏଁ ଚାଲିବ।. ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ପଲିଥିନ ଦିଆଯାଇଛି। ଘର କାମ ନ ସରିବା ଯାଏଁ ସେମାନେ ରିଲଫ ସେଣ୍ଟରରେ ଭୋଜନ କରି ପାରିବେ। ଆଜି ସକାଳ ଯାଏଁ ଜିରୋ କାଜୁଆଲଟି।

## ପୁଣି ରାସ୍ତାକୁ ଓହ୍ଲାଇଲେ ଅସନ୍ତୋଷ ଚାଷୀ: ଚିନ୍ତାରେ ପଞ୍ଜାବ ସରକାର

ନୂଆଦିଲ୍ଲୀ, ୨୭/୧୦ : ଚାଷୀ ଆନ୍ଦୋଳନ ନେଇ ବଢ଼ିଲା ପଞ୍ଜାବ ସରକାରଙ୍କ ଚିନ୍ତା । ବିଭିନ୍ନ ଦାବି ନେଇ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ । ଶନିବାର ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଠିକ୍ ସମୟରେ ଧାନ କିଣା ସମେତ ନଡ଼ା ପୋଡ଼ିବା ପାଇଁ କୃଷକଙ୍କ ବିରୋଧରେ ପୁଲିସର



କାର୍ଯ୍ୟାନୁଷ୍ଠାନକୁ ବିରୋଧ କରାଯାଇଛି । ଶହଶହ କୃଷକ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କୁ ପ୍ରତିବାଦ ଜଣାଇଛନ୍ତି । ତେବେ ଦାବି ପୂରଣ ନ ହେବା ଯାଏ ଏହି ▶▶ପୃଷ୍ଠା ୭

# ଦାନା ଉଜାଡ଼ିଦେଲା ଚାଷୀର ଦାନା: ଧାନ ଶସ୍ୟ ସମୟରେ ହେଲା ପବନ ମାଡ଼

## କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଧାନ ଫସଲ ନଷ୍ଟ, ଆଉ ଦିନ କେଇଟା ପରେ ଅମଳ କରିଥାନ୍ତା ଚାଷୀ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): ମାସ ମାସ ଧରି ଜମିରେ ଧାନ ଚାଷ କରିଥିବା ଚାଷୀ ଆଜି ନିଜ ଜମିର ଧାନ କ୍ଷେତ ଦେଖିବା ପରେ ମୁଣ୍ଡରେ ହାତ ଦେଇ ବସିଛି। ବିଲରେ ପରିଶ୍ରମ ସହିତ ପାଣି କାଦୁଅ ହୋଇ ଭଲ ଅମଳ ଆଶା ରଖିଥିବା ଚାଷୀ ଆସିଥିବା ବାତ୍ୟା 'ଦାନା' ପାଇଁ ସବୁ ଆଶା ନିରାଶାରେ ପରିଣତ ହୋଇଛି। ଆଉ ମାତ୍ର କିଛିଟା ଦିନ ପରେ ଅମଳ କରି ଚାଷୀ ତା'ର ପରିବାର ପ୍ରତିପୋଷଣ କରିଥାନ୍ତା ହେଲେ ଆସିଥିବା ବାତ୍ୟା ଧାନ ଫସଲକୁ ନଷ୍ଟ କରିଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଧାନ ବର୍ଷା ପବନ ଯୋଗୁଁ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଦାନାର ପ୍ରଭାବ କିଛିଅଂଶରେ ପ୍ରଭାବ କମ୍ ହେବାପରେ ଓଡ଼ିଶା ଉପରୁ ବଡ଼ ବାତ୍ୟା ଭୟ ସିନା ଟଳିଗଲା, ହେଲେ ଏହା ପ୍ରଭାବରେ ଉପକୂଳ ଜିଲ୍ଲାଗୁଡ଼ିକରେ ଯେଉଁ ବର୍ଷା ସହ ପବନ ହୋଇଛି ତାହା ଚାଷୀର ବର୍ଷକର ଫସଲକୁ ଉଜାଡ଼ି ଦେଲା। କେନ୍ଦ୍ରାପଡ଼ା ଜିଲ୍ଲାର ହଜାର ହଜାର ହେକ୍ଟର ଚାଷଜମି ଧାନ ପବନ ମାଡ଼ରେ ତଳେ ପଡ଼ିବା ସହିତ ଅଧିକାଂଶ ସ୍ଥାନରେ ପାଣି ଜମି ଧାନ ବୁଡ଼ି ନଷ୍ଟ ହେବାକୁ ବସିଛି। ସ୍ଥିତି ଏପରି ହୋଇଛି, ଅଧିକାଂଶ ଧାନ ଏବେ ଫୁଲ ଉଡ଼ାଉଥିବା ସମୟ ହୋଇଥିବାବେଳେ ବାତ୍ୟା ମାଡ଼ ଯୋଗୁଁ ଧାନ ଶସ୍ୟ ଧରିବା ସମ୍ଭାବନା ଖୁବ୍ କମ୍ ବୋଲି ଜିଲ୍ଲାର ଅନେକ ଚାଷୀ ମତପ୍ରକାଶ କରିଛନ୍ତି। ଅନ୍ୟପଟରେ ଯେଉଁ କିଛି ଧାନ ଆଗୁଆ ଅମଳ ହେବାକୁ ଯାଉଥିଲା ତାହା ଦର ପାଚିଲା ସମୟରେ ପବନ ମାଡ଼ ଯୋଗୁଁ ତଳେ ପଡ଼ିଛି ପାଣି ଛାଡ଼ିବା ବେଳକୁ ଧାନ ଗଛ ପଚିସଢ଼ି ନଷ୍ଟ ହୋଇଯାଇଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବିଶେଷ କରି କେନ୍ଦ୍ରାପଡ଼ା ଚାଷୀକୁଳ। ଧାନ ବିଲର ବିକଳ ଚିତ୍ର ଅସହ୍ୟ। ଚାଷୀଙ୍କ ବର୍ଷକର ପରିଶ୍ରମ ଉପରେ ଦାଉ ସାଧିଛି ବର୍ଷା ଓ ପବନ। ଜିଲ୍ଲାର କିଛି ବ୍ଲକରେ ପୂର୍ବରୁ ବର୍ଷା ଜଳ ନିଷ୍କାସନ ସମସ୍ୟା ଯୋଗୁଁ ଧାନ ପାଣିରେ ବୁଡ଼ି ରହିଥିଲା। ଏହାର କିଛିଦିନ ପରେ ଚାଷୀ ତାର ଧାନ କ୍ଷେତକୁ ହଜାର ହଜାର ଟଙ୍କା ବିନିଯୋଗ କରି ସଜାଡ଼ିବାକୁ ବହୁ ଚେଷ୍ଟା କରିଥିବା ସମୟରେ ବାତ୍ୟା 'ଦାନା' ବୋଝ ଉପରେ ନଳିତା ବିଡ଼ା ସାଜିଛି। ଅକ୍ଟୋବର ମାସରେ ଆସିଥିବା ବାତ୍ୟା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି। ଯେଉଁ ଫସଲ ଦେଖି ଦିନେ ଚାଷୀ ଖୁସି ହେଉଥିଲା। ଆଜି ସେହି ଫସଲକୁ ବାତ୍ୟା ଉଜାଡ଼ି ଦେଇଛି। ପରିବାର ପ୍ରତିପୋଷଣକୁ ନେଇ ଚିନ୍ତାରେ ପଡ଼ିଛି ଚାଷୀ। କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଏହାସହ ରାଜନଗର ଅଂଚଳରେ ବାତ୍ୟା ଲ୍ୟାଣ୍ଡଫଲ କରି ଅଧିକ କ୍ଷୟକ୍ଷତି ହୋଇଥିବାରୁ ଏହି ଅଂଚଳକୁ ଗ୍ରସ୍ତ କରି ଆଜି ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ଥିତି ଅନୁଧାନ କରିବାକୁ ଯାଇ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହେଲେ କେବଳ ଯେ ରାଜନଗର ଅଂଚଳ ବିଶେଷ ଭାବେ କ୍ଷତି ହୋଇଛି ତାହା ନୁହେଁ ବରଂ ଜିଲ୍ଲାର ଥିବା ୯ଟି ବ୍ଲକର ୬୦%ରୁ ଉର୍ଦ୍ଧ୍ୱ ଧାନ ଫସଲ ଉପରେ ବାତ୍ୟାର ପ୍ରଭାବ ପଡ଼ିଥିବା ଦେଖାଦେଇଛି। ଯାହାକୁ ନେଇ ଚାଷର କ୍ଷୟକ୍ଷତି ସମୀକ୍ଷା କରି କ୍ଷତିପୂରଣ ଦେବାକୁ ଚାଷୀଙ୍କ ମହଲରେ ଦାବି ହୋଇଛି।

# ଦାନା ବାତ୍ୟାରେ ବାସୁଦେବପୁର ବ୍ଲକରେ ଧାନ ଚାଷ, ଘର ଓ ଅନେକ ଗଛ ପତ୍ର ନଷ୍ଟ



ବାସୁଦେବପୁର: ବାସୁଦେବପୁର ବ୍ଲକ ରେ ଦାନା ବାତ୍ୟା ରେ ଶହ ଶହ କୋଟି ଟଙ୍କାର ଧାନ ଚାଷ ନଷ୍ଟ ହେବା ସହିତ ମାଟି ଘର,ଆଜ ବେଷ୍ଟ ଘର ଧ୍ୱଂସ ହୋଇଛି ଓ ହଜାର ହଜାର ଗଛ ପତ୍ର ଭାଙ୍ଗି ନଷ୍ଟ ହୋଇଛି । ଏ ପର୍ଯ୍ୟନ୍ତ ବାସୁଦେବପୁର ଲୋକଙ୍କ ଆଖିରୁ ଲୁହ ଶୁଖି ନାହିଁ । ଓଡିଶାର ୧୯୯୯ ମସିହା ମହାବାତ୍ୟା କଥା ଏବେ ଲୋକଙ୍କ ମନେ ପଡ଼ି ଯାଉଛି କ୍ଷ ଏହି ଦାନା ବାତ୍ୟା ପ୍ରକୃତରେ ଦେଖିବାକୁ ଗଲେ ଲୋକଙ୍କ ମୁହଁରୁ ଦାନା ଛଡାଇ ନେଇଛି । ଅନେକ ଲୋକ କାନ୍ଦୁଛନ୍ତି । ଏହି ଦୁଃଖ ଓ ବିପଦ ସମୟରେ କିଛି ସ୍ୱେଚ୍ଛା ସେବୀ ସଂସ୍ଥା ରିଲିଫ ବଣ୍ଟନ କରୁଛନ୍ତି । ବାତ୍ୟାର ପୂର୍ବ ଦିନ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବାସୁଦେବପୁର ରେ ପହଞ୍ଚି ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ଲୋକ ମାନଙ୍କର ଦୁଃଖ ଓ ସମସ୍ୟା ବୁଝି ଥିଲେ । ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ବିଭିନ୍ନ ପଂଚାୟତରେ ବୁଲି ଜନ ସାଧାରଣ ଙ୍କ ସମସ୍ୟା କଥା ବୁଝିଛନ୍ତି । ବାସୁଦେବପୁର ବିଧାୟକ ମାନ୍ୟବର ଅଶୋକ କୁମାର ଦାସ, ଭାରତୀୟ ଜନତା ପାର୍ଟିର ନେତା ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ମନୋଜ ନାୟକ, ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ପ୍ରମୁଖ ବିଭିନ୍ନ ପଂଚାୟତରେ ବୁଲି ଲୋକ ମାନେ କିପରି ସାହାଯ୍ୟ ସହଯୋଗ ପାଇବେ ସେ କଥା ବୁଝିଚନ୍ତି । ଅନେକ ଚାଷ ଜମି ନଷ୍ଟ ହୋଇଛି । ବାସୁଦେବପୁର ରେ ଓଡ୍ରଫ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ହଜାର ହଜାର ଗଛ ପତ୍ର ଭାଙ୍ଗି ନଷ୍ଟ ହୋଇଛି । ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ଠିକ୍ ଭାବେ ଲୋକ ମାନେ ପାଇ ନାହାନ୍ତି । ଅନେକ ଲୋକ ହଇରାଣ ହେଉଛନ୍ତି । ଏହି ଘଡି ସନ୍ଧି ମୁହୂର୍ତ୍ତରେ ଯୁଦ୍ଧ କାଳୀନ ଭିତ୍ତିରେ ସବୁ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଓ ଖୁବ ଦ୍ରୁତ ଗତିରେ କାର୍ଯ୍ୟ ଚାଲିଛି । ବାସୁଦେବପୁର ବିଡ଼ିଓ ସଞ୍ଜୀବ କୁମାର ସାହୁ,ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଏସ ଡି ପି ଓ ସୌରଭ ଓତା,ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ମେଡ଼ିକାଲ ଅଫିସର ଡାକ୍ତର ସୁଶାନ୍ତ ସାମନ୍ତ, ଇଲେକ୍ଟ୍ରିକାଲ ଏସ ଡି ଓ ରାକେଶ ଦାସ,ବାସୁଦେବପୁର ପୌର ପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ଫରେଷ୍ଟ ବିଭାଗ, ଦମକଳ ବିଭାଗ,ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ତଥା ବିଭିନ୍ନ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ନିଜର କାର୍ଯ୍ୟ କୁ ଠିକ୍ ଭାବେ ତୁଲାଉଛନ୍ତି । ତାପରେ ମଧ୍ୟ ବିଭିନ୍ନ ସମସ୍ୟା ରହି ଯାଉଛି । ଏହି ବାତ୍ୟାରେ ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି । ଅନେକ ଧାନ ଚାଷ ନଷ୍ଟ ହୋଇଛି ପ୍ରବଳ ପବନ ରେ ଓ ବର୍ଷା ପାଣିରେ । ବାସୁଦେବପୁର ବ୍ଲକ ର ବିଭିନ୍ନ ପଂଚାୟତରେ ସରପଞ୍ଚ ସମିତି ସଭ୍ୟ ଲୋକ ପ୍ରତିନିଧି ମଧ୍ୟ ଏହି ବାତ୍ୟା ସମୟର ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଛନ୍ତି । ଏହି ବାତ୍ୟା ପୂର୍ବରୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡ଼ିଓ ସଞ୍ଜୀବ କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ ଓ ବହୁ ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ବ୍ଲକ୍ ପ୍ରଶାସନିକ ଅଧିକାରୀ ବାତ୍ୟା ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ଏହି ବାତ୍ୟା ରେ ଅନେକ ରାସ୍ତା ଘାଟ ମଧ୍ୟ ନଷ୍ଟ ହୋଇଛି । ବାସୁଦେବପୁର ବ୍ଲକ ରେ ଯେଉଁ ଚାଷୀ ମାନଙ୍କ ଧାନ ଚାଷ ନଷ୍ଟ ହୋଇଛି ସେଥି ପ୍ରତି ରାଜସ୍ୱ ବିଭାଗ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ସେମାନଙ୍କୁ ଆର୍ଥିକ କ୍ଷତି ପୂରଣ ଦେବାକୁ ଜନସାଧାରଣ ରେ ଦୃଢ଼ ଦାବି ହୋଇଛି ।

# କାର୍ ଧକ୍କାରେ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ

ଜୟପୁର, ୨୭/୧୦ (ନି.ପ୍ର): କାର ଧକ୍କାରେ ଗୁରୁତର ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ମୃତ ବୃଦ୍ଧା ଜଣକ ହେଉଛନ୍ତି ଜୟପୁର ଗଙ୍ଗାନଗରରେ ରହୁଥିବା ଦୁର୍ଯ୍ୟୋଧନ ସେନାପତିଙ୍କ ସ୍ତ୍ରୀ ଶଶିରେଖା ସେନାପତି (୮୦)। ଗତ ରବିବାର ଶଶି ରେଖା ଗଙ୍ଗାନଗର ଛକରେ ଠିଆ ହୋଇଥିବା ସମୟରେ କାରଟି ପଛପଟୁ ଧକ୍କା ଦେଇଥିଲା । ଫଳରେ ଶଶିରେଖାଙ୍କ ହାଡ, ଛାତିର ପଞ୍ଜରା ହାଡ ଭାଙ୍ଗି ଯାଇଥିଲା । ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ବାହାର ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଶଶି ରେଖାଙ୍କ ଗୋଟିଏ ପୁଅ ଜନ୍ମରୁ ଆଖିକୁ ଦିଶୁ ନଥିବା ବେଳେ ଆର୍ଥିକ ଅନାଟନ ଦେଇ ଗତି କରିଛନ୍ତି । ଅର୍ଥ ଅଭାବରୁ ପରିବାର ଲେକେ ଗୁରୁତର ଅବସ୍ଥାରେ ଥିବା ଶଶି ରେଖାକୁ ଘରକୁ ଆଣିଥିଲେ । ଆଜି ଭୋର ୫ଟା ସମୟରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

# ଗାଁରେ ଦେଶୀ ଓ ବିଦେଶୀ ମଦର ବନ୍ୟା ମଦ ବନ୍ଦ ପାଇଁ ଅଂଟା ଭିଡ଼ିଲେ ମହିଳା ସଂଗଠନ

କନ୍ଧମାଳ, ୨୭/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଂଚଳରେ ଦିନକୁ ଦିନ ବେଆଇନ ଦେଶୀ ମଦ ଓ ଚୋରାରେ ବିଦେଶୀ ମଦ ଖୁଲମଖୁଲା ବିକ୍ରୀ ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ବିଭାଗ ନିରବଦ୍ରଷ୍ଟା ସାଜିଛି ବାଲିଗୁଡ଼ା ଥାନା ଅନ୍ତର୍ଗତ ଆଡିମାହା ଗ୍ରାମ ପଂଚାୟତରେ ବେଆଇନ ଭାବେ ଦେଶୀମଦ ରନ୍ଧା ଓ ଚୋରା ବିଦେଶୀ ମଦ ବିକ୍ରୀକୁ ନେଇ ବାଲିଗୁଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି ଆଦିଶକ୍ତି ନାରୀସଂଘର ସଦସ୍ୟାମାନେ। କିଛିଦିନ ହେଲା ଆଡିମାହା ପଂଚାୟତର ପାଟାମାହା, ସାଙ୍କୁସବାଲି, ବୁର୍ଡାକିଆ, ସୁଡାଗୁଡୁ ଓ ମାଲରପଦର ଗ୍ରାମରେ ପ୍ରଚୁର ପରିମାଣରେ ଦେଶୀ ମହୁଲି ମଦ ରନ୍ଧା ଓ ବିକ୍ରୀ ହୋଉଥିବା ଅଭିଯୋଗ କରିଛନ୍ତି ମହିଳାମାନେ। ମଦ ପିଇ ତାଙ୍କ ସ୍ୱାମିମାନେ ମହିଳାଙ୍କୁ ମାରଧର କରିବା ସହିତ ଗ୍ରାମରେ ବିଭିନ୍ନ ଅରାଜକତା ଘଟାଉଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଆଦିଶକ୍ତି ନାରୀସଂଘ ବାରମ୍ବାର ଅବକାରୀ ବିଭାଗ ପୋଲିସକୁ ଜଣାଇଥିଲେ ମଧ କିଛି ସୁଫଳ ମିଳୁନାହିଁ। ଆଜି ଆଦିଶକ୍ତି ନାରୀସଂଘର ପାଂଚଖଣ୍ଡ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ବାଲିଗୁଡ଼ା ଥାନାରେ ମଦବିକ୍ରୀ ଓ ରାନ୍ଧୁଥିବା ଲୋକଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବା ଦେଖିବାକୁ ମିଳିଛି। ତାଙ୍କ ସ୍ୱାମୀମାନେ ମଦ ପିଇବା ଦ୍ୱାରା ଘରେ ଅଶାନ୍ତି କରିବା ସହିତ ପିଲା, ଛୁଆ ପାଠ ପଢ଼ି ପାରୁନଥିବା କହିଛନ୍ତି ମାଆମାନେ। ବାଲିଗୁଡ଼ା ପୋଲିସ ନାରୀସଂଘ ଠାରୁ ଏତଲା ରଖିବା ସହିତ ଖୁବ୍‌ଶୀଘ୍ର ମଦ ବିକ୍ରୀ ଓ ରାନ୍ଧୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ପରେ ଘରକୁ ଫେରିଛନ୍ତି। ମହିଳାମାନେ। ଆଗାମୀ ଦିନରେ ଗ୍ରାମରୁ ଯଦି ପୋଲିସ ଓ ଅବକାରୀ ବିଭାଗ ମଦବିକ୍ରୀ ଓ ରନ୍ଧା ବନ୍ଦ ନକରନ୍ତି ତାହାହେଲେ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହେବବୋଲି ଚେତାବନୀ ଦେଇଛି ଆଦିଶକ୍ତି ମହିଳା ସଂଘର ସଦସ୍ୟା ଲିପ୍ସା ପ୍ରଧାନୀ ନାରୀସଂଘ ସଦସ୍ୟ ପ୍ରଭାଜିନି ଦିଗାଲ ତେବେ ପ୍ରଶାସନ କେବେ କାର୍ଯାନୁଷ୍ଠାନ ନେଉଛି ଦେଖିବାକୁ ବାକିରହିଲା।

# ବଲାଙ୍ଗିର ଦିନ୍ ପାଇଁ ବିଭିନ୍ନ ପ୍ରତିଯୋଗିତା

ବଲାଙ୍ଗିର, ୨୭/୧୦ (ନି.ପ୍ର): ବଲାଙ୍ଗିର ଦିନ୍ ପାଳନ ଉପଲକ୍ଷେ ବଲାଙ୍ଗିରର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ମାନ ବିଭିନ୍ନ ସଂଗଠନ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ବଲାଙ୍ଗିର ପିପି ଏକାଡେମୀ ଠାରେ ବଲାଙ୍ଗିର ଦିନ୍ ଆୟୋଜକ ମଂଚ କମିଟି ତରଫରୁ ଉଦ୍‌ଘୋଷକ / ଉଦ୍‌ଘୋଷିକା ଚୟନ କରାଯାଇଥିଲା । ଏଥିରେ ମଂଚ ପରିଚାଳନା କରିଥିଲେ ନୂତନ ସେଦ୍ରିଆ ଏବଂ ବିଚାରକ ଭାବେ ପ୍ରଶାନ୍ତ ଖମାରୀ । ବିରେନ୍ଦ୍ର ଝାଙ୍କର, ହିମାଂଶୁ ଖମାରୀ ଓ ନିରୁପମା ଉଦ୍‌ଗାତା ଥିଲେ । ସେହିପରି ସକାଳ ୯ଟା ସମୟରେ ଆର୍ଟ ଅଫ୍ ଅଧ୍ୟୟନ ତକ୍ଷକ ଖବର କାଗଜ ପକ୍ଷରୁ ବଲାଙ୍ଗିର ଟାଉନ ବାଳିକା ବିଦ୍ୟାଳୟରେ ଆର୍ଟ ଏବଂ କ୍ରାଫ୍ଟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏହାକୁ ପରିଚାଳନା କରିଥିଲେ ରଘୁ ନନ୍ଦନ ସିଂ ଏବଂ ବିଚାରକ ଭାବେ ବାସୁଦେବ ମେହେର, ଦିଲିପ ସିଂଦେଓ ଓ ହିମାନୀ ତ୍ରିପାଠି ଉପସ୍ଥିତ ଥିଲେ । ସନ୍ଧ୍ୟାରେ ମହନୀ ନୃତ୍ୟ କଳା ଓ ଗବେଷଣା କେନ୍ଦ୍ର ତରଫରୁ ବଲାଙ୍ଗିର ଟାଉନ ବାଳିକା ବିଦ୍ୟାଳୟ ରେ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ପରିଚାଳନା କରିଥିଲେ ବିରେନ୍ଦ୍ର ପାଣ୍ଡେ ଓ ମାନସୀ ସାହୁ । ବିଚାରକ ଭବରେ ଡ. ଅର୍ଚ୍ଚନା ପାଢୀ, ଶାନ୍ତନୁ ପୁରୋହିତ ଓ ବନଶ୍ରୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଅର୍ଦ୍ଧବାର୍ଷିକ ଉପଦେଷ୍ଟା କମିଟି ବୈଠକ

ସମ୍ବଲପୁର, ୨୭/୧୦ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡ଼ି, କେ.ଏନ.ଏଚ ଏବଂ ତିଲେଇବଣୀ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ତଥା ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ତିଲେଇବଣି ବ୍ଲକ କନଫରେନ୍ସ ହଲରେ ଆଜି ଏକ ବ୍ଲକସ୍ତରୀୟ ଅର୍ଦ୍ଧବାର୍ଷିକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସର୍ବପ୍ରଥମେ ସ୍ନେହ ପ୍ରକଳ୍ପର ସ୍ପନ୍ସରସିପ ଅଫିସର ପ୍ରିୟଙ୍କା ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା, ବିଦ୍ୟାଳୟ ଅଧାରୁ ପାଠ ଛାଡ଼ିବା, ବାଲ୍ୟ ବିବାହ ଇତ୍ୟାଦିକୁ କିପରି ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଅସହାୟ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକ ସେମାନଙ୍କ ପାଖକୁ କିପରି ଭଲଭାବରେ ପହଂଚାଇ ପାରିବା ସେ ବିଷୟରେ ଆଲୋଚନା କରିଥିଲେ। ରଘୁନାଥ ପାଣିଗ୍ରାହୀ ଶିଶୁମାନଙ୍କର ଅଧିକାର ବିଷୟରେ କହିବା ସହିତ ବ୍ଲକ ଓ ଗ୍ରାମ ସ୍ତରରେ ଥିବା ଶିଶୁମାନଙ୍କର ବିଭିନ୍ନ କମିଟି କିପରି ଭଲ ଭାବରେ କାର୍ଯ୍ୟକାରୀ କରିବା ସେ ବିଷୟରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପ୍ରକଳ୍ପ ଅଧିକାରୀ ଭୁବନେଶ୍ୱର ଦ୍ୱିବେଦୀ ସିଡି ଅନୁଷ୍ଠାନ ପୃଷ୍ଠଭୂମି ବିଷୟରେ କହିଥିଲେ। ସ୍ନେହ ପ୍ରକଳ୍ପର ପ୍ରୋଗ୍ରାମ ଅଫିସର ସଂସାର ବାଗ ସ୍ନେହ ପ୍ରକଳ୍ପରେ ଚାଲିଥିବା ବିଭିନ୍ନ କାର୍ଯକ୍ରମ ଓ ଆଗାମୀ ଦିନର ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରତିନିଧି, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପ୍ରତିନିଧି, ଗ୍ରାମ ପଂଚାୟତ ସଚିବ ତଥା ଦୁଧିଆନାଳୀ, ଢୋଲାପଡା ଓ କଂସର ଗ୍ରାମ ପଂଚାୟତର ଅଭିଭାବକ ଅଭିଭାବିକା, ଶିଶୁ ଏବଂ ସ୍ନେହ ପ୍ରକଳ୍ପର କର୍ମକର୍ତା ଉପସ୍ଥିତ ଥିଲେ। ଶେଷରେ ସ୍ନେହ ପ୍ରକଳ୍ପର ସଂଯୋଜକ ତପନ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକକୁ ସାଙ୍ଗ କରିଥିଲେ।

# ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତା ନିର୍ବାଚନ: ଡ. ସୁବାସ ଚନ୍ଦ୍ର ପାତ୍ର ସଭାପତି ଓ ଡ. ରତ୍ନାକର ସିଂହ ସଂପାଦକ





ବାଲେଶ୍ୱର, ୨୭/୧୦ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦର ଆଗାମୀ ୨୦୨୪-୨୭ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ସୁବାସ ଚନ୍ଦ୍ର ପାତ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଡ. ରତ୍ନାକର ସିଂହ ୧୩୬ ଖଣ୍ଡ ଭୋଟ ପାଇ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ବିପକ୍ଷରେ ଡ. ପ୍ରଦୀପ୍ତ କୁମାର ମିଶ୍ର ୯୯ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ଉପସଭାପତି ଭାବେ ଅଞ୍ଜଳି ପଣ୍ଡା ଓ ଦୀନବନ୍ଧୁ ଲେଙ୍କା ବିଜୟ ହାସଲ କରିଥିବାବେଳେ ଯତୀନ୍ଦ୍ର ପୁହାଣ ପରାଜୟ ବରଣ କରିଛନ୍ତି। ଯୁଗ୍ମ ସଂପାଦକ ଭାବେ କଲ୍ୟାଣୀ ନନ୍ଦ ଓ ରାଜେଶ ଗିରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ତନପ ରାୟ ନିର୍ଦ୍ୱନ୍ଦ୍ୱରେ ତାଙ୍କର ପୂର୍ବ ଆସନ ବଜାୟ ରଖିପାରିଛନ୍ତି। ପରିଷଦ ଇତିହାସରେ ପ୍ରଥମ କରି ନିର୍ବାଚନ ହୋଇଥିବା କାର୍ଯ୍ୟକାରୀ ସମିତିର ସଭ୍ୟ ଭାବରେ ଡ. ଶିରୀଶ ଚନ୍ଦ୍ର ଜେନା, ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ସାରଙ୍ଗଧର ତ୍ରିପାଠୀ, ରଂଜନ ବାଗ, ପ୍ରଦୀପ ଚାଟାର୍ଜୀ, ସ୍ମୃତି ଦାସ, ଡ. ହରିଶ୍ଚନ୍ଦ୍ର ବେହେରା, ବିଷ୍ଣୁପ୍ରସାଦ ମହାନ୍ତି, ଯଶୋଧାରା ଦାସ ଓ ଡ. ସୁକାନ୍ତ ଗିରି ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ସଂଜୟ ପଣ୍ଡା, କରୁଣାକର ସ, ଡ. କୁମାର ଗୋପାଲ, ଶାନ୍ତିଲତା ପଣ୍ଡା ଓ ପ୍ରବୀର କାମିଲା ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବାହ୍ଣ ୯ ଘଟିକା ସମୟରେ ପରିଷଦର ସାଧାରଣ ପରିଷଦ ବୈଠକ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇ ଦିନ ୧.୩୦ ପର୍ଯ୍ୟନ୍ତ ଚାଲିଥିଲା। ସଂପାଦକ ଦୀପକ ବୋଷ ସଂପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ତପନ ରାୟ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଦିନ ଦୁଇଟାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହୋଇଥିଲା। ଭୋଟ ଗଣତି ପରେ ରାତି ୯.୩୦ ସମୟରେ ଫଳାଫଳ ଘୋଷଣା କରାଯାଇଥିଲା।

# ଐତିହାସିକ ସାଲିହା ପାହାଡ଼ ଧ୍ୱଂସାଭିମୁଖୀ: ମାତିଛନ୍ତି ପଥର ମାଫିଆ

ନୂଆପଡ଼ା, ୨୭/୧୦ (ନି.ପ୍ର): ଅସ୍ତିତ୍ୱ ହରାଇବାକୁ ବସିଛି ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍‌ର ଐତିହାସିକ ସାଲିହା ପାହାଡ଼। ଏହି ପାହାଡ଼ ପାଦଦେଶରୁ ପ୍ରତିଦିନ ଅବାଧ ପଥରଖୋଳା ଚାଲିଛି। ପାହାଡ଼ର ଅବକ୍ଷୟ ନେଇ ପରିବେଶପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୯୩୦ ସେପ୍ଟେମ୍ବର ୩୦ରେ ବ୍ରିଟିସ୍ ପୁଲିସର ଲାଠି ଓ ଗୁଳିରେ ସଲିହାଗଡ଼ ପାହାଡ଼ ରକ୍ତରଞ୍ଜିତ ହୋଇ ଯାଇଥିଲା। ବ୍ରିଟିସରାଜର ଜଙ୍ଗଲ ବିଭାଗର ଜଙ୍ଗଲୀ କାନୁନ୍‌କୁ ବିରୋଧ କରିବା ଓ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହକୁ ସମର୍ଥନ କରି ହଜାର ହଜାର ପୁରୁଷ, ମହିଳା ଏକ ସାଧାରଣ ସଭାରେ ଏଠାରେ ସମ୍ମିଳିତ ହୋଇଥିଲେ। ବ୍ରିଟିସ ପୁଲିସର ଅତର୍କିତ ଆକ୍ରମଣ ଯୋଗୁଁ ସଭାରେ ଉପସ୍ଥିତ ସମସ୍ତେ ଛିନ୍ନଛତ୍ର ହୋଇଗଲେ। ଏହି ସାଲିହା ପାହାଡ଼ ମୂକସାକ୍ଷୀ ହୋଇ ରହିଛି। ଏହି ଐତିହାସିକ ପାହାଡ଼ ଏବେ ଧ୍ୱଂସାଭିମୁଖୀ। ପଥର ଚାଲାଣ ଯୋଗୁଁ ଅଧା ପାହାଡ଼ କୋରି ହୋଇଗଲାଣି। ସାଲିହା ପାହାଡ଼ରେ ଅନେକ ବନ୍ୟପ୍ରାଣୀ ବସବାସ କରୁଥିବା ବେଳେ ସମ୍ପୂର୍ଣ୍ଣ ପାହାଡ଼ ନୂଆପଡ଼ା ରେଞ୍ଜ ଅଧୀନରେ ରହିଛି। ସ୍ଥାନୀୟ ଅଞ୍ଚଳରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ରାସ୍ତାଘାଟ, ପ୍ରକଳ୍ପ ନିର୍ମାଣ, ଘର ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ପଥର ଓ ମାଟି ଏଠାରୁ ଚାଲାଣ ହେଉଛି। ଏଥିରେ ରୋକ୍ ଲଗାଇବା ପାଇଁ ଲୋକେ ପ୍ରଶାସନର ହସ୍ତକ୍ଷେପ ଲୋଡ଼ୁଛନ୍ତି। ଏହାକୁ ପର୍ଯ୍ୟଟନସ୍ଥଳୀ ରୂପେ ସରକାର ମାନ୍ୟତା ଦିଅନ୍ତୁ ବୋଲି ସମାଜସେବୀ ଡା. କମଳ କିଶୋର ପଣ୍ଡା ଦାବି କରିଛନ୍ତି। ସେହିପରି ଏହି ସାଲିହା ପାହାଡ଼ରେ ବିସ୍ଫୋରଣ ହେତୁ ସାଲିହା ଓ ହଂସପୁରୀ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଖଣି ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଯଦି ଏକ ଐତିହାସିକ ପାହାଡ଼ ଧ୍ୱଂସ ହେବାକୁ ଯାଉଛି ତା'ହେଲେ ଖଣି ବିଭାଗ ସହ ଆଲୋଚନା କରି ଏହାର ସୁରକ୍ଷା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ବାତ୍ୟା ପ୍ରଭାବିତଙ୍କୁ ଭେଟିଲେ ବିଜେପି ନେତ୍ରୀ ଗୀତା ସେଠୀ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ବାତ୍ୟା ପୀଡ଼ିତଙ୍କୁ ଭେଟି ସମବେଦନା ଓ ସହାୟତାର ଆଶ୍ୱାସନା ଦେଇଛନ୍ତି ବିଜେପି ନେତ୍ରୀ ଗୀତା ସେଠୀ। ଶ୍ରୀମତୀ ସେଠୀ ନିର୍ବାଚନ ମଣ୍ଡଳୀର ୫ନଂ, ୬ନଂ, ୭ନଂ, ୮ନଂ, ୧୫ନଂ ଓ ୧୬ନଂ ଜୋନ୍‌ରେ ଥିବା ପଂଚାୟତଗୁଡ଼ିକ ବୁଲି ବିପନ୍ନମାନଙ୍କୁ ଭେଟିଥିଲେ। ଇନ୍ଦୁପୁର, ଧୂମାତ, ଚାରିଗାଁ, ଢୋଲ, ଆୟବା, ପୁରୁଷୋତମପୁର, କଂସାର, ଗାଙ୍ଗପଡ଼ା, କେଶପୁର, ଚନ୍ଦନପୁର, ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମନୋହୀ, ବଲୁରିଆ, ବଡ଼ ମୂଳବସନ୍ତ ପ୍ରଭୃତି, ପଂଚାୟତରେ ବାତ୍ୟା ପୀଡ଼ିତଙ୍କୁ ଭେଟିବା ସହ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇ ସେଠାରେ ରହୁଥିବା ଜନ ସାଧାରଣଙ୍କୁ ଭେଟି ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏବଂ ପାନୀୟ ଜଳ, ଔଷଧ ପତ୍ର ଠିକ୍ ସମୟରେ ଖାଦ୍ୟ ମିଳୁଛି କି ନାହିଁ ଏ ସମ୍ବନ୍ଧରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ପୌରାଂଚଳରେ ଥିବା ଇଛାପୁର ହାଇସ୍କୁଲ, ତୁଳସୀ ମହିଳା ମହାବିଦ୍ୟାଳୟ, ବଳଦେବ ହାଇସ୍କୁଲ ଏବଂ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ଜନ ସାଧାରଣଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିଥିଲେ। ତାଙ୍କସହ ବିଭିନ୍ନ ଜୋନ୍‌ର ବିଜେପି ସଭାପତି ଓ ମଣ୍ଡଳ ସଭାପତଙ୍କ ସହ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

# ମୃତ ଦୁଗ୍ଧ ସମିତି ସମ୍ପାଦକଙ୍କ ପରିବାରଙ୍କୁ ମିଳିଲା ୫ ଲକ୍ଷ୍ୟ ଟଙ୍କା ବୀମା ରାଶି

ବଲାଙ୍ଗିର, ୨୭/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର (ଡୁଡୁକା) ବ୍ଲକ ତବକଟି ଦୁଗ୍ଧ ଶୀତଳକ କେନ୍ଦ୍ର ଅଧୀନରେ ଦୁଗ୍ଧ ଯୋଗାଣ କରୁଥିବା ସାନଟିକା ଦୁଗ୍ଧ ସମିତିର ସମ୍ପାଦକ ଲମ୍ବୋଦର ପଧାନଙ୍କ ହଠାତ୍ ଆକସ୍ମିକ ମୃତ୍ୟୁ ଘଟିଥିଲା । ଲମ୍ବୋଦର ପଧାନ ଏକମାତ୍ର ଘରର ମୁଖ୍ୟ ଆୟଶ୍ରୋତକାରୀ ଥିଲେ । ବଲାଙ୍ଗିର, କଳାହାଣ୍ଡି, ନୂଆପଡା ଆଂଚଳିକ ଦୁଗ୍ଧ ସଂଘ (ଓମ୍‌ଫେଡ଼) ଏବଂ ଦୁଗ୍ଧ ସମିତିର ସହାଭାଗିତାରେ କରାଯାଇଥିବା ବୀମା ରାଶି ବାବଦକୁ ମୃତ ସମ୍ପାଦକଙ୍କ ପତ୍ନୀ ଶୋଭାଗିନୀ ପଧାନଙ୍କୁ ୫ ଲକ୍ଷ ଟଙ୍କାର ଏକ ଚେକ୍ ରୋଥ୍ ଦୁଗ୍ଧ ସମିତି ପରିସରରେ ବିକେଏନ୍ ଆଂଚଳିକ ଦୁଗ୍ଧ ସଂଘର ସଭାପତି ସୀମା ପଟେଲ, ସୁପିଭାଇର୍ଜ କୃଷ୍ଣକେଶବ ମହାକୁର, ସମାଜସେବୀ ସଚିକାନ୍ତ ପଟେଲଙ୍କ ସମେତ ଆଗଲପୁର ବ୍ଲକର ସମ୍ପାଦକ, ସମ୍ପାଦିକାଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିବାରୁ ଏହି ବ୍ଲକରେ ଥିବା ଦୁଗ୍ଧ ଚାଷୀଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି ।


# ବ୍ଲକସ୍ତରୀୟ ଅର୍ଦ୍ଧବାର୍ଷିକ ଉପଦେଷ୍ଟା କମିଟି ବୈଠକ

ସମ୍ବଲପୁର, ୨୭/୧୦ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡ଼ି, କେ.ଏନ.ଏଚ ଏବଂ ତିଲେଇବଣୀ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ତଥା ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ତିଲେଇବଣି ବ୍ଲକ କନଫରେନ୍ସ ହଲରେ ଆଜି ଏକ ବ୍ଲକସ୍ତରୀୟ ଅର୍ଦ୍ଧବାର୍ଷିକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସର୍ବପ୍ରଥମେ ସ୍ନେହ ପ୍ରକଳ୍ପର ସ୍ପନ୍ସରସିପ ଅଫିସର ପ୍ରିୟଙ୍କା ବାରିକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଦେବଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଶିଶୁ ଶ୍ରମିକ, ଶିଶୁ ଯୌନ ନିର୍ଯାତନା, ବିଦ୍ୟାଳୟ ଅଧାରୁ ପାଠ ଛାଡ଼ିବା, ବାଲ୍ୟ ବିବାହ ଇତ୍ୟାଦିକୁ କିପରି ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଅସହାୟ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଗୁଡିକ ସେମାନଙ୍କ ପାଖକୁ କିପରି ଭଲଭାବରେ ପହଂଚାଇ ପାରିବା ସେ ବିଷୟରେ ଆଲୋଚନା କରିଥିଲେ । ରଘୁନାଥ ପାଣିଗ୍ରାହୀ ଶିଶୁମାନଙ୍କର ଅଧିକାର ବିଷୟରେ କହିବା ସହିତ ବ୍ଲକ ଓ ଗ୍ରାମ ସ୍ତରରେ ଥିବା ଶିଶୁମାନଙ୍କର ବିଭିନ୍ନ କମିଟି କିପରି ଭଲ ଭାବରେ କାର୍ଯ୍ୟକାରୀ କରିବା ସେ ବିଷୟରେ ଆଲୋକପାତ କରିଥିଲେ । ବାଲ୍ୟ ବିବାହ ପ୍ରକଳ୍ପ ଅଧିକାରୀ ଭୁବନେଶ୍ୱର ଦ୍ୱିବେଦୀ ସିଡି ଅନୁଷ୍ଠାନ ପୃଷ୍ଠଭୂମି ବିଷୟରେ କହିଥିଲେ । ସ୍ନେହ ପ୍ରକଳ୍ପର ପ୍ରୋଗ୍ରାମ ଅଫିସର ସଂସାର ବାଗ ସ୍ନେହ ପ୍ରକଳ୍ପରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନର ଯୋଜନା ବିଷୟରେ ଅବଗତ କରାଇଥିଲେ। ଏହି ବୈଠକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରତିନିଧି, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପ୍ରତିନିଧି, ଗ୍ରାମ ପଂଚାୟତ ସଚିବ ତଥା ଦୁଧିଆନାଳୀ, ଢୋଲାପଡା ଓ କଂସର ଗ୍ରାମ ପଂଚାୟତର ଅଭିଭାବକ ଅଭିଭାବିକା, ଶିଶୁ ଏବଂ ସ୍ନେହ ପ୍ରକଳ୍ପର କର୍ମକର୍ତା ଉପସ୍ଥିତ ଥିଲେ । ଶେଷରେ ସ୍ନେହ ପ୍ରକଳ୍ପର ସଂଯୋଜକ ତପନ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକକୁ ସାଙ୍ଗ କରିଥିଲେ ।

# ବୟସ ବ୍ୟବଧାନ ଯୋଗୁଁ କପଲଙ୍କ ମଧ୍ୟରେ ହୋଇଥାଏ କି କଳି ? ଜାଣନ୍ତୁ ଏହା କେତେ ଭଲ ଓ କେତେ ଖରାପ

**ମୁଦ୍ରାର ଦୁଇ ପାର୍ଶ୍ୱ ପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ହୋଇଥାଏ । ବେଳେବେଳେ ଏଥିରେ ଦୁଃଖ ଥାଏ, ବେଳେବେଳେ ସୁଖ ଥାଏ ଏବଂ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଖଟା-ମିଠା ଯୁକ୍ତି ମଧ୍ୟ ରହିଥାଏ। ବିବାହ ଏବଂ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସମ୍ବନ୍ଧୀୟ ଅନେକ ଜିନିଷ ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ବୟସ ବ୍ୟବଧାନ ସେମାନଙ୍କ ମଧ୍ୟରୁ ଗୋଟିଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ, ଅର୍ଥାତ୍ ବୟସ ବ୍ୟବଧାନ ଅଧିକ ରହିଥାଏ, ତେବେ ସମ୍ପର୍କ ମଧ୍ୟରେ ଦୁଃଖ ଜନ୍ମ ହୁଏ ଏବଂ ଧୀରେ ଧୀରେ ମତଭେଦ ହୁଏ। ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞ କହିଛନ୍ତି ଯେ ଯଦି ବୟସ ବ୍ୟବଧାନ ଆବଶ୍ୟକତାଠାରୁ ଅଧିକ, ତେବେ ସାଧାରଣ ଅପେକ୍ଷା ସମ୍ପର୍କ ମଧ୍ୟରେ ଉତ୍ଥାନ-ପତନ ଦେଖିବାକୁ ମିଳିବ। ଏହା ପଛର କାରଣ ହେଉଛି ଗ୍ରହ ଏବଂ ବ୍ୟକ୍ତିର ମାନସିକତା। ପ୍ରଥମେ, ଗ୍ରହମାନଙ୍କର ଖେଳକୁ ବ୍ୟାଖ୍ୟା କରାଯାଇଛି।**



◆ କ'ଣ ଘଟେ ଯେ ଯେତେବେଳେ ବୟସ ବ୍ୟବଧାନ ଅଧିକ ହୁଏ, ଏହା ଗ୍ରହ ଏବଂ ନକ୍ଷତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତାହା ହେଉଛି, ଯଦି ଝିଅ ଏବଂ ପୁଅର ଗ୍ରହ ନକ୍ଷତ୍ରଗୁଡିକ ମିଳିତ ହୁଏ, କିନ୍ତୁ ଗ୍ରହମାନେ ରାଶିଫଳରେ ପରସ୍ପରଠାରୁ ବହୁ ଦୂରରେ, ତେବେ ଏହା ଅତ୍ୟନ୍ତ ଖରାପ।

◆ ଏହାର ଅର୍ଥ ହେଉଛି ଆଡଜଷ୍ଟ କରିବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଏହା ମଧ୍ୟ ହୋଇପାରେ ଯେ ଆଦୌ ସମନ୍ୱୟ ହୁଏନାହିଁ। ତଥାପି,ଏହା ସମ୍ପୂର୍ଣ୍ଣ ରୂପେ ପୁଅ ଏବଂ ଝିଅର ରାଶିଫଳ ଏବଂ ଗ୍ରହମାନଙ୍କର ସ୍ଥିତି ଉପରେ ନିର୍ଭର କରେ।

◆ ଯଦି ରାଶିରେ ଥିବା ଗ୍ରହଗୁଡିକ ସଠିକ୍ ଏବଂ ପୁଅ ଏବଂ ଝିଅର ଗ୍ରହଗୁଡ଼ିକ ମେଳ ଖାଉଛନ୍ତି, ତେବେ ବୟସ ବ୍ୟବଧାନରେ କିଛି ଫରକ ପଡ଼ିବ ନାହିଁ। ଏହି ପରିସ୍ଥିତିରେ, ବୟସର ପାର୍ଥକ୍ୟ ପରେ ମଧ୍ୟ ପ୍ରେମ ଏବଂ ସୁଖ ଦାମ୍ପତ୍ୟ ଜୀବନରେ ରହିଥାଏ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମନ୍ୱୟ ମଧ୍ୟ ଭଲ ରୁହେ।

◆ ବର୍ତ୍ତମାନ ମାନସିକତାକୁ ଆସିବା, ଏଠାରେ ମାନସିକତାର ଅର୍ଥ ହେଉଛି ଚିନ୍ତା। ଅନେକ ଥର ଏହା ଦାମ୍ପତ୍ୟ ଜୀବନରେ ଘଟିଥାଏ। ଯାହା ଜୀବନ ସାଥୀ ଅନୁଭବ କରିବାକୁ ଲାଗେ ଯେ ସେ ବୟସ୍କ ଅଧିକ ହେବାରୁ ତା'ହେଲେ ସେ ତାଙ୍କ ସାଥୀ ଅପେକ୍ଷା ଦୁନିଆକୁ ଅଧିକ ବୁଝିପାରନ୍ତି, ଯାହା ଝଗଡା ହେବାର ଗୋଟିଏ ମୁଖ୍ୟ କାରଣ।

◆ ଏହା ବ୍ୟତୀତ, ଏହା ମଧ୍ୟ ହୋଇପାରେ ଯେ ଉଚ୍ଚ ବୟସ ବ୍ୟବଧାନ ହେତୁ ଜୀବନଯାପନ, ଖାଇବା, ଉଠିବା, ବସିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା କରିବା ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଏଭଳି ପରିସ୍ଥିତିରେ ପରସ୍ପରର ମତ ଗ୍ରହଣ ନକରିବା ଦ୍ୱାରା ବିବାଦ ସୃଷ୍ଟି ହୁଏ ଏବଂ ମାମଲା ଝଗଡା ପର୍ଯ୍ୟନ୍ତ ପହଞ୍ଚେ।

◆ ତେଣୁ ଏହିପରି ଭାବରେ ଗ୍ରହ ଗ୍ରହର ପ୍ରଭାବ ଏବଂ ମାନସିକତା ହେତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତଭେଦର କାରଣ ହୋଇପାରେ। ତଥାପି, ବେଳେବେଳେ ପ୍ରେମ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ। ତା'ପରେ ଏହା ମାନସିକତା ହେଉ କି ଗ୍ରହମାନଙ୍କର ପ୍ରଭାବ। ପ୍ରେମର ସାମ୍ନାରେ ସବୁକିଛି ମଳିନ ହୁଏ।

# ଚାଉଳ ପାଣିର ଅନେକ ଗୁଣ; ଋତୁସ୍ରାବ ସମସ୍ୟା, ଝାଡା ପାଇଁ ରାମବାଣ; ଜାଣନ୍ତୁ ପ୍ରସ୍ତୁତି ପ୍ରଣାଳି

ରୋଷେଇ ପୂର୍ବରୁ ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ? ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ?

ଓଡ଼ିଶାରେ ପ୍ରତ୍ୟେକ ଘରେ ପ୍ରତିଦିନ ଚାଉଳରୁ ଭାତ ପ୍ରସ୍ତୁତ ହୋଇଥାଏ। ଏହାକୁ ତିଆରି କରିବା ପୂର୍ବରୁ, ଏହାକୁ ପାଣିରେ ଭଲ ଭାବରେ ଧୁଆଯାଏ, ତା'ପରେ ଏହା ରନ୍ଧା ହୋଇଥାଏ। ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ଆସନ୍ତୁ ଜାଣିବା। ସାଧାରଣତଃ ଚାଉଳ ଧୋଇବା ପରେ ସମସ୍ତେ ଦେଖିଥିବେ ଏଥିରୁ ଏକ ସଫା ମୋଟା ପାଣି ବାହାରେ। ଆୟୁର୍ବେଦରେ ଏହାକୁ ତଣ୍ଡୁଲୋଦକ ବୋଲି କୁହାଯାଏ। ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ? ଚାଉଳ ପାଣି ଷ୍ଟାର୍ଚରେ ଭରପୂର। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଚାଉଳ ପାଣିର ଚମତ୍କାର ଶତାବ୍ଦୀ ଶତାବ୍ଦୀ ଧରି ଆୟୁର୍ବେଦରେ ଜଣାଶୁଣା ଏବଂ ଏହାର ଲାଭ ସମଗ୍ର ବିଶ୍ୱ ଜାଣିଛି ଏବଂ ଗ୍ରହଣ କରିଛି।

*କିପରି କରିବେ ପ୍ରସ୍ତୁତ:*

ଚାଉଳ ପାଣି ପ୍ରସ୍ତୁତ କରିବାକୁ ୧୦ ଗ୍ରାମ (୧ବାଟି) ଚାଉଳ ନିଅନ୍ତୁ
ଏହାକୁ ଥରେ ପାଣିରେ ଧୋଇ ଦିଅନ୍ତୁ
ବର୍ତ୍ତମାନ ଏଥିରେ ୬୦-୮୦ ମିଲି ପାଣି ମିଶାନ୍ତୁ
ଏହାକୁ ଏକ ମାଟି ପାତ୍ର / ଷ୍ଟେନଲେସ୍ ଷ୍ଟିଲ୍ ପାତ୍ରରେ ୨-୬ ଘଣ୍ଟା ପର୍ଯ୍ୟନ୍ତ ବନ୍ଦକରି ରଖନ୍ତୁ
ଏହା ପରେ ଚାଉଳକୁ ୨-୩ ମିନିଟ୍ ପାଣିରେ ଘାଣ୍ଟି ଫିଲ୍ଟର୍ କରନ୍ତୁ
ବର୍ତ୍ତମାନ ଏହା ବ୍ୟବହାର କରିବାକୁ ପ୍ରସ୍ତୁତ
ଆପଣ ଏହାକୁ ଦିନସାରା ପିଇପାରିବେ
ଏହି ପାଣିକୁ ୬-୮ ଘଣ୍ଟା ପାଇଁ ରଖାଯାଇ ପାରିବ
ଯଦି ଆପଣ ଚାହାଁନ୍ତି, ପ୍ରତିଦିନ ଏହି ଉପାୟରେ ସତେଜ ଚାଉଳ ପାଣି ତିଆରି କରିପାରିବେ

*କେଉଁ ଚାଉଳ ଦରକାର:*

ଚାଉଳ ପାଣି ପ୍ରସ୍ତୁତ କରିବା ପାଇଁ ଯେକୌଣସି ପ୍ରକାର ଚାଉଳ ନିଆଯାଇପାରେ। ଏଥିପାଇଁ ଖୁଦ ଚାଉଳ ଏବଂ ନାଲି ଚାଉଳ ଭଲ। ଗୋଟିଏ ବର୍ଷର ଚାଉଳ ଆହୁରି ଭଲ। ଧଳା ଚାଉଳ ମଧ୍ୟ ନିଆଯାଇପାରେ। ଏହା ଉଁସା କିମ୍ବା ପଲିସି ନ ହେବା ଦରକାର।

*ଚାଉଳ ପାଣିର ଲାଭ:*

ଚାଉଳ ପାଣି ଚର୍ମ ଏବଂ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ।
ଲ୍ୟୁକୋରୋରିଆରେ ପୀଡିତ ରୋଗୀଙ୍କ ପାଇଁ ଏହା ରାମବାଣ ପରି କାମ କରେ।
ଏହାର ପ୍ରକୃତି ଥଣ୍ଡା, ତେଣୁ ପରିସ୍ରାପୋଡା, ଝାଡ଼ା, ରକ୍ତସ୍ରାବ ସମ୍ବନ୍ଧୀୟ ବ୍ୟାଧି ଏବଂ ଅଧିକ ଋତୁସ୍ରାବରେ ଏହା ଭଲ କାମ କରିଥାଏ।





# ପରିବା ସୁପ୍

ଆବଶ୍ୟକ ସାମଗ୍ରୀ:

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର।

ପ୍ରସ୍ତୁତି:

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି



ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

# ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୂର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ଚା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ। ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚା'ର ସେବନ କରୁଥିଲେ ଚା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।



# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➤ ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➤ କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➤ ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।





➤ ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।






➤ ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➤ ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➤ ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧ କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଓଡ଼ିଆ ସିନେମାର ଅତୀତ ଓ ବର୍ତ୍ତମାନ...

ଗୋଟେ ସମୟ ଥିଲା, ସିନେମା ହଲ୍‌ରେ ଓଡ଼ିଆ ଚଳଚ୍ଚିତ୍ରଟିଏ ମୁକ୍ତିଲାଭ କରିବାର ପ୍ରଥମ ଦିନର ପ୍ରଥମ ଶୋ' ଦେଖିବାକୁ ଲୋକଙ୍କ ଭିତରେ ଏକପ୍ରକାରର ପ୍ରତିଯୋଗିତା ଲାଗୁଥିଲା। ଭୋରରୁ ସିନେମା ହଲ୍ ଆଗରେ ଧାଡ଼ି ଲଗେଇ ଟିକେଟ୍ କାଟିବା ଠାରୁ ଆରମ୍ଭ କରି ଗୋଟିଏ ଶୋ'ର ଘଣ୍ଟି ନବାଜିବା ପୂର୍ବରୁ ଆଉ ଗୋଟିଏ ଶୋ'ର ଦର୍ଶକମାନେ ହଲ୍ ଭିତରକୁ ପଶିବା ପାଇଁ ପୂରା ପ୍ରସ୍ତୁତ ହୋଇ ରହୁଥିଲେ। ବିଶେଷକରି ଦଶହରାର ପୂଜାବଜାର ଓ ଗଣପର୍ବ ରଜ ବଜାରରେ ଓଡ଼ିଆ ସିନେମାର ଚାହିଦା କେତେ ଯେ ଥିଲା ତାହା ବର୍ଣ୍ଣନା କରିହେବ ନାହିଁ। ସେତେବେଳେ ପ୍ରଯୋଜକ ସଂସ୍ଥାମାନେ ହାତଗଣତି ସିନେମା ପ୍ରସ୍ତୁତ କରୁଥିବା ବେଳେ ରାଜ୍ୟରେ ଥିବା ପ୍ରାୟ ଦୁଇଶହ ସିନେମା ହଲ ନିଅଣ୍ଟ ପଡ଼ିଯାଉଥିଲା। ଓଡ଼ିଆ ସିନେମାର ଏନ୍ତୁଡ଼ିଶାଳ ଭାବରେ ପରିଚିତ ପୁରୀ ସହର ହେଉ ଅବା ଓଡ଼ିଆ ସିନେମାର ପରିଚୟ କଟକ ସହର, ଓଡ଼ିଆ କଳାକାରମାନଙ୍କର ପେଣ୍ଠସ୍ଥଳ ମୟୂରଭଞ୍ଜ ଜିଲ୍ଲା ଅବା ଓଡ଼ିଆ ସିନେମାର ବ୍ୟବସାୟ କେନ୍ଦ୍ରସ୍ଥଳ ରାଜଧାନୀ ଭୁବନେଶ୍ୱରରେ ଦର୍ଶକମାନେ ପ୍ରଭାବଶାଳୀ ମୌଳିକ କାହାଣୀ, ଆକର୍ଷଣୀୟ ସଂଳାପ ସମେତ ବଳିଷ୍ଠ ଚରିତ୍ରରେ ନିଖୁଣ ଅଭିନୟ ଦେଖିବା ପାଇଁ ଉନ୍ମାଦ ହୋଇପଡୁଥିଲେ। ଏକଦା ଜାତୀୟସ୍ତରରେ ମଧ ଓଡ଼ିଆ ସିନେମା ଓ କଳାକାରମାନଙ୍କର ସ୍ୱତନ୍ତ୍ର ପ୍ରତିଷ୍ଠା ଥିଲା। ବର୍ତ୍ତମାନର ଓଡ଼ିଆ ଚଳଚ୍ଚିତ୍ର ଦୁନିଆକୁ ଅତୀତ ସହିତ ତୁଳନା କଲେ ନିରାଶାବୋଧ ହୁଏ। ଏବେ ଆଉ ଦର୍ଶକମାନେ ଉତ୍କଣ୍ଠାର ସହ ହଲ୍ ସାମ୍ନାରେ ଧାଡ଼ିବାନ୍ଧି ଅପେକ୍ଷା କରି ରହୁନାହାନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ଦଶହରା ଓ ରଜକୁ ଛାଡ଼ି ଦେଲେ ବାକି ସମୟରେ ଓଡ଼ିଆ ସିନେମା ମୁକ୍ତିଲାଭ କରିବା ପାଇଁ ମଧ ପ୍ରଯୋଜନା ସଂସ୍ଥାମାନେ ପଛାଉଛନ୍ତି। ଏହାର ଅନେକ କାରଣ ରହିଛି। ହଲ୍ ମାଲିକମାନେ ଭଲ ବ୍ୟବସାୟ ପାଇଁ ହିନ୍ଦୀ ଓ ମୁଖ୍ୟତଃ ଦକ୍ଷିଣ ଭାରତୀୟ ସିନେମା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏବେ ଅଭିନୟ ଆଉ କଳାରେ ସୀମିତ ନରହି ବ୍ୟବସାୟରେ ପରିଣତ ହୋଇଛି। ଅଧିକାଂଶ କଳାକାର ରାଜନୀତି ମୁହାଁ ହୋଇଛନ୍ତି। ଆଉ କିଛି ଜଣ ବିଭିନ୍ନ ବ୍ୟବସାୟରେ ଜଡ଼ିତ ରହୁଛନ୍ତି। ସିନେମା ସହିତ ରାଜନୀତି ଓ ବ୍ୟବସାୟ କରିବାରେ କୌଣସି ପ୍ରତିବନ୍ଧକ ନଥିଲେ ହେଁ ସିନେମାକୁ ଛାଡ଼ି ଅନ୍ୟ କ୍ଷେତ୍ରରେ ଧ୍ୟାନକେନ୍ଦ୍ରିତ କରିବା ଦ୍ୱାରା ଦର୍ଶକମାନେ ଉତ୍ତମ କଳାକାରମାନଙ୍କର ବଳିଷ୍ଠ ଅଭିନୟ ଦେଖିବାରୁ ବଞ୍ଚିତ ହେଉଛନ୍ତି। ଓଡ଼ିଆ ସିନେମା ଓ ଦକ୍ଷିଣ ଭାରତୀୟ ସିନେମା ଶିଳ୍ପ ପ୍ରାୟ ସମସାମୟିକ ହୋଇଥିଲେ ହେଁ ଦକ୍ଷିଣ ଭାରତୀୟ ସିନେମାର କଳାକାରମାନେ ଆଜି ବିଶ୍ୱସ୍ତରରେ ପ୍ରତିଷ୍ଠିତ। ସେଠାରେ କଳାକାରର ଅଭିନୟ ହିଁ ସେହି ଶିଳ୍ପର ଭାତହାଣ୍ଡି। ଗୋଟିଏ ନାମୀ ସିନେମା ତିଆରି କରିବା ପାଇଁ କେବଳ ଅର୍ଥ ନୁହେଁ, ନିଖୁଣ ଅଭିନୟ ଯେ ଅପରିହାର୍ଯ୍ୟ, ତାହା ଦକ୍ଷିଣ ଭାରତୀୟ କଳାକାରମାନେ ପ୍ରମାଣିତ କରିଛନ୍ତି। ଓଡ଼ିଆ ସିନେମାର ଆଉ ଏକ ପ୍ରମୁଖ ସମସ୍ୟା ହେଲା ଚିତ୍ର ଓ ଚରିତ୍ର ମଧ୍ୟରେ ଥିବା ତାରତମ୍ୟ। ସାଧାରଣ ଦର୍ଶକଟିଏ ଯେପର୍ଯ୍ୟନ୍ତ ନିଜକୁ ଗୋଟିଏ ଚିତ୍ରରେ ଦେଖି ନ ପାରିଛି, ସେପର୍ଯ୍ୟନ୍ତ ସେହି ସିନେମା ଗ୍ରହଣୀୟ ହୋଇପାରିବ ନାହିଁ। ୧୯୯୯ ମହାବାତ୍ୟା ପରେ ଓଡ଼ିଆ ସିନେମା ଶିଳ୍ପ ମୃତପ୍ରାୟ ହୋଇଗଲା। କାଁଭାଁ ଗୋଟେଗୋଟେ ସିନେମା ଦର୍ଶକଙ୍କ ମନ ଜିଣୁଥିବା ବେଳେ କିଛିଟା ଭଲ ବ୍ୟବସାୟ କରୁଥିଲା। କିନ୍ତୁ କପି-ପେଷ୍ଟ ପରମ୍ପରାର ବହୁଳ ବ୍ୟବହାର ଯୋଗୁଁ ଓଡ଼ିଆ ସିନେମାର ଗୁଣବତ୍ତା ଅନେକାଂଶରେ ହ୍ରାସ ପାଇଲା। ଦର୍ଶକମାନେ ହିନ୍ଦୀ ସମେତ ବିଶେଷ ଭାବରେ ଦକ୍ଷିଣ ଭାରତୀୟ ସିନେମାଭିମୁଖୀ ହେଲେ। ତେବେ ବହୁବର୍ଷ ପରେ, ୨୦୨୨ ମସିହାରେ ଓଡ଼ିଆ ସିନେମା ପାଇଁ ଆଶୀର୍ବାଦ ସ୍ୱରୂପ ରିଲିଜ ହୋଇଥିଲା ହୋଇଥିଲା 'ଦମନ'। ଏକ ସତ୍ୟ ଘଟଣାକୁ ଆଧାର କରି ସମ୍ପୂର୍ଣ୍ଣ ଦେଶୀୟ ଶୈଳୀରେ ଏହି ସିନେମା ନିର୍ମିତ ହୋଇଥିବା ବେଳେ ଦର୍ଶକଙ୍କ ବେଶ୍ ପ୍ରଶଂସା ସାଉଁଟିଥିଲା। ଏପରିକି ଭଲ ବ୍ୟବସାୟ କରିବା ସହିତ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବରେ ୭୦ତମ ଜାତୀୟ ପୁରସ୍କାର ମଧ ହାସଲ କରିଥିଲା। ଏହାପରେ ଗୋଟିଏ ପରେ ଗୋଟିଏ 'ପ୍ରତୀକ୍ଷା', 'ପୁଷ୍କରା', 'ଫାଲଗୁନ ଚୈତ୍ର', 'ପାବାର' ଭଳି ମୌଳିକ କାହାଣୀକୁ ନେଇ ସିନେମାମାନ ତିଆରି ହେଲା ଓ ବ୍ୟବସାୟ ମଧ ଭଲ ହେଲା। ଦଶହରା ଉପଲକ୍ଷେ ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମା 'କର୍ମ' ମଧ ଦର୍ଶକମାନଙ୍କର ମନ ଜିଣିଛି। ବର୍ତ୍ତମାନ ପରିସ୍ଥିତି ଏହିପରି ଯେ, ଗୋଟେପଟେ ମୌଳିକ କାହାଣୀକୁ ନେଇ ସିନେମା ନିର୍ମାଣ କରିବାକୁ କଳାକାରଙ୍କଠାରୁ ଆରମ୍ଭ କରି ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ପୁଣି ଥରେ ଗୁରୁତ୍ୱ ଦେଉଥିବା ବେଳେ ସେଗୁଡ଼ିକ ମୁକ୍ତିଲାଭ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ସିନେମା ହଲ୍‌ର ଅଭାବ ରହିଛି। ଅନ୍ୟପଟେ ବିଭିନ୍ନ ଲୋକପ୍ରିୟ ଓଟିଟିମାନଙ୍କରେ ଓଡ଼ିଆ ସିନେମା ପାଇଁ ଅଧୁନା ସେପରି ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇପାରିନାହିଁ।

## ବାଲ୍ୟ ବିବାହ ବ୍ୟାଧି



### ସୌଭାଗ୍ୟ ରଂଜନ ମହାନ୍ତି

ଏହା ନିସନ୍ଦେହ ଯେ, ଦେଶରେ ବାଲ୍ୟବିବାହକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ ସୁପ୍ରିମକୋର୍ଟ ବାଲ୍ୟ ବିବାହ ନିଷିଦ୍ଧ ଆଇନ-୨୦୦୬କୁ କଡାକଡି ଭାବେ କାର୍ଯ୍ୟକାରି କରିବା ସହ ପାର୍ଲିଆମେଂଟ ଏ ଦିଗରେ କଠୋର ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେବା ନିଶ୍ଚିତ ଭାବେ ଏକ ସମୟୋଚିତ ନିର୍ଦ୍ଦେଶ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ବ୍ରିଟିଶ ଶାସନ ଅମଳରେ ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ପ୍ରୟାସ କ୍ରମେ ଦେଶରେ ସତୀଦାହ ଏବଂ ବାଲ୍ୟ ବିବାହକୁ ନିଷିଦ୍ଧ କରାଯାଇଥିଲା। କେବଳ ଏତିକି ନୁହେଁ, ଗତ ୨୦୦୬ ମସିହାରେ ଦେଶରେ ବାଲ୍ୟ ବିବାହ ନିଷିଦ୍ଧ ଆଇନ ମଧ ପ୍ରଣୟନ ହୋଇଛି। ସବୁଠୁ ପରିତାପର ବିଷୟ ଯେ, ଦେଶ ସ୍ୱାଧୀନ ହେବାର ଆଠ ଦଶନ୍ଧି ପୁରିବାକୁ ଯାଉଥିବାବେଳେ ଏବେ ବି ଦେଶରେ ପ୍ରତି ୪ଜଣରେ ଜଣେ ମହିଳା ବାଲ୍ୟ ବିବାହ କରୁଥିବା ସରକାରୀ ତଥ୍ୟ କହେ। ଆହୁରି ମଧ ପୁଅଙ୍କ ବିବାହ ବୟସ ୨୫ବର୍ଷ ଓ ଝିଅଙ୍କ ବିବାହ ବୟସ ୨୧ବର୍ଷକୁ ବୃଦ୍ଧି କରିବା ପାଇଁ ସରକାର ପ୍ରୟାସ କରୁଥିବାବେଳେ ଦେଶରେ ଯେପରି ବାଲ୍ୟବିବାହ ବଢିଚାଲିଛି, ଏହା କେବଳ ଆଇନକୁ ଆଖିଠାର ବ୍ୟତୀତ ଅନ୍ୟ କିଛି ନୁହେଁ। ଏହା ନିସନ୍ଦେହ ଯେ, ବାଲ୍ୟ ବିବାହକୁ ରୋକିବାରେ ଆଇନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଲୋକ ପରମ୍ପରା ଏବଂ ସୁବିଧା ଅସୁବିଧାକୁ ଆଳ କରି ବାଲ୍ୟ ବିବାହ ଯେପରି ବଢିଚାଲିଛି, ତାହା କେବଳ ଆଇନର ଦୁର୍ବଳତା, ତ୍ରୁଟିକୁ ଦର୍ଶାଉନାହିଁ, ସାମାଜିକ କୁସଂସ୍କାରକୁ ପରୋକ୍ଷରେ ଉତ୍ସାହିତ କରୁଛି ବୋଲି କୁହାଯାଇପାରେ। ଆହୁରି ମଧ ବାଲ୍ୟ ବିବାହର ପରିଣତ ସ୍ୱାସ୍ଥ୍ୟଗତ ସଂକଟକୁ ବୃଦ୍ଧି କରାଇବାରେ ସହାୟକ ହେଉଛି। ଦେଶରେ ଶିଶୁ ମାତୃ ମୃତ୍ୟୁ ହାର ଏବେ ବି ଉଦ୍‌ବେଗଜନକ ସ୍ଥିତିରେ ରହିଥିବାବେଳେ ଅପରିପକ୍ୱ ବୟସରେ ଗର୍ଭଧାରଣ ଏହାର ଏକ ପ୍ରମୁଖ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉଲ୍ଲେଖଯୋଗ୍ୟ, ଆମ ରାଜ୍ୟର ଦୁର୍ଗମ ପାହାଡିଆ ଅଂଚଳର ବାଲ୍ୟ ବିବାହ ଉତ୍କଟ ଆକାର ଧାରଣ କରିଥିବା ସରକାରୀ ରିପୋର୍ଟ କହେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ନରବଙ୍ଗପୁର ଜିଲ୍ଲାରେ ସର୍ବାଧିକ ବାଲ୍ୟବିବାହ ହେଉଛି। ଜିଲ୍ଲାରେ ୧୫ରୁ ୧୯ବର୍ଷ ବୟସ ମଧ୍ୟରେ ଗର୍ଭବତୀ ଏବଂ ମାତୃତ୍ୱଲାଭ କରିଥିବା କିଶୋରୀଙ୍କ ସଂଖ୍ୟା ଦେଶରେ ଘଟେ ବାଲ୍ୟ ବିବାହର ୮.୩ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାଯାଇଛି। ସେହିପରି ଜିଲ୍ଲାରେ ଗତ ଏପ୍ରିଲ ମାସରୁ ଏପର୍ଯ୍ୟନ୍ତ ଅର୍ଥାତ ୭ମାସ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩,୬୦୪ ଜଣ ଗର୍ଭବତୀ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ନାବାଳିକା ଗର୍ଭବତୀଙ୍କ ସଂଖ୍ୟା ଯାହାକି ୭.୩ ପ୍ରତିଶତ। କେବଳ ଆମ ରାଜ୍ୟ ନୁହେଁ, ସାରା ଦେଶରେ ଲୋକ ପରମ୍ପରା ଓ ସୁବିଧା-ଅସୁବିଧା ଆଳରେ ବାଲ୍ୟବିବାହ ଦୁର୍ଭାଗ୍ୟଜନକ ସ୍ଥିତି ସୃଷ୍ଟି କରିଛି। ବାଲ୍ୟ ବିବାହ ସମ୍ପୂର୍ଣ୍ଣ ନିଷିଦ୍ଧ ଓ କଠୋର ଦଣ୍ଡବିଧାନ ନେଇ ଗୋଟିଏ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦାୟର ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ତିନିଜଣିଆ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଯାହା କହିଛନ୍ତି, ତାହା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ। ଖଣ୍ଡପୀଠ କହିଛନ୍ତି ଯେ, ବାଲ୍ୟବିବାହ ନିଷିଦ୍ଧ ଆଇନକୁ ବ୍ୟକ୍ତିଗତ ଆଇନ ଜରିଆରେ ବ୍ୟାଧି କରାଯାଇ ପାରିବ ନାହିଁ। ସେହିପରି ବାଲ୍ୟବିବାହ ଦ୍ୱାରା ନିଜ ଇଚ୍ଛାନୁସାରେ ଜୀବନ ସାଥି ବାଛିବାକୁ ରହିଥିବା ସ୍ୱାଧୀନତାକୁ ଉଲଂଘନ କରେ। କେବଳ ଏତିକି ନୁହେଁ, ବାଲ୍ୟ ବିବାହ ଜୀବନ ସମ୍ବିଧାନର ୨୧ଧାରାରେ ପ୍ରଦତ ଜୀବନ ଓ ସ୍ୱାଧୀନତାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଶିଶୁ ଅବସ୍ଥାରେ ବିବାହ ଦ୍ୱାରା ଶିକ୍ଷା ଅଧିକାର, ସ୍ୱାଧୀନ ଭାବେ ବାଛିବା ଓ ସ୍ୱତନ୍ତ୍ରତାର ଅଧିକାର ଏବଂ ଭବିଷ୍ୟତ ବିକାଶର ଅଧିକାରକୁ ଧୂଳିସାତ୍ କରୁଛି। ସେହିପରି ସେମାନଙ୍କରୁ ସ୍ୱାସ୍ଥ୍ୟ ସୁରକ୍ଷା ଅଧିକାରକୁ ମଧ ଉଲଂଘନ କରୁଛି ବୋଲି ଅଦାଲତ ଦର୍ଶାଇଛନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବ୍ୟକ୍ତିଗତ ଆଇନ ଗୁଡିକରେ ସମ୍ପର୍କ ନିଷ୍ପତି ନେବା ପ୍ରସଙ୍ଗ ପାର୍ଲିଆମେଂଟର ବିଚାରାଧୀନ ଥିବା ବେଳେ ବାଲ୍ୟବିବାହ ନିର୍ବନ୍ଧକୁ ବେଆଇନ ଘୋଷଣା କରିବା ପାଇଁ ସଂସଦ କଠୋର ଆଇନ ପ୍ରଣୟନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଏଥିସହ ଅଦାଲତ ମଧ କେତେକ ଗାଇଡ ଲାଇନ ଜାରି କରିଛନ୍ତି। ଜିଲ୍ଲାସ୍ତରରେ ବାଲ୍ୟ ବିବାହ ନିଷେଧ ଅଫିସରମାନଙ୍କୁ ନିଯୁକ୍ତି ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ଶିଶୁ ବିବାହକୁ ରୋକିବା ପାଇଁ ମାଜିଷ୍ଟ୍ରେଟମାନେ 'ଗଣବିବାହ' ବିବାହ ପାଇଁ ଶୁଭ ତିଥି ଉପରେ ଗୁରୁତ୍ୱଦେବା ଜରୁରୀ। ସେହିପରି ଶିଶୁ ବିବାହ ଉପରେ ରିପୋର୍ଟ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ ଖୋଲିବା ସହ ପ୍ରତି ୧୫ଦିନରେ ଜିଲ୍ଲାସ୍ତରର ସ୍ୱତନ୍ତ୍ର ଅଫିସରମାନେ ରିପୋର୍ଟ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶିକ୍ଷାର ପ୍ରସାର, ସାମାଜିକ କୁସଂସ୍କାର ତଥା ଅପରିପକ୍ୱ ବୟସରେ ଶିଶୁ ବିବାହକୁ କୁପରିଣତ ସମ୍ପର୍କରେ ବ୍ୟାପକ ଜନସଚେତନତା ଲୋଡା। ଯାହାକି ଗଣ ଆନ୍ଦୋଳନରେ ପରିଣତ ଦରକାର। ଯାହାକି ବାଲ୍ୟ ବିବାହକୁ ରୋକିପାରିବ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯


## ବିକଶିତ ଓଡ଼ିଶା : ଅନେକ ଆଶା, ଭରସା



### ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାବାସୀ ଦୁଦୀର୍ଘ ଚବିଶ ବର୍ଷର ପୁରୁଣା ସରକାରଙ୍କୁ ବଦଳାଇ ପରିବର୍ତ୍ତନର ମୂଳମନ୍ତ୍ର ସ୍ୱରୂପ ନୂଆ ସରକାରଙ୍କୁ ଆଣିଛନ୍ତି। ଏମିତିରେ ଯେ ବିଗତ ସରକାର କିଛି କରିନଥିଲେ ତାହା ନୁହେଁ ଅନେକ କିଛି ବିକଶିତ କାର୍ଯ୍ୟକ୍ରମର ମୂଳଦୁଆ ଗତ ସରକାର ସମୟରେ ପଡ଼ିଥିଲା। ତେବେ ଏ ସବୁ ସତ୍ତ୍ୱେ ଓଡ଼ିଶା ଆଜି ବି ପୂର୍ଣ୍ଣାଙ୍ଗ ଭାବେ ବିକଶିତ ହୋଇପାରିନାହିଁ। ଏହି ପ୍ରସଙ୍ଗକୁ ନେଇ ଅନେକଙ୍କ ଭିତରେ ତର୍କବିତର୍କ ଓ ଆଲୋଚନା ପର୍ଯ୍ୟାଲୋଚନା କେବଳ ଯାହା ହୁଏ। ସମସ୍ତେ ଜାଣନ୍ତି ଯେ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠି ବର୍ଷାର ଅଭାବ ନାହିଁ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏଇ ପ୍ରଦେଶରେ ଖଣିଜ ସଂପଦ ଅପର୍ଯ୍ୟାପ୍ତ ଏବଂ ଉପକୂଳବର୍ତ୍ତୀ ରାଜ୍ୟ ଭାବେ ସମୁଦ୍ର ତଟ ପ୍ରାୟ ୪୮୫ କିଲେଶମିଟର ଦୀର୍ଘ। ଏ ସବୁର ସଦୁପଯୋଗ ଦ୍ୱାରା ଆମ ରାଜ୍ୟବାସୀଙ୍କ ଭାଗ୍ୟ ପରିବର୍ତ୍ତନ ସମ୍ଭବ।

ପ୍ରଥମତଃ ଆମର ଉଦବେଗର ଗୋଟିଏ ପ୍ରଧାନ କାରଣ ହେଉଛି କୃଷିର ଅବନତି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଭାବେ ଅନେକ ଥର କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କୃତ ମଧ ହୋଇଛି। ବର୍ତ୍ତମାନର ବଜାରର ଚଢ଼ା ଦରଦାମ ଓ ନିଅଣ୍ଟିଆ ପରିସ୍ଥିତିକୁ ଦେଖିଲେ କୃଷି ପ୍ରଧାନ ରାଜ୍ୟର ଏହି ଅବନତି ନିଶ୍ଚିନ୍ତ ଭାବେ ଦୁଃଖଦ। ନୂଆ ପିଢ଼ିର ଯୁବକ, କାର୍ଯ୍ୟକ୍ଷମ ଲୋକେ ଗାଁ ଛାଡ଼ି ସହରକୁ ଆସିବା ପାଇଁ ବ୍ୟଗ୍ର, ଚାଷ ପ୍ରତି ବିମୁଖ। କୃଷିକୁ ଅର୍ଥ ଉପାର୍ଜନର ଏକ ମୁଖ୍ୟ ଉତ୍ସରେ ପରିଣତ କରିବା ପାଇଁ ଆର୍ଥିକ ବ୍ୟବସ୍ଥାର ଆବଶ୍ୟକତା ଅଛି, ସେଥିପ୍ରତି ସରକାର ଦୃଷ୍ଟି ଦେବା ଅନିବାର୍ଯ୍ୟ। ଚାଷୀମାନଙ୍କୁ ଉଚିତ ମୂଲ୍ୟ ମିଳିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ ସମର୍ଥନ ସରକାରଙ୍କର ଦାୟିତ୍ୱ। ଏହା ସମସ୍ତଙ୍କୁ ଜଣା ଯେ ଯେଉଁ ପନିପରିବା, ଫଳମୂଳ ଆମେ କିଲୋ ଚାଳିଶ ବା ପଚାଶ ଟଙ୍କାରେ କିଣୁ, ସେଥିରୁ ଦଶ ପ୍ରତିଶତ ଚାଷୀକୁ ମିଳେ। ସେଇଭଳି ଚାଉଳ, ଡାଲି ଇତ୍ୟାଦି ଶସ୍ୟରେ ଅଧାରୁ ବେଶୀ ଟଙ୍କା ମଧ୍ୟସ୍ଥି ଓ ମୁନାଫାଖୋରମାନେ ଲୁଟି ନିଅନ୍ତି। କୃଷି ସହିତ ହସ୍ତତନ୍ତ, ଗ୍ରାମୀଣ କ୍ଷୁଦ୍ରଶିଳ୍ପ ମଧ ଏଇ ଆର୍ଥିକ ଅବ୍ୟବସ୍ଥାର ଶିକାର। ପ୍ରତି ଜିଲ୍ଲାରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ଏବଂ ଫଳ ବା ଦୁର୍ଲଭ ଔଷଧର ଚେରମୂଳକୁ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଦେଶ ବିଦେଶକୁ ରପ୍ତାନୀ କରିବା ପାଇଁ ସରକାର ପଦକ୍ଷେପ ନେଲେ କୃଷିରୁ ରୋଜଗାରର ରାସ୍ତା ସୁଲଭ ହୁଅନ୍ତା, କୃଷି ପ୍ରତି ଆକର୍ଷଣ ବଢ଼ନ୍ତା।

ଦ୍ୱିତୀୟ କଥାଟି ହେଉଛି ଦୀର୍ଘ ସମୁଦ୍ର ତଟ ସତ୍ତ୍ୱେ ସାମୁଦ୍ରିକ ସଂପଦ ଯଥା ମାଛ, ଚିଙ୍ଗୁଡ଼ି ଇତ୍ୟାଦିରେ ଉଦ୍ୟୋଗୀକରଣ ପାଇଁ ସରକାର କିଛି ଦର୍ଶନୀୟ ପଦକ୍ଷେପ ନେଇନାହାନ୍ତି। ସରକାରୀ ଉଦ୍ୟମରେ ବା କଡ଼ା ନିରୀକ୍ଷଣରେ ଘରୋଇ ବ୍ୟବସାୟୀଙ୍କ ମାଧ୍ୟମରେ ମାଛ ଓ ଚିଙ୍ଗୁଡ଼ି ରପ୍ତାନି କରାଗଲେ ଆମ ସମୁଦ୍ର ତଟ ଅଜସ୍ର ଅର୍ଥଲାଭର ଉତ୍ସ ହୋଇପାରନ୍ତା। ଆମେ ଏ ନେଇ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତେ ନାହିଁ। ତୃତୀୟ କଥା ଆମର ଅପାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଘଞ୍ଚ ଜଙ୍ଗଲ, ସୁନ୍ଦର ଜଳପ୍ରପାତ, ସବୁଜିମା ଆଚ୍ଛାଦିତ ପାହାଡ଼, ବିସ୍ତୃତ ସମୁଦ୍ର କୂଳ କଅଣ ନାହିଁ ଓଡ଼ିଶାରେ? ଯାହା ନାହିଁ, ତାହା ହେଉଛି ପର୍ଯ୍ୟଟକ ମାନଙ୍କ ପାଇଁ ସୁଲଭ ଦରରେ, ସୁନ୍ଦର ପରିଷ୍କାର ପରିଚ୍ଛନ୍ନ ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା। ନିକଟସ୍ଥ ଦର୍ଶନୀୟ ସ୍ଥଳଗୁଡ଼ିକ ବିକଶିତ ହେଲେ ସ୍ଥାନୀୟ ଅଞ୍ଚଳରେ ରୋଜଗାର ବଢ଼ିବା ସହ ପ୍ରାକୃତିକ ସମ୍ପଦ ଓ ହାତ ତିଆରି ଦ୍ରବ୍ୟର ସୁଦୂର ପ୍ରସାରୀ ଚାହିଦା ବାହାରକୁ ଯାଇପାରନ୍ତା।

ଚତୁର୍ଥ କଥା ଆମର ପ୍ରଚୁର ଖଣିଜ ସଂପଦ। ଏ କଥା ସମସ୍ତେ ଜାଣନ୍ତି ଓଡ଼ିଶାର ଖଣିଜ ସଂପଦର ଠିକ ଭାବରେ ବିନିଯୋଗ କରାଗଲେ ଆମ ପ୍ରଦେଶ ସ୍ୱର୍ଣ୍ଣମୟ ହୁଅନ୍ତା। ତେଣୁ ଏଇ ଅମୂଲ୍ୟ ସଂପଦକୁ ରାଜ୍ୟବାସୀଙ୍କ ପାଇଁ ସଦୁପଯୋଗ କରାଯାଉ। ଖଣିଜ ସଂପତ୍ତିର ଭୂମିକା ଅତୁଳନୀୟ। ପଞ୍ଚମ କଥା ଆମେ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ନଦୀ ଜଳ ପାଇଁ ଦୀର୍ଘ କାଳ ଧରି ବିବାଦରେ ଅଛେ। କିନ୍ତୁ ଆମ ରାଜ୍ୟ ଭିତରେ ଥିବା ନଦୀ ମାନଙ୍କ ଜଳର ଆମେ ସଦୁପଯୋଗ କରିଛନ୍ତି କି? ଆମର ଖରସ୍ରୋତା ନଦୀ ମାନଙ୍କରେ ନୂଆ ବନ୍ଧ ବାନ୍ଧି ଜଳସେଚନ ଓ ବିଦ୍ୟୁତ ଉତ୍ପାଦନକୁ ପ୍ରସାରିତ କରିଛନ୍ତି କି? ନୂଆ ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ। ଷଷ୍ଠ କଥା ତୃଣମୂଳ କ୍ଷେତ୍ରରେ ବିକାଶ ଉପରେ ଦୃଷ୍ଟି ଦିଆଯାଉ। ମନରେଗା ଭଳି ବ୍ୟୟବହୁଳ ଯୋଜନା ମାଧ୍ୟମରେ ଆମେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ କରିପାରନ୍ତେ। କେନ୍ଦ୍ରର ସହଯୋଗ ରାଶି ସହ ରାଜ୍ୟ ସରକାରଙ୍କ ଅର୍ଥ ମିଶେଇ ସ୍ଥାୟୀ ସଂପତ୍ତି, ଯଥା ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ବିଦ୍ୟାଳୟ କୋଠରି ଇତ୍ୟାଦି ତିଆରି କରାଯାଉନାହିଁ କାହିଁକି? ପ୍ରତି ଗ୍ରାମରେ ଦୁଇଟି ବା ତିନିଟି ଜଳାଶୟ ନିର୍ମାଣ କରି ସେଥିରେ ମାଛ ଚାଷ କରାଯାଉନାହିଁ କାହିଁକି? ପଞ୍ଚାୟତ ସ୍ତରରେ ଏ କାମ ଅନାୟାସରେ ହୋଇପାରନ୍ତା। ସପ୍ତାହରେ ସ୍କୁଲ ଛାତ୍ରଙ୍କ ପାଇଁ ଗୋଟିଏ ବଗିଚା ପିରିଅଡ଼ ରଖିବା ପ୍ରତି ଦିନ ମଧାହ୍ନ ଭୋଜନ ପରେ ଗଛମୂଳରେ ବା ପରିବାର କିଆରିରେ ହାତ ଧୋଇବା ଏ ସବୁ ଶିକ୍ଷା ଦେଲେ ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବନଶୀଳତା ଓ ଉଚିତ ପରିଶ୍ରମର ମୂଲ୍ୟ ବିଷୟରେ ହୃଦୟଙ୍ଗମ କରନ୍ତେ।

ସପ୍ତମ କଥା ଶିକ୍ଷା ବିଷୟ। ଏ ସଂଦର୍ଭରେ ଭବିଷ୍ୟତ ଗଠନରେ ଶିକ୍ଷକମାନଙ୍କ ଭୂମିକା କଥା ମନକୁ ଆସେ। ଛାତ୍ରଙ୍କ ପାଠ ଓ ଚରିତ୍ର ଗଠନ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷକମାନଙ୍କୁ ଉଚିତ ପ୍ରୋତ୍ସାହନ ଦରକାର। ଯେଉଁ ସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ଉଚ୍ଚ ବୈଷୟିକ ଶିକ୍ଷା ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଉଛନ୍ତି, ସେ ସ୍କୁଲର ସଂପୃକ୍ତ ଶିକ୍ଷକମାନଙ୍କୁ ଆର୍ଥିକ ପୁରସ୍କାର ମାଧ୍ୟମରେ ସମ୍ମାନିତ କରିବା ଉଚିତ। ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବୃତ୍ତି ବିଷୟରେ, ଉଚ୍ଚ ଶିକ୍ଷାର ସୁଯୋଗ ବା ପ୍ରତିଦ୍ୱନ୍ଦ୍ୱୀତାମୂଳକ ପରୀକ୍ଷା ସମ୍ବନ୍ଧରେ ବର୍ଷକୁ ଥରେ ବା ଦୁଇଥର ବିଶେଷ ଶିବିର ଆୟୋଜନ କରାଯିବା ଉଚିତ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଏ କ୍ଷେତ୍ରରେ ସାମିଲ କରିବା ବାଞ୍ଛନୀୟ।

ଅଷ୍ଟମ କଥା ଗୁଣାତ୍ମକ ଶିକ୍ଷା ଭଳି, ସୁଲଭ ସ୍ୱାସ୍ଥ୍ୟ ସେବା ଯୋଗାଇବା ସରକାରଙ୍କର ମୌଳିକ ଦାୟିତ୍ୱ। ଘରୋଇ ହସ୍ପିଟାଲ ମାନଙ୍କ ହାତରେ ଓଡ଼ିଶାର ଜନତାଙ୍କ ଭାଗ୍ୟ ସମର୍ପି ଦେବା ନିତାନ୍ତ ଅନୁଚିତ। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ଉପଯୁକ୍ତ ଅସ୍ତ୍ରୋପଚାର, ଔଷଧ ଯୋଗାଣ ଓ ସର୍ବୋପରି ଡାକ୍ତର ଓ ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି କାର୍ଯ୍ୟ ପାଳନ କରେଇବାରେ ଦାୟିତ୍ୱ ସରକାରଙ୍କର। ଭାରତୀୟ ମେଡ଼ିକାଲ କାଉନସିଲର ତଥ୍ୟ ଅନୁସାରେ ଓଡ଼ିଶାରେ ୧୨୮୮ ଗ୍ରାମୀଣ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮୭ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି। ସରକାରୀ ମେଡ଼ିକାଲ କଲେଜରେ ୧୫୫୦ ଏମବିବିଏସ ଓ ୫୬୪ ପୋଷ୍ଟ ଗ୍ରାଜୁଏଟ ସିଟ ଅଛି। ଯେହେତୁ ସରକାରୀ ମେଡ଼ିକାଲ କଲେଜ ଚଳେଇବାର ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସରକାର ବହନ କରନ୍ତି, ଏଥିରେ ଶିକ୍ଷା ପାଉଥିବା ଛାତ୍ରଛାତ୍ରୀମାନଙ୍କୁ ଘରୋଇ ମେଡ଼ିକାଲ କଲେଜ ତୁଳନାରେ ବହୁତ କମ ଖର୍ଚ୍ଚ କରିବାକୁ ପଡ଼େ। ଏମବିବିଏସ ବା ପିଜି ସରିବା ପରେ ଡାକ୍ତରମାନଙ୍କୁ ଅତି କମରେ ଗୋଟିଏ ବର୍ଷ ବାଧ୍ୟତାମୂଳକ ଭାବେ ଗ୍ରାମୀଣ ଓ ସହର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ସେବା କରିବାର ଦାୟିତ୍ୱ ଦିଆଯିବା ଦରକାର। ଏପରିକି ହାଉସମ୍ୟାନସିପ ସମୟରେ କିଛି ମାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟ୍ରେନିଂ ନେବାର ଓ ସେଇ ମାଧ୍ୟମରେ ଜନତାଙ୍କ ସେବା କରିବାର ସୁଯୋଗ ଦିଆଯିବା ଉଚିତ। ଯୁବାବସ୍ଥାରେ ଏ କାମ କରିବା ସହଜ। ଦରକାର ହେଲେ ଏଥି ଲାଗି ସଂପୃକ୍ତ ଆଇନରେ ପରିବର୍ତ୍ତନ କରାଯିବା ଉପରେ ଧ୍ୟାନ ଦେବା ଜରୁରୀ।

ବିଭିନ୍ନ କ୍ଷେତ୍ରରେ ନୂଆ ସରକାର ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଭଲ କାମ କରିପାରିବେ। ଏ ସବୁ କାମକୁ ଠିକ ଭାବରେ ତଦାରଖ କରିବା ପାଇଁ ସରକାର ପ୍ରତି ଜିଲ୍ଲା ପାଇଁ ନୋଡାଲ ଅଫିସର ନିଯୁକ୍ତ କରିପାରିବେ। ଏଇ ଅଫିସରମାନେ ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟକାରିତାକୁ ଅନୁଧ୍ୟାନ ଓ ତର୍ଜମା କରିବେ। ବିଭିନ୍ନ ବିଭାଗର ଅଧିକାରୀମାନେ ଠିକ ଭାବରେ କାମ କରୁଛନ୍ତି କି ନାହିଁ ସେ ବିଷୟରେ ନୋଡାଲ ଅଫିସରମାନେ ସରକାରଙ୍କୁ ରିପୋର୍ଟ ଦେବେ। ଜନତା ଓ ଜନପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ମତାମତ ପ୍ରତି ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବେ। କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏ ନେଇ ଆମ ସମସ୍ତଙ୍କର ମଧ ଉତ୍ତରଦାୟିତ୍ୱ ରହିଛି। ଜଣେ ସୁନାଗରିକ ଭାବେ ଆମ ସମାଜର, ଆମ ଦେଶର ସର୍ବାଙ୍ଗୀନ ମଙ୍ଗଳ ନିମିତ୍ତ ଆମ ମାନଙ୍କର ଦାୟିତ୍ୱବୋଧକୁ ନିଷ୍ଠାପର ଭାବେ ପାଳନ କରିବା ଦ୍ୱାରା ବିକଶିତ ଓଡ଼ିଶା ସମ୍ଭବ।


+କଟିକଟା, ମଙ୍ଗଳପୁର, ଯାଜପୁର


## ସହରବାସୀ 'ଟାଟା ପାୱାର'କୁ ସବୁଦିନ ପାଇଁ ମନେ ରଖିବେ



### ସୁବ୍ରତ କର

ଦାନା ଆସିଲା ଦାନା ଗଲା ଏବଂ ନିଜକୁ ଅନ୍ୟାନ୍ୟ ଝଡ଼ ବାତ୍ୟା ସହିତ ସାମିଲ କରିଲା । ଭବିଷ୍ୟତରେ ଫାଇଲିନ, ହୁଡହୁଡ, ଫନି ସହିତ ଦାନା ମଧ୍ୟ ନିଜକୁ ବାନ୍ଧି ଦେଲା । କ୍ଷୟକ୍ଷତିର ହିସାବ ଜିଲ୍ଲା ପ୍ରଶାସନ ଏବଂ ସରକାର କରୁଛନ୍ତି ଏବଂ ଏହାର ନିସ୍କାଶ ୭ଦିନ ଭିତରେ ମିଳିବ । ଧନ ଜୀବନ ଉପରେ ବିଶେଷ କ୍ଷତି ହୋଇ ନଥିଲେ ମଧ୍ୟ ଜୀବିକା ଉପରେ ବିଶେଷ କ୍ଷତି ହୋଇ ନଥିଲେ ମଧ ଜୀବିକା ଉପରେ ନିଶ୍ଚିତ ଭାବରେ ବିଶେଷ ଭାବରେ ପ୍ରଭାବ ପକାଇ ପାରିଛି । ଏହି ଦୁଇ ଦିନ ନିଶ୍ଚିତ ଭାବରେ ପ୍ରଭାବ ପକାଇ ପାରିଛି । ଏହି ଦୁଇଦିନ ନିଶ୍ଚିତ ଭାବରେ ବିଶେଷ କରି ୪ ଜିଲ୍ଲା ପାଇଁ ବିପଦ ସୃଷ୍ଟି କରିଥିଲା (ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର) ଏବଂ ପରେ ଜୋଡ଼ି ହେଲା ମୟୂରଭଞ୍ଜ ଏବଂ କେଉଁଝର। ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ ସମସ୍ତେ ଏବଂ ସବୁ ବିଭାଗର କର୍ମକର୍ତ୍ତା ମାନେ ଯେ ଯାହାର କର୍ତ୍ତବ୍ୟକୁ କରିବା କଥା ଠିକ୍ ଭାବରେ ତୁଲାଇ ପାରିଛନ୍ତି । ଦାନା ନିଶ୍ଚୟ ଭାବରେ ୫-୬ ଜିଲ୍ଲାରେ ପ୍ରଳୟ ସୃଷ୍ଟି କରି ସମସ୍ତଙ୍କ ମନରେ ଗଭୀର ଛାପ ରଖିଗଲା । କିନ୍ତୁ ମୁଁ ଏତେ ବିସ୍ତୃତ ଅବିକଳରେ ଘଟିଥିବା ଘଟଣାକୁ ପଇଠ କରିବା ପାଇଁ ଚାହୁଁ ନାହିଁ । ମୋର ଲେଖା ରହିବ ବାଲେଶ୍ୱର ସହର ଏବଂ ସହରକୁ ବିଦ୍ୟୁତ ଯୋଗାଉଥିବା ସଂସ୍ଥା ଟାଟା ପାୱାରକୁ ନେଇ ଏହି ସଂସ୍ଥାଟି ଟାଟା କମ୍ପାନିର ଏକ ଅଂଶ ବିଶେଷ ଏବଂ ଏହି ସଂସ୍ଥାଟି ଏବେ ପ୍ରାୟ ସାରା ଓଡ଼ିଶାକୁ ବିଦ୍ୟୁତ୍ ଯୋଗାଇବାର ଦାୟିତ୍ୱ ନେଇଛି । ଏହି ଦାୟିତ୍ୱ ନେଲା ପରେ ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ୍ ଯୋଗାଇ ଚାଲିଛନ୍ତି ଏବଂ ମୋର ଧାରଣା ଏହା ପୂର୍ବରୁ ଯୋଗାଉଥିବା ବିଦ୍ୟୁତ୍ ସରାବରହ ସଂସ୍ଥାକୁ ଯଥେଷ୍ଟ ଭଲ । ଏହି ଦୁଇଦିନ ଦାନାର ପ୍ରକୋପକୁ ଭ୍ରୂକ୍ଷେପ ନକରି (୮୦-୧୦୦ କିମି ବେଗରେ ବହୁଥିବା ପବନ) ପ୍ରାୟ ନିରବଚ୍ଛିନ୍ନ ଭାବରେ ସହର ବାସିଙ୍କୁ ଆଲୋକ ଯୋଗାଇ ପାରିଥିଲା । ଦୁଇରାତି ସାରା ରାସ୍ତା ଆଲୁଅ, ଘର, ଡାକ୍ତରଖାନା ବି ପ୍ରାୟ ସବୁ କଳକାରଖାନା ଆଲୁଅ ପାଇଁ ଜଣା ପଡ଼ି ନଥିଲା ଦାନାର ତାଣ୍ଡବଲୀଳା । ସତରେ ଏହା କେମିତି ସମ୍ଭବ ହେଲା? ଟାଟାର ବ୍ରାଣ୍ଡ ପାଇଁ କି? ଏଇଟା ନିଶ୍ଚିତ ଟାଟା ବ୍ରାଣ୍ଡ ଏକ ସ୍ୱତନ୍ତ୍ର ଏବଂ ଏହାକୁ ମୁଁ ନିଜେ ଭଲ ଭାବରେ ଜାଣିଛି । ମୋର ଅଭିଜ୍ଞତା ମୁଁ ଏହିଠାରେ ରଖିବା ପାଇଁ ଚାହୁଁଛି ଯେ ମୁଁ ଯେତେବେଳେ ବମ୍ବେ ସହରକୁ ପାଠପଢ଼ିବାକୁ ଯାଇଥିଲି ପ୍ରଥମେ ମୋର ହଷ୍ଟେଲ ସାଙ୍ଗମାନଙ୍କ ପାଖରୁ ଶୁଣିଲି ବମ୍ବେରେ 'ବେଷ୍ଟ ଇଜ୍ ବେଷ୍ଟ' । ପ୍ରଥମେ ବୁଝି ପାରିନଥିଲି ଏହାର ଅର୍ଥ କଣ? ପରେ ଜାଣିଲି ବେଷ୍ଟ ହେଉଛି ବମ୍ବେ ଇଲେକ୍ଟ୍ରିସିଟି ସହରର ଇଲେକ୍ଟ୍ରିସିଟିର ଦାୟିତ୍ୱ ନ୍ୟସ୍ତ ଥିଲା ଟାଟା କମ୍ପାନୀ ଉପରେ। ମୋର ଦୁଇବର୍ଷ ରହଣି ଭିତରେ ମୁଁ କେବେ ଦେଖିନାହିଁ ପାୱାରକାଟ୍ । ସେବେଠୁ ମୁଁ ଟାଟା ପାୱାର ଆମ ପାଖରେ ଏବଂ ଆମର ସେବା କରିବାରେ ବ୍ୟସ୍ତ । ସମସ୍ତେ ଜାଣିଛନ୍ତି ବିଦ୍ୟୁତ୍ ଥିଲେ ପାଣି ମିଳିବ ଏବଂ ସେହି ଦୁଇଟି ଅତି ଦରକାରୀ ଏବଂ ଜରୁରୀ ଜିନିଷକୁ ଦାନା ଆମ ପାଖରୁ ଛଡ଼ାଇ ପାରିଲା ନାହିଁ । ଧନ୍ୟବାଦ ଟାଟା ପାୱାର ।




### ଦାନା' ଗଲାପରେ

### ରମେଶ ଚନ୍ଦ୍ର ନାୟକ



ବାତ୍ୟା ଚାଲିଗଲା ଆପଣା ବାଟରେ
ଛାଡ଼ି ଗଲା କେତେ ଚିହ୍ନ,
କ୍ଷୟ କ୍ଷତି ସବୁ କଲେ ଆକଳନ
ସରକାର ଦେଇ ମନ ।
'ଦାନା' ବାତ୍ୟା ଦ୍ୱାରା ହେଲା
ପ୍ରଭାବିତ
କେନ୍ଦ୍ରାପଡ଼ା, ବାଲେଶ୍ୱର,
ଯାଜପୁର, ପୁରୀ ଜଗତସିଂ ପୁର
ଭଦରଖ, କେଉଁଝର ।
ଉପକୂଳ ବାସୀ ହେଲେ ହନ୍ତସନ୍ତ
ଭାଙ୍ଗି ଥିଲା କିଛି ଘର,
ଦାନା ପାଣି ଦେଇ ରିଲିଫ୍ ଯୋଗାଇ
ଉଦ୍ଧାରିଲେ ସରକାର ।
ବାଟରେ ଘାଟରେ ଭାଙ୍ଗିଥିଲା ଗଛ
ଖୁଣ୍ଟରେ ବିଜୁଳି ତାର,
ବାତ୍ୟା ଗଲା ପରେ ନିମିଷେ ଭିତରେ
ସବୁ ହେଲା ପରିଷ୍କାର ।
ସ୍ୱେଚ୍ଛାସେବୀ ଦଳ ପୋଲିସର ବଳ
ସାହାଯ୍ୟ ସହାନୁଭୂତି,
ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଲେ
ଛାଡି ଘର ଦିନ ରାତି ।
ଜଙ୍ଗଲ ବିଭାଗ ଅଗ୍ନିଶମ ଦଳ
ଓଡ୍ରାଫ ନଜର ତିକ୍ଷ୍ଣ,
ଦାନା' ଡରିଗଲା ବାଟ ଭାଙ୍ଗି ଥିଲା
ମିଛ କରି ଆକଳନ ।
ବାତ୍ୟା ଚାଲିଗଲା ନ ପାଇକି ଦାନା
ରାଜନୀତି ପଶିଗଲା,
କିଏ କ'ଣ କଲା କିଏ ସେ ନକଲା
କେଉଁଠି ବିଲି ଝିଙ୍କିଲା ।
ଗଣ ମାଧ୍ୟମରେ ଚାଲି ଥିଲା ଚର୍ଚ୍ଚା
ଲୋକେ ପାରୁଥିଲେ ବୁଝି,
ବିଜୟର ଟିକା ମଥାରେ ପିନ୍ଧିଲା
ସର୍କାର ମୋହନ ମାଝି ।


କେଶରପୁର, ବକ୍ସି ବଜାର, କଟକ
ମୋ: ୭୯୭୮୧୫୧୭୧୦


### ଦର୍ପଣ

### ସୁଧାକର ରାଉତ



ସିନ୍ଦୂରା ଫାଟିଲା ବେଳକୁ
ଶୁଭୁଛି ଚିତ୍କାର
ଘରଦ୍ୱାର, ଭିତର ବାହାର
ଦେବାକୁ ଚିମୁଟାଏ ଆଧାର ସୁଖର ।

କିଏ ସେ ଦେବ କାହାକୁ
ଚାରିଆଡେ ତ ରାଜୁତି ଅଶାନ୍ତିର
ଧନାଢ୍ୟ ପରିବେଶରେ ବି
ରୋଷଣୀ ଚାଲିଛି ଅତୃପ୍ତ ବେଦନାର
ଶନିଦୃଷ୍ଟି ଆଘାତରେ
ସବୁକିଛି ହୋଇଛି ଚୂରମାର ।

ବ୍ୟାପିଛି ସର୍ବତ୍ର
ଭୟ ଆଉ ସନ୍ଦେହ ର ପଟୁଆର ।

ଭସାଣ ରେ ଦଙ୍ଗାଭୟ
ବିମାନରେ ବୋମାଭୟ
ଜୀବନକୁ ଆବୋରିଛି ମୃତ୍ୟୁଭୟ ।

ଅବିଶ୍ୱାସ ବିଛାଇଛି ଜାଲ ତାର
ନିରୀହ ମଣିଷ ବି ହୁଏ ହରବର ।

ମନଖୋଲା ହସ ଏଠି ବନ୍ଦୀ
କୁଟୀଳତା କାରାଗାର ମଧେ ହୃଦୟର।

ଶୂନ୍ୟ କୋଠରୀ ରେ ବି ଶୁଭେ
ବ୍ୟଭିଚାରର ସ୍ୱର ।

ସଭ୍ୟତାର ଗତିଶୀଳତା
ଉଭଟ କଳ୍ପନାର କ୍ରିୟାଶୀଳତା ଭିତରେ
ଦୋହଲିଯାଏ ମାନବିକତାର ସ୍ୱାକ୍ଷର
ଭାଙ୍ଗିବ ଟାଣପଣ କାହାର
ସମସ୍ତେ ଯୋଦ୍ଧୃଭାବ ନେଇ
ଯୁଝନ୍ତି ଏକାନ୍ତରେ
ଚକ୍ରବ୍ୟୂହରେ ଷଡ଼ଯନ୍ତ୍ରର ।


ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨


### ପ୍ରତୀକ୍ଷାର ପଥେ

### ରୋହିତ ସେଠୀ



ପ୍ରତୀକ୍ଷାର ପଥ କେତେଦୂର ଲମ୍ବା
ଜଣାନାହିଁ ମୋତେ ସାଥୀରେ
ଆକାଶେ ବିଶ୍ୱାସ ମନରେ ବାନ୍ଧିଛି
ପହଞ୍ଚିବ ନିଶ୍ଚେ ପାଖରେ ।

ଚାତକୀନି ସମ ଅନେଇ ରହିଛି
ପ୍ରେମ ଛିଟା କେବେ ଛାଟିବ
ନିରୋଳାରେ ଆସି ପାଖା ପାଖି ବସି
ମଧୁର ଆଳାପ କରିବ ।

ଭାରି ମନେ ପଡ଼ ମନେ ଉଠେ ଝଡ଼
ଯେବେଠାରୁ ଦୂରେ ରହିଛ
ବିରହ ନିଆଁରେ ପ୍ରତି ମୁହୂର୍ତ୍ତରେ
ହୃଦୟକୁ ମୋର ଦହୁଛ ।

ତୁମ ଆଗମନେ ମନ ଅଗଣାରେ
ପ୍ରୀତିର କୁସୁମ ଫୁଟିବ
ଭୁରୁଭୁରୁ ବାସେ ପ୍ରେମର ଦୁନିଆ
ଆପେ ଆପେ ହସି ଉଠିବ ।


ଦୁତିମେଣ୍ଡି,ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

# ଦେବୀ





ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆହାଃ ... କେଡେ ଗୁଣର ଝିଅଟେ। କଳା ହେଲେ କ'ଣ ହେଲା ଭାରି ଫୁରୁସତରେ ଗଢ଼ିଛି ଗଢିବାବାଲା। ଆଖିରେ ଆକାଶେ ଆପଣାପଣ। ଓଠରେ ଅମାପ ପ୍ରୀତି। ହୃଦୟରେ ଏତେ ବିଶାଳତା ଭଗବାନ ଖଞ୍ଜିଲା କେମିତି ? ଯେଉଁ କୁଳରେ ଜନ୍ମ ହେଉଛି ହେଉ ନା କାହିଁକି ଝିଅଟି ମାତ୍ର ହୀରା ଖଣ୍ଡେ। ଏଇ ମାସେ ହେଲା ସେ ତା' ସେବାରେ ଜନ୍ମ ଜନ୍ମର ସମ୍ପର୍କକୁ ଟପି ଗଲାଣି। ଗର୍ଭବେଦନା ପାଇ ଜନ୍ମ ଦେଇଥିବା ପୁଅଝିଅ ତ ପାଖରେ ନାହାନ୍ତି ହେଲେ ଏ ନର୍ସ ସ୍ମିତା ସେମାନଙ୍କଠାରୁ ବି ଅଧିକ ଯତ୍ନ ନେଉଛି। ଏତେ କମ ସମୟରେ ମନକୁ କେମିତି ପଢିପାରୁଛି ଜଣେ ? ମନପସନ୍ଦର ଖାଇବା, ପସନ୍ଦ ରଙ୍ଗର ଶାଢ଼ୀ ପିନ୍ଧାଇବା, ମୁଣ୍ଡ କୁଣ୍ଡାଇବା ସବୁ ସେ କେମିତି ଜାଣିଲା ? ଭାରି ଆଶ୍ଚର୍ଯ୍ୟ ଲାଗୁଛି। ଗତଜନ୍ମରେ ଏ କ'ଣ ମୋର ମାଆ ଥିଲା ? ଛାଡ଼.. ମୋର କପାଳ ମନ୍ଦ। ନହେଲେ ମୋ ଭାଗ୍ୟକୁ... ଏ କୁଳାଙ୍ଗାର...। ଯାହାର ଭବିଷ୍ୟତ ଗଢିବା ପାଇଁ ଭିଟାମାଟି, ପରିବାର ଛାଡି ସହରରେ ରହିଲି। ପିଲା ମଣିଷ ହେବ, ସଂସାର କରିବ, ପରିଣତ ବୟସର ସାହାରା ହେବ। ହୁଁ..., ସବୁ ଆଶା ମୋର ମରିଗଲା।

କେଡେ ସୁନ୍ଦର ଥିଲା ସେ ଦିନ ସବୁ...। ପାଠ ଶାଠରେ ପୁଅପାଇଁ ଗର୍ବ କରି ଯେତେବେଳେ ଛାତି ଫୁଲେଇ ଚାଲୁଥିଲେ ତା' ବାପା। କେବେ କେମିତି ପୂଜା ପର୍ବରେ ଗାଁକୁ ଗଲେ ପ୍ରଶଂସା ସାଇତିବାକୁ ମୋ କାନି ନିଅଣ୍ଟ ପଡୁଥିଲା। ହେଲେ କ'ଣ ହେବ କାହାର ନଜର ଲାଗିଗଲା ଏ ଖୁସିରେ ଯେ, ସୁନ୍ଦର ସଂସାରଟା ଛାରଖାର ହୋଇଗଲା। କି କିମିଆ କଲା ସେ ପୋଡାମୁହିଁ କେଜାଣି ? ମୋ ହଳଦୀ ଗଣ୍ଠିପରି ସୁନା ପୁଅଟା ବେଗିଁ ପିତଳ ହୋଇଗଲା। ସେ ଡାହାଣୀ ମୋ ପିଲାକୁ କେମିତି ରଖିଥିବ କେଜାଣି ? ମୋର ସବୁ ସୁଖ ଶିରୀ ଖାଇଗଲା। ସେ ପୋଡାମୁହିଁର ମୁହଁ ଦେଖି କରି ନାହିଁ। ହେ ଭଗବାନ ! ଦୁର୍ଘଟଣା ତ ଘଟେଇଲ ମାରିଦେଇଥାନ୍ତ ଭଲା।

ବିଳିବିଳେଇ ଉଠିଲେ ମିନାକ୍ଷୀ ଦେବୀ। ସୁପ ଗିନାଧରି ଆସୁଥିବା ସ୍ମିତା କହି ଉଠିଲେ, 'ସେମିତି ହୋଇଥିଲେ ମୋତେ ଏ ସେବା କରିବା ପାଇଁ ସୁଯୋଗ କେମିତି ମିଳିଥାନ୍ତା ତ ? ' ସୁପକୁ ଟେବୁଲ ଉପରେ ରଖିଦେଇ ସେ ମିନାକ୍ଷୀ ଦେବୀଙ୍କ ହାତ ଧରି ସୋଫାରେ ବସାଇଲେ। ଥଣ୍ଡା କରି ଧୀରେ ଧୀରେ ସୁପ ପିଆଇ ଦେଲେ। ତା' ପରେ ୟୁ ଟ୍ୟୁବରୁ ହେୟାର ଷ୍ଟାଇଲ ଦେଖାଇ କହିଲେ , ଆଜି ଆପଣଙ୍କୁ ଏମିତି ସଜେଇଲେ କେମିତି ଲାଗିବେ ? ହସି ଦେଲେ ମିନାକ୍ଷୀ ଦେବୀ। ତା' ମୁଣ୍ଡକୁ ଆଉଁଶି କହିଲେ ମୁଁ ଗୋଟେ ଗୋଡ ଭଙ୍ଗା ରୋଗୀ ବୋଲି ତୁ ଟିକେ ବି ଅନୁଭବ କରିବାକୁ ଦେଲୁନିରେ ମାଆ। ତୁ ଅହ୍ୟ ସୁଲକ୍ଷଣୀ ହୋଇଥା। ତୋର ହାତ କାଚ ବଜ୍ର ହୋଇଥାଉ। କୋଟି ପରମାୟୁ ଭଗବାନ ତୋତେ ଦିଅନ୍ତୁ।

ବାସ ମୁଣ୍ଡରେ ବେଣୀ ବାନ୍ଧିବା ପରେ ଜାମୁକୋଳିଆ ରଙ୍ଗର ଡ୍ରେସଟିଏ ପିନ୍ଧାଇ ଦେଇ ସ୍ମିତା କହିଲା, ଆପଣ ତ ସୁସ୍ଥ ହୋଇ ଗଲେଣି। ଆଜିଠାରୁ ମୋ କାମ ସରିଲା। ଆଜି ଆପଣଙ୍କ ପୁଅ ଆସୁଛନ୍ତି ଆପଣଙ୍କୁ ଘରକୁ ନେଇଯିବେ। କିଛି ସମୟ ପାଇଁ ତାକୁ ଚାହିଁ ରହିଲେ ମିନାକ୍ଷୀ ଦେବୀ। ସ୍ମିତ ହସଟେ ଓଠରେ ଆଙ୍କି ସ୍ମିତା ସବୁ ଜିନିଷ ସଜେଇବାରେ ଲାଗିଯାଇଛି। ତାକୁ ନିରେଖୀ ଦେଖୁ ଦେଖୁ ସେ ଭାବି ବସିଲେ।

-କଣ ଏମିତି ଭାବୁଛନ୍ତି ମ୍ୟାଡାମ ? ଆପଣ ଖୁସି ହେବା କଥା । ଏତେଦିନ ପରେ ଆଜି ଆପଣଙ୍କ ପୁଅ ଆସୁଛନ୍ତି। ଆପଣ ଘରକୁ ଯିବେ।

-ଉଁ ହୁଁ...। ଖୁସି ମୋତେ ଲାଗିବ ସେତେବେଳେ ଯେତେବେଳେ ମୋ ଝିଅ ମାନେ ତୁ ମୋତେ ଛାଡିବାକୁ ଆମ ଘରକୁ ଯିବୁ। ଆଉ ଗୋଟେ କଥା ତୁ ଜାଣିନୁ। ଅଜିତର ବାପା ପରା ତୋତେ ସାଙ୍ଗରେ ନେଇ ଘରକୁ ଯିବା କଥା କହିଥିଲେ।

-ଏଇକଥା । ଆପଣଙ୍କ ଖୁସି ପାଇଁ ତ ମୁଁ ସବୁକିଛି କରିପାରେ।

ଗାଡି ପହଁଚିଲା ଜିତେନ୍ଦ୍ର ବାବୁଙ୍କ ବାସ ଭବନରେ। ତିନି ଦିନ ଆଗରୁ ସେ ଡାକ୍ତରଖାନାରୁ ମିନାକ୍ଷୀଙ୍କୁ ଛାଡି ଘରକୁ ଫେରିଥିଲେ ଘର ସଫାସୁତୁରା କରାଇବାକୁ। ବନ୍ଦାଣ ଥାଳି ଧରି ସ୍ୱାମୀ ଅପେକ୍ଷା କରିଥିଲେ ଦ୍ୱାରମୁହଁରେ ସ୍ତ୍ରୀଙ୍କୁ ପାଛୋଟି ନେବାକୁ। ଦ୍ୱାର ପାଖରେ ପହଞ୍ଚି ମିନାକ୍ଷୀ ଦେବୀ ସ୍ୱାମୀଙ୍କ ହାତରୁ ନେଇ ଆସିଲେ ବନ୍ଦାଣ ଥାଳି। କହିଲେ, ଯାହା ପାଇଁ ମୁଁ ଆଜି ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଲି, ତାକୁ ଆଗ ଘରକୁ ସ୍ୱାଗତ କରେ। ବୁଲି ପଡି ସେ ସ୍ମିତାଙ୍କୁ ଟିପା ଲଗାଇଲେ, ମୁଣ୍ଡରେ ଅରୁଆ ଚାଉଳ ପକାଇଲେ, ବନ୍ଦାଇ ପାଛୋଟି ନେଲେ ଘରକୁ। ପଛରେ ଠିଆ ହୋଇଥିଲେ ପୁଅ ଅଜିତ। ଏତେ ଦିନ ପରେ ସେ ମଧ୍ୟ ଘରକୁ ଆସିଛି। ତା' ଛଡା ହାତୀ ବନସ୍ତରେ ରହିଲେ ବି, ପରା ରାଜାଙ୍କର। ଆଉ ଏ ତ ତାଙ୍କ ପୁଅ, କୁଳନନ୍ଦନ। ପୁଅ ଜଙ୍ଗରେ ଝାଡା ଫେରିଲେ ବାପାମାଆ କ'ଣ ଜଙ୍ଘ କାଟିଦିଅନ୍ତି ? ସବୁ ରାଗ ଅଭିମାନକୁ ଢ଼ୋକିଦେଇ ସେ ପୁଅକୁ ବି ବନ୍ଦାପନା କରି ଘରକୁ ନେଲେ। ହେଲେ ରକ୍ତ ଚାଉଳ ଚୋବାଉଥିଲେ ସେ କୁଲକ୍ଷଣି ପାଇଁ। ଯିଏ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ପୁଅକୁ ବିବାହ କରି ବାହାରେ ରହୁଛି। ମରିଯିବେ ସିନା କେବେ ବି ତାକୁ ବୋହୂ ଭାବରେ ଗ୍ରହଣ କରିବେ ନାହିଁ। ସ୍ମିତାଙ୍କୁ ଜିତେନ୍ଦ୍ର ବାବୁ ଘର ବୁଲାଇ ଦେଖାଉଛନ୍ତି। ସ୍ମିତା ମଧ୍ୟ ପ୍ରଜାପତିଟିଏ ପରି ଏ ଘର ସେ ଘର ଖୁସିରେ ବୁଲି ବୁଲି ଦେଖୁଛି।

ପିଲାଟା ଘରକୁ ପ୍ରଥମଥର ଆସିଛି, ଲେମ୍ବୁ ସରବତ ଟିକେ କରି ପିଇବାକୁ ଦେବେ। ମିନାକ୍ଷୀ ଦେବୀ ଚାଲିଲେ ରୋଷେଇ ଘରକୁ। ଲେମ୍ବୁ ସର୍ବତ ଧରି ସ୍ମିତାକୁ ଖୋଜୁଛନ୍ତି। କୁଆଡେ ଗଲା ବାୟାଣୀ ? ତାଙ୍କୁ ନ କହି କ'ଣ ଚାଲିଗଲା ? ତାଙ୍କ ଚିନ୍ତା ଜାଣିପାରି ଜିତେନ୍ଦ୍ର ବାବୁ ଇସାରା କରି କହିଲେ, ସେ ଅଜିତ କୋଠରିରେ ଅଛି। ତା'ର ପ୍ରାପ୍ୟଟା ତ...ସେ ପୁଣି ପାଇବ।

ମିନାକ୍ଷୀ ଦେବୀ ଅଜିତ କୋଠରି ଆଡକୁ ଗଲେ ପର୍ଦ୍ଦାଟିକୁ ଟେକି ପୁଣି ପକାଇ ଦେଲେ। କୋଠରି ବାହାରେ କାନ୍ଥକୁ ଆଉଜି ଏକ ଦୀର୍ଘ ନିଃଶ୍ୱାସ ଛାଡିଲେ। ଏ କ'ଣ ସ୍ମିତା ଆଉ ଅଜିତ ପରସ୍ପର...। ହୃଦୟଟା ଆନ୍ଦୋଳିତ ହୋଇ ଉଠିଲା। ଏଇ ଏକମାସ ଭିତରେ ସେ ସ୍ମିତାଙ୍କୁ କେତେଥର ନିଜ ବୋହୂ ଭାବରେ କଳ୍ପନା କରିନାହାନ୍ତି। କିନ୍ତୁ ସେ ଯେ ବିବାହିତା ଆଉ ଅଜିତ ମଧ୍ୟ। ଖୁସିଟା ପୋକଡ଼ା ଫଳଟିଏ ପରି ଝଡି ପଡିଲା ନିମିଷକରେ...। ପର୍ଦ୍ଦାକୁ ଉଠାଇ ସେ ଝପଟି ଗଲେ କୋଠରି ଭିତରକୁ। ଅଜିତ... କହି ଟାଣି ଆଣିଲେ ତାକୁ ଆଉ ଶକ୍ତ ଏକ ଚାପୁଡ଼ା ବସାଇଦେଲେ ତା' ଗାଲରେ। ଗୋଟାପଣେ ଥରି ଉଠୁଥିଲା ସ୍ମିତା। ସ୍ମିତାଙ୍କୁ କୋଳେଇ ନେଇ ସେ କହିଲେ, ମା'ରେ ! ତୁ ଭାରି ଭଲ ଝିଅଟେ। ତୁ ଏ କୁଳାଙ୍ଗାର କଥାରେ ଜମା ପଡ଼ିବୁନି। ତୋର ଘର ସଂସାର ୟା କଥାରେ ପଡି ଜମାରୁ ଉଜାଡ଼ିବୁନି। ଏତିକି କହି ସେ ମାଡି ଗଲେ ଅଜିତ ଆଡକୁ। ଅଜିତ ପଛକୁ ପଛ ପାଦ ପକାଉ ଥାଏ ଆଉ ମିନାକ୍ଷୀ ଦେବୀ ଆଗକୁ। କ୍ରୋଧ ଜର୍ଜରିତ ଆଖି ଥରିଲା ଓଠରେ ସେ ଗର୍ଜିବାକୁ ଲାଗିଲେ,'ତୁ ପାଠ ଶାଠ ପଢ଼ି ଏଇମିତି ମଣିଷ ହେଲୁ ? ଖବରଦାର (ସ୍ମିତା ଆଡକୁ ଆଙ୍ଗୁଠି ଦେଖାଇ) ମୋ ଝିଅର ସଂସାର ଉଜାଡ଼ିବୁ ତ। ମନେରଖ ! ତୋର ବି ଗୋଟେ ସ୍ତ୍ରୀ ଅଛି। ତା' ସଂସାର ଉଜୁଡେଇଲେ ମୁଁ ତୋତେ...।

ଅଜିତ ଆଣ୍ଠୁମାଡ଼ି ବସିପଡିଛି ମିନାକ୍ଷୀ ଦେବୀଙ୍କ ପାଦତଳେ ଆଉ ମିନାକ୍ଷୀ ଦେବୀ ପୁଅର କାନ ଧରି ମୋଡି ଦେବାବେଳେ ଝୁଙ୍କି ପଡିଛନ୍ତି ଆଗକୁ। ଅଦୂରରେ ସ୍ମିତା ଆଣ୍ଠେଇ ପଡୁ ପଡୁ ଅଜାଣତରେ ହାତ ଦୁଇଟି ଯୋଡି ହୋଇଯାଉଛି ଦୁର୍ଗତି ନାଶିନୀ ଶାଶୁ ଦେବୀ ମିନାକ୍ଷୀଙ୍କ ଦେବୀତ୍ୱ ଆଗରେ...।

+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

# ସ୍ୱାର୍ଥପର ଦୁନିଆଁ

ଶିବରାମ ଦଳେଇ



ସୁନନ୍ଦା :- ସମ୍ବିତ ତୁମେ ଏ ଚାକରଟାକୁ ଏତେ ମୁଣ୍ଡରେ ବସାଇବା କଣ ଦରକାର । ଏମିତିରେ ସେ ବୁଢ଼ା ହେଲାଣି, ଠିକ ସେ କୌଣସି କାମ ତା ଦ୍ୱାରା ହେଇ ପାରୁନି, ଠିକ ସେ ଯିଏ ନିଜକୁ ସମ୍ଭାଳି ପାରୁନି । ସେ ଆମ ଘର କଣ ସମ୍ଭାଳିବି । ବରଂ ତା ଜାଗାରେ ଜଣେ କମ ବୟସର ଚାକରଟେ ରଖିଲେ ଆମେ ଆଉ ଆମର ଘର ସୁରକ୍ଷାରେ ରହିବ ।

ସମ୍ବିତ :- ନାହିଁ ସୁନନ୍ଦା ତୁମେ ଜାଣିନ, ରଘୁକାକା ଏ ଘରର ଚାକର ନୁହେଁ ବରଂ ସେ ଏ ଘରର ସଦସ୍ୟ । ତୁମେ ତ ଏ ଘରକୁ ଏବେ ଏବେ ବୋହୂ ହେଇ ଆସିଛ । ତୁମେ ରଘୁକାକା ବିଷୟରେ କଣ ବା ଜାଣିଛ ।କିଛି ଦିନ ଅପେକ୍ଷା କର ଦେଖିବ ସେ କେମିତି ନିଜର ହେଇଯିବେ । ଆଉ ଜାଣି ରଖ ତୁମେ ଯେଉଁ ଘରକୁ ଆମ ଘର ବୋଲି କହୁଛ, ସେ ଘର ପାଇଁ ରଘୁକାକାର ଅବଦାନ ଅତୁଳନୀୟ। ଆଉ ଆଜି ଯେଉଁ ବିଜନେସକୁ ମୁଁ ସମ୍ଭାଳିଛି ତାହା କେବଳ ଏ ରଘୁକାକା ପାଇଁ ସମ୍ଭବ ହେଇଛି । ହଁ ସୁନନ୍ଦା ଏ କଥା ମୁଁ କହୁନି ଏ କଥା କୁହନ୍ତି ମୋ ବାପା। ସୁନନ୍ଦା ଆଗକୁ ରଜ, ମାର୍କେଟରୁ ତୁମ ପାଇଁ କିଛି ସପିଙ୍ଗ କରିଥିଲି। ନେଲ ନେଲ ୟାକୁ ଭିତରକୁ ନେଇ ଯାଅ ।

ରଘୁକାକା ରଘୁକାକା ଚାହା କପେ ମିଳିବ ।

ରଘୁକାକା :- ଯାଉଛି ସାନବାବୁ।

(କିଛି ସମୟ ପରେ ଚାହା କପେ ଧରି ଆସି ପହଞ୍ଚେ ରଘୁକାକା, ଆଉ ବେଞ୍ଚ ଝୁଣ୍ଟି ଚାହା କପ ହାତରୁ ଖସି ଭାଙ୍ଗିଯାଏ।)

ସମ୍ବିତ :-ଆହାଃ !

ରଘୁକାକା :- ଭୁଲ ହେଇଗଲା ସାନ ବାବୁ। ମୁଁ ଆଉ ଥରେ ଚାହା ନେଇ ଆସୁଛି ।

ସୁନନ୍ଦା :- ଖାଲି ଭୁଲ ମାଗିଦେଲେ କଣ ସବୁ ସରିଗଲା। ଏତେ ଦାମୀ କପଟା ମୋର ଭାଙ୍ଗିଦେଲ। ଗୋଟେ ଆଖି ତ ନାହିଁ ତା ପରେ ତୁମ ଦ୍ୱାରା ଠିକ ସେ କୌଣସି କାମ ହେଉନାହିଁ। ତୁମେ ଏ ଘର ଛାଡ଼ି ଚାଲିଯାଉନ କାହିଁକି ?

ରଘୁକାକା :- ସେମିତି କୁହନ୍ତୁ ନାହିଁ ଝିଅ ।

ସୁନନ୍ଦା :- ଝିଅ। ଝିଅ କଣ ମ୍ୟାଡାମ କହ। ସମ୍ବିତଙ୍କ ପାଇଁ କଣ କରିଦେଇଛୁ ଯେ ସେ ତୁମକୁ ମୁଣ୍ଡରେ ବସେଇଛନ୍ତି। ହେଲେ ମୁଁ ତୁମ ଭଳିଆ ଛୋଟଲୋକ ମାନଙ୍କୁ ଠିକ ଚିହ୍ନେ।

ସମ୍ବିତ :- ତୁମେ ତୁମେ ଏ କଣ କହୁଛ ସୁନନ୍ଦା । ରଘୁକାକା ମୋ ବାପା ବୟସର ,ପୁଣି ଆମ ଘର ସହ ତାଙ୍କର ପୁରୁଣା.......

ସୁନନ୍ଦା :-ତୁମେ ଟିକେ ଚୁପ ରହିବ। ଏଭଳି କର୍ମଠମାନଙ୍କୁ ମୁଁ ଭଲ ଭାବରେ ଜାଣେ। ସେମାନେ ନିଜର ଫାଇଦା ପାଇଁ ତୁମମାନଙ୍କୁ ଏଭଳି ଜାଲ ବିଛେଇ ଫସାନ୍ତି। ବାସ କାର୍ଯ୍ୟ ହାସଲ ପରେ ନିଜ ଘରକୁ ବାହୁଡନ୍ତି ।

ରଘୁକାକା :- ମୋର ଭୁଲ ହେଇଗଲା ଝିଅ, ନାହିଁ ମାଡାମ । ଆଗକୁ ଧ୍ୟାନ ଦେଇ କାମ କରିବି। କୌଣସି ଭୁଲ କରିବି ନାହିଁ ।

ସୁନନ୍ଦା :- ରହିଲେ ତ ଭୁଲ କରିବୁ। କହ ଆଜି ଯାଏ ତୋର କେତେ ଦରମା ହେଉଛି । ସିଧା ସଳଖ ସମ୍ବିତଙ୍କଠୁ ନେଇ ପଳା। ହଁ ଭବିଷ୍ୟତରେ ମୋ ଘର ତ ଦୂରର କଥା ମୋ ଘରର ଖଣ୍ଡେ ଦୂରରେ ବି ତୋତେ ନ ଦେଖେ ।

ସମ୍ବିତ :- ଏ କଣ ତୁମେ କହୁଛ ସୁନନ୍ଦା ? ସେ ଏ ଘରର ଜୀବନ। ତା ଛଡ଼ା ସେ ଏ ବୟସରେ ଯିବେ କୁଆଡେ ? ଜୀବନ ସାରା ଆମ ଘରର ସୁଖ ଦୁଃଖର ସାଥି ହେଲେ। ଆମ ଛଡା ଏ ବୟସରେ କିଏ ବା ସହାୟ ହେବ ?

ସୁନନ୍ଦା :- ତୁମେ ଟିକିଏ ଚୁପ ରହିବ । କାହିଁ ଏ ଦୁନିଆରେ କଣ ବୃଦ୍ଧା ଆଶ୍ରମ କମ ଅଛି ଯେ।

ରଘୁକାକା :-ତୁମେ ଠିକ କହିଛ ମାଡାମ । ଏ ସ୍ୱାର୍ଥପର ଦୁନିଆଁରେ କିଏ ବା କାହାର । ଯେଉଁଠି ପୁଅ ବାପାର ନୁହେଁ, ଭାଇ ଭାଇର ନୁହେଁ ପୁଅ ମାଆର ନୁହେଁ, ଭଉଣୀ ଭାଇର ନୁହେଁ । ମୁଁ ବା ଛାର ପରଟାଏ ନିଜର ହେବି କେମିତି ?

ସୁନନ୍ଦା :- ଚାକର ହେଇ ବହୁତ ଭଲ ଅଭିନୟ କରୁଛୁ କିନ୍ତୁ ମୁଁ ତୋତେ ଭଲ ଭାବେ ଚିହ୍ନି ସାରିଛି ।

ରଘୁକାକା :-ଠିକ ହେଲା ମୋତେ ମୋର ହୋସ ଫେରେଇ ଦେଲ । ଭାବୁଥିଲି ମୁଁ ଏ ଘରର ଜଣେ ସଦସ୍ୟ ବୋଲି । ମୁଁ ଏ ଘରର ଚାକର ବୋଲି ଭୁଲି ଯାଇଥିଲି । ହଉ ଠିକ ଅଛି ଏ ଘରେ ମୋ ପାଇଁ ବୋଧେ ଏତିକି କର୍ତ୍ତବ୍ୟ ଥିଲା । ଆଉ ରହିଲା ଦରମା କଥା । ଜୀବନ ସାରା ଏ ଘରୁ ମୁଁ ଖାଇ ପିଇ ରହି ଆସିଛି କେବେ ଗୋଟେ ଟଙ୍କା ମାଗିନାହିଁ । ମୁଁ କିଛି କହିବା ଆଗରୁ ମୋ ପାଇଁ ଚାଲିଆସେ । ମୁଁ ବା କାହିଁ ଟଙ୍କା ମାଗିବି । ମୋର ବା ଟଙ୍କା କଣ ହେବ । ଏବେ ମୋତେ ବିଦାୟ ଦିଅ ।

ସମ୍ବିତ :- ରଘୁକାକା....

ରଘୁକାକା :- ସାନବାବୁ, ଏ ହେଉଛି ମିଛ ମାୟାର ସଂସାର । ଏଠି କେହି ନୁହେଁ କାହାର । ହଁ ସାନବାବୁ, ୟା ଭିତରେ ମୁଁ ଭୁଲି ଯାଇଥିଲି ମୁଁ ଗୋଟେ ଚାକର । ଏତେ ବର୍ଷର ସେବା ଭିତରେ ଯଦି ମୋର କିଛି ତ୍ରୁଟି ଥାଏ ତେବେ ମୋତେ ଏ ଘରର ସଦସ୍ୟଟିଏ ଭାବି ମୋତେ କ୍ଷମା କରି ଦେବ ।

ସୁନନ୍ଦା :- ଏଇ ନେ ତୋର ଗଣ୍ଠିଲି । ସୂର୍ଯ୍ୟାସ୍ତ ପୂର୍ବରୁ ଏ ଜାଗା ଛାଡ଼ି ଚାଲି ଯାଆ । ନଚେତ ତୋ କଣା ଆଖିକୁ ବାଟ ଦିଶିବନି ।

ରଘୁକାକା :- ହଁ ମ୍ୟାଡ଼ାମ, ଜୀବନର ସୂର୍ଯ୍ୟାସ୍ତ ତ ପାଖେଇ ଆସିଛି। ଡେରି ବା କାହିଁକି କରିବି । ଆଉ ରହିଲା ମୋ ଆଖି କଣା ହେବା କଥା । ତେବେ ଶୁଣ ଯେତେବେଳେ ସମ୍ବିତ ବାବୁ ଛୋଟ ହେଇଥିଲେ, ଗୋଟେ ବଡ଼ ଦୁର୍ଘଟଣାରେ ତାଙ୍କର ଗୋଟିଏ ଆଖି ନଷ୍ଟ ହେଇଗଲା । ସେହି ଦୁର୍ଘଟଣାରେ ତାଙ୍କ ମାଆ ଆର ପାରିକୁ ଚାଲିଗଲେ। ବଡବାବୁ ଅଳ୍ପକେ ବର୍ତ୍ତିଗଲେ । ଆଉ ମୁଁ ମୋର ଗୋଟିଏ ଆଖି ଓ ଦେହର କିଛି ରକ୍ତ ଦେବାରୁ ଏଇ ସାନବାବୁ ସୁସ୍ଥ ହେଲେ । ଏ କଥା ନ କହିବାକୁ ମୋତେ ବଡ଼ ବାବୁ ରାଣ ଦେଇଥିଲେ। ଯେତେବେଳେ ତୁମେମାନେ ଜାଣିବାକୁ ଚାଂହୁଛ ଏ ଆଖିଟା ବିଷୟରେ ତେବେ ମୋ ପାଟିଟା ଥୟ ହେଇ ପାରିଲାନି। ଉପରେ ଥାଇ ମୋତେ କ୍ଷମା କରିବ ବଡବାବୁ। ମୁଁ ତୁମକୁ କଥା ଦେଇ କଥା ରଖି ପାରିଲିନି।

ସମ୍ବିତ :- ରଘୁକାକା (ଭେଁ ଭେଁ ହୋଇ କାନ୍ଦି ଚାଲିଥିଲା ସମ୍ବିତ )

କିଛି ସମୟ ଭିତରେ ଅଦୃଶ୍ୟ ହେଇଯାଏ ରଘୁକାକା । ୟା ଭିତରେ କିଛି ବର୍ଷ ବିତିଯାଇଛି। ଆଜି ସୁନନ୍ଦା ଆସିଛି ବୃଦ୍ଧାଆଶ୍ରମ ନିଜ ଜନ୍ମିତ ବାପାକୁ ଦେଖିବାକୁ । ପୁଅ ବୋହୂର ଦୁଃ-ବ୍ୟବହାର, ଅସହ୍ୟ ଗାଳିଗୁଲଜ ସହ୍ୟ କରି ନ ପାରି ବୃଦ୍ଧାଆଶ୍ରମରେ ଆଶ୍ରୟ ନେଇଛି ସୁନନ୍ଦାର ବାପା । ସେଠି ବାପାଙ୍କୁ ଦେଖି ବହୁତ ଦୁଃଖ ପ୍ରକାଶ କରେ ଝିଅ ସୁନନ୍ଦା । ମନେ ପକାଏ ଅତୀତ ର ଘଟଣା । ବୁଝି ସାରିଛି ଏଇ ସ୍ୱାର୍ଥପର ଦୁନିଆକୁ । ସୁନନ୍ଦା ଏଇ ସ୍ୱାର୍ଥପର ଦୁନିଆଁରେ ସେହି ନିଃସ୍ୱାର୍ଥପର ଲୋକଟାକୁ ମନେ ପକାଉଛି। ହଠାତ ବୃଦ୍ଧାଆଶ୍ରମର ମୁଖ୍ୟ ଦାୟିତ୍ୱ ରେ ଥିବା ଏକ ଆଖି ଥିବା ବୃଦ୍ଧ ଉପରେ ନଜର ପଡି ଚମକି ପଡ଼ିଲା ସୁନନ୍ଦା ।

+ଲେଖନପୁର, ସାଲେପୁର
ମୋ: ୯୪୩୯୯୩୭୦୭୧

# ପଶ୍ଚାତାପ୍

ହେମନ୍ତ ସାହୁ

ମହାପାତ୍ରବାବୁ ଜଣେ ଭଦ୍ରଲୋକ । ସେ ପାଗଳପୁର୍ ହାଇସ୍କୁଲର ଜଣେ ଶିକ୍ଷକ। ତାଙ୍କ କାର୍ଯ୍ୟକଳାପକୁ ଗାଁରେ ସମସ୍ତେ ପ୍ରଂଶସା କରନ୍ତି। ଶିକ୍ଷକ ହେବା ସଙ୍ଗେ ସଙ୍ଗେ ସେ ଜଣେ ଧାର୍ମିକ ବ୍ୟକ୍ତି । ତାଙ୍କ ଗୋଟେ ଝିଅ ନାଁ କବିତା । ମହାପାତ୍ର ବାବୁଙ୍କ ପୁରା ନା ଥିଲା ବିନୋଦ କୁମାର ମହାପାତ୍ର । ତାଙ୍କ ସ୍ତ୍ରୀ ଅଳକାନନ୍ଦ ଭାରି ଭଲ ମହିଳା ଅଟନ୍ତି। ମହାପାତ୍ରେଙ୍କ ଲକ୍ଷ୍ୟ ଥିଲା ତାଙ୍କ ଝିଅକୁ ଏକ ଭଲ ପରିବାରରେ ବିବାହ କରାଇବେ । କବିତା ଯୁକ୍ତ ଦୁଇ କଳାର ଦ୍ୱିତୀୟ ବର୍ଷର ଛାତ୍ରୀ । କବିତାର ପରୀକ୍ଷା ପାଖକୁ ଆସିଲାଣି କିନ୍ତୁ ପଢ଼ାପୁଢ଼ିର କିଛି ନାମ ନାହିଁ ।



କବିତା ପରୀକ୍ଷା ଦେବାପାଇଁ କଲେଜକୁ ଯାଇଛି। ମହାପାତ୍ର ବାବୁ ସ୍କୁଲରେ ପିଲାଙ୍କୁ ପାଠ ପଢୁଥିବା ବେଳେ ହଠାତ୍ ତାଙ୍କ ସ୍ତ୍ରୀ ଆଳକାନନ୍ଦର ଫୋନ୍ ଆସିଛି ଆଉ କହୁଥାନ୍ତି – ବହୁତ୍ ବେଳ ହେଲାଣି କିନ୍ତୁ କବିତା କଲେଜ୍‌ରୁ ଏବେ ପର୍ଯ୍ୟନ୍ତ ଆସିନି । ମହାପାତ୍ର ବାବୁଙ୍କ ମନରେ ଚିନ୍ତାର ବିଶାଳ ପର୍ବତ ଗଠନ ହୋଇଥାଏ।

ମହାପାତ୍ର ବାବୁ ଓ ତାଙ୍କ ସ୍ତ୍ରୀ ପୁଲିସ ଷ୍ଟେସନରେ ଏସ ଆଇ ଥାନା ବାବୁଙ୍କ ଅପେକ୍ଷା କରିଥାନ୍ତି। ଏସ ଆଇ ଥାନାବାବୁ ଆସିଲା ମାତ୍ରେ ଗୁମସୁଦ୍ଧାର ରିପୋର୍ଟ ଦେଇ ଘରକୁ ଆସିଲେ । ପ୍ରାୟ ରାତ୍ରୀ ୧୨ଟା ବେଳେ ଏସ ଆଇ ଥାନାବାବୁ ମହାପାତ୍ର ବାବୁଙ୍କୁ ଫୋନ୍ କରିଛନ୍ତି ଥାନାବାବୁ – ମହାପାତ୍ର ବାବୁ ଆପଣଙ୍କ ଝିଅ କବିତା ଆକାଶ ନାମକ ଜଣେ ପୁଅ ସାଙ୍ଗରେ ପଳାଇ ବିବାହ କରିଛନ୍ତି । ଏହା ଶୁଣି ମହାପାତ୍ର ବାବୁ ବହୁତ ଦୁଃଖିତ ହେଲେ । କ୍ରୋଧ ହୃଦୟରେ ମର୍ମ ଆଘାତ ହୋଇ କବିତାର ସମସ୍ତ ଫଟୋ, ସେଟିର୍ଫିକେଟ, କପଡା ଜାଳି ଦେଲେ । କବିତା ଅଲଗା ଜାତିର ପୁଅ ସାଙ୍ଗେ ଯାଇଥିବାରୁ ତଥା ଆକାଶ ଜଣେ ଗୁଣ୍ଡା ପଣିଆ ବ୍ୟକ୍ତି, ତେଣୁ ସେ ନିଜେ ଜାତି ହୋଇ କବିତାର ପିଣ୍ଡ ଦାନ କରିଲେ । ସେ କେତେ ଦିନ ହେଲା ନିଜ ଦୁଃଖ ଲୁଚାଇବା ପାଇଁ ମଦ ସେବନ କରୁଛନ୍ତି ।

ଏକ ବର୍ଷ ଗଲା ପରେ କବିତା ଧୀରେ ଧୀରେ ତାର ଭୁଲ୍ ବୁଝିବାକୁ ଲାଗିଛି କିନ୍ତୁ ସେ କରିଥିବା ଭୁଲ୍‌ର କୌଣସି କ୍ଷମା ଏବେ ନାହିଁ । ଆକାଶ ଜଣେ ମଦୁଆ, ଜୁଆରିଆ ବ୍ୟକ୍ତି ବୋଲି ଜାଣି ନ ଥିଲା । ପ୍ରତ୍ୟେକ ରାତି ଆକାଶ ମଦ ପିଇ କବିତାକୁ ମାଡ଼ ମାରୁଥିଲା। ବ୍ଲକସ୍ତରୀୟ ଏକ ସରକାରୀ ଚାକିରୀର ନୋଟିସ ଆସିଛି ଏହା ଆକାଶ ଜାଣିବାକୁ ପାଇଲା। ଆକାଶ ପ୍ରତ୍ୟେକ ଦିନ କବିତାକୁ ମାଡ଼ ମାରି ତାର ସବୁ ସାର୍ଟିର୍ଫିକେଟ ଆଣିଯିବା ପାଇଁ ବାଧ କରୁଥିଲା କିନ୍ତୁ କବିତା ନିଜେ କରିଥିବା ଭୁଲ୍ ଦ୍ୱାରା କିପରି ମୁଁହ ଦେଖାଇ ଆଣିଯିବ ବୋଲି ଚିନ୍ତା କରୁଥିଲା । କବିତାର ମନରେ ମାତା ପିତାଙ୍କୁ ଛାଡ଼ି ଏତେ ବଡ଼ ଭୁଲ କରିଥିବା ଦୁଃଖ ପ୍ରତ୍ୟେକ ଦିନ ସତାଉଥିଲା ।

ପ୍ରତ୍ୟେକ ଦିନ ସେ ତା ଭୁଲ କରିଥିବାର ପ୍ରାଷ୍ଟ୍ୟତାପ୍ କରୁଥିଲା। ପ୍ରାୟ ରାତି ୩ଟା ୩୦ରେ କବିତା ମନରେ କରିଥିବା ଭୁଲ୍‌ର ପ୍ରାଷ୍ଟ୍ୟତାପ୍ କରିବାର ଇଚ୍ଛା ହେଲା। ସେ ନିଜେ ନିଜକୁ ପ୍ରଶ୍ନ କରୁଥାଏ, ତା ଭୁଲ୍‌ର ଗୋଟେ ହିଁ ଉପାୟ ରହିଛି ଆତ୍ମହତ୍ୟା । ଭୁଲ୍‌କୁ ଠିକ୍ କରିବା ପାଇଁ ସେ ସାମ୍ନାରେ ଥିବା ପଙ୍ଖାରେ ଫାଶୀ ଲଗାଇ ଆତ୍ମହତ୍ୟା କରି ନିଜେ କରିଥିବା ଭୁଲ୍‌ର ପ୍ରାଷ୍ଟ୍ୟତାପ୍ କରିଛି ବୋଲି ନିଜେ ଏକ ଚିଠି ମାଧ୍ୟମରେ ତାର ମା ବାପା ପାଇଁ ଛାଡ଼ି ଦେଇଛି ।

ନିର୍ବିଶେଷରେ କିଛି ବାର୍ତ୍ତା କିଛି ଭୁଲ୍ କାର୍ଯ୍ୟ ଜୀବନ ଶେଷ କରି ଦେଇଥାଏ, ତେଣୁ ଅନୁରୋଧ କି କିଛି ଭୁଲ୍ କାର୍ଯ୍ୟ କରିବା ଆଗରୁ ଥରେ ମାଆ ବାପା ତଥା ପରିବାରକୁ ଚିନ୍ତା କରନ୍ତୁ ।

+ରେଗଡା ,ଏମ ରାମପୁର, କଳାହାଣ୍ଡି ଓଡ଼ିଶା
ମୋ - ୬୩୭୧୮୨୭୦୩୧

# ଲଗାଣ ବର୍ଷାରେ କଦମପାଳ ଗ୍ରାମରେ କୃତ୍ରିମ ବନ୍ୟା : ଜଳ ନିଷ୍କାସନ ଦାବି କଲେ ଗ୍ରାମବାସୀ

ଧର୍ମଶାଳା, ୨୭/୧୦ (ନି.ପ୍ର): ବାତ୍ୟା ଦାନା ଚାଲି ଯିବା ପରେ ଯାଜପୁର ଜିଲାରେ ଏବେ ଲଗାଣ ବର୍ଷା ଜାରି ରହିଛି । ଗାଁ ଗଣ୍ଡାର ମୁଖ୍ୟ ରାସ୍ତା ଓ ଚାଷ ଜମିରେ ପାଣି ଭରି ରହିଛି । ଫଳରେ ମୁଖ୍ୟ ରାସ୍ତାରେ ଜଳ ନିଷ୍କାସନର ସୁବିଧା ନ ଥିବାରୁ ଅନେକ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନପକ୍ଷେ ଚାଷ ଜମିରେ ପାଣି ଜମିବା ଫଳରେ ପନିପରିବା ଫସଲ ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ଗାଁ ଦାଣ୍ଡରେ କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ କଦମପାଳ ପଂଚାୟତ କଦମପାଳ ଗ୍ରାମରେ । ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଫଳରେ ଘର ଭିତରେ ପାଣି ପଶିବା ସମ୍ଭବନା ରହିଛି । ଗ୍ରାମ ଓ ପଂଚାତର ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ବାଟ ଦେଇ ଶହଶହ ଲୋକେ ଯାତାୟତ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଖାପାଖି କିଛି ବର୍ଷ ପୂର୍ବେ ଏଡାରେ ଜଳ ନିଷ୍କାସନ ପାଇଁ ହ୍ୟୁମ ପାଇପର ବ୍ୟବସ୍ଥା କରାଯାଇଥିଲା । ହେଲେ କିଛି ମୁଷ୍ଟିମେୟ ବ୍ୟକ୍ତି ବ୍ୟକ୍ତିଗତ ଓ ସରକାରୀ ଜମିରେ ମାଟି ପକାଇ ଦେବା ଫଳରେ ବର୍ଷା ଜଳ ନିଷ୍କାସନ ମୁହଁ ବନ୍ଦ ହୋଇ ଯାଇଛି । ଫଳରେ ଏଠାରେ ପାଣି ଜମି ରହୁଛି । ପାଖାପାଖି ୨ ମାସ ଧରି ଏଠାରେ ପାଣି ଜମି ରହିବ । ଫଳରେ ରାସ୍ତା କଡରେ ରହୁଥିବା ୪ ଗୋଟି ସାହିର ବହୁ ପରିବାର ବିଭିନ୍ନ କାର୍ଯ୍ୟ ପାଇଁ ବାହାରକୁ ଆସିବା ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ଘରେ ସାପ ବେଙ୍ଗ ପଶି ଯିବାର ସମ୍ଭାବନା ରହିଛି । ବିଶେଷ କରି ପାଣି ଜମିବା ଫଳରେ କୁନିକୁନି ଶିଶୁମାନେ ଥଣ୍ଡା ରୋଗରେ ଆକ୍ରାନ୍ତ ହେଉଛନ୍ତି । ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମର ସୁବ୍ରତ ପ୍ରଧାନ, କାହ୍ନୁ ଚରଣ ମହାନ୍ତି,ବିରେନ୍ଦ୍ର ପ୍ରଧାନ, ସୂର୍ଯ୍ୟମଣୀ ଶାନ୍ତି,ତନୁ ଚରଣ ମହାନ୍ତି ଓ ବିଦୁନ ସେଠୀ ପ୍ରମୁଖ ଦାବି କରିଛନ୍ତି ।

# ଗ୍ରାମୀଣ ଭାରତର ୯୫% ଜମିଜମା ରେକର୍ଡ ଡିଜିଟାଇଜ୍ ହୋଇଛି

ନୂଆଦିଲ୍ଲୀ, ୨୭/୧୦: ଜମି ରେକର୍ଡର ଡିଜିଟାଇଜେସନ୍, ଜମି ମାଲିକାନା ପରିଚାଳନାର ଆଧୁନିକୀକରଣ ସହିତ ଗ୍ରାମୀଣ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି । ଏହି ପଦକ୍ଷେପ ଭୂମି ପ୍ରଶାସନରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି ଏବଂ ଲକ୍ଷ ଲକ୍ଷ ଗ୍ରାମୀଣ ପରିବାରକୁ ସଶକ୍ତ କରିଛି । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ନିକଟରେ ଜଟିଳ କାଗଜପତ୍ର ଏବଂ ମାଲିକାନା ବିବାଦ ସହିତ ଜଡିତ ଦୀର୍ଘ ଦିନର ଆହ୍ୱାନର ମୁକାବିଲା କରି ଏହି ପରିବର୍ତ୍ତନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଛନ୍ତି ଯେ ୨୦୧୬ ରୁ ଗ୍ରାମୀଣ ଭାରତରେ ପ୍ରାୟ ୯୫% ଜମି ରେକର୍ଡକୁ ଡିଜିଟାଇଜ୍ କରାଯାଇଛି, ଯାହା ଗ୍ରାମାଂଚଳରେ ସୁରକ୍ଷିତ ଏବଂ ଉପଲବ୍ଧ ଜମି ମାଲିକାନା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି । ଭାରତରେ ଜମି ରେକର୍ଡର ଡିଜିଟାଇଜେସନ୍ ବିବାଦ, ଠକେଇ ଏବଂ ମାନୁଆଲ ପ୍ରକ୍ରିୟା ଭଳି ପାରମ୍ପରିକ ଆହ୍ୱାନର ମୁକାବିଲା କରି ଜମି ପରିଚାଳନାରେ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ମାଲିକାନା ସୂଚନା ଅନଲାଇନରେ ସହଜରେ ଉପଲବ୍ଧ ହେଉଛି, ଯାହା ସ୍ୱଚ୍ଛତା ବୃଦ୍ଧି କରିବା ସହ ବେଆଇନ ଜବରଦଖଲକୁ ହ୍ରାସ କରୁଛି । ଡିଜିଟାଇଜ୍ ହୋଇଥିବା ରେକର୍ଡଗୁଡ଼ିକ ବିବାଦ ସମାଧାନକୁ ସରଳ କରିଥାଏ, ଅଦାଲତର ବୋଝକୁ ହ୍ରାସ କରିଥାଏ ଏବଂ ଜମି ଅଧିକାରରେ ଉନ୍ନତି ଆଣି ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ସଶକ୍ତ କରିଥାଏ । ଜିଓସ୍ପେସିଆଲ ମ୍ୟାପିଂ ସହିତ ଏକୀକରଣ ଦ୍ୱାରା ଜମି ପରିଚାଳନା ବୃଦ୍ଧି ପାଇଥାଏ, ସଠିକ ସର୍ବେକ୍ଷଣ ଏବଂ ଯୋଜନା ସକ୍ଷମ ହୁଏ । ଜମି ଅଧିଗ୍ରହଣ କିମ୍ବା ବିପର୍ଯ୍ୟୟ ସମୟରେ, ଡିଜିଟାଲ ରେକର୍ଡ ଉଚିତ ଏବଂ ଠିକ୍ ସମୟରେ କ୍ଷତିପୂରଣ ସୁନିଶ୍ଚିତ କରେ । ମୋଟାମୋଟି ଭାବରେ, ଏହି ପରିବର୍ତ୍ତନ ଭାରତରେ ଏକ ଅଧିକ ସ୍ୱଚ୍ଛ, ସୁଲଭ ଏବଂ ଦକ୍ଷ ଭୂମି ଶାସନ ବ୍ୟବସ୍ଥା ପାଇଁ ପଥ ପ୍ରଶସ୍ତ କରିଛି । ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ , ଯାହା ପୂର୍ବରୁ ଜାତୀୟ ଜମି ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ ଭାବରେ ପରିଚିତ ଥିଲା, କେନ୍ଦ୍ର ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ପାଣ୍ଠି ରେ ଏପ୍ରିଲ ୨୦୧୬ରେ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଭାବରେ ପୁନର୍ଗଠନ କରାଯାଇଥିଲା । ଏକ ସମନ୍ୱିତ ଜମି ସୂଚନା ପରିଚାଳନା ପ୍ରଣାଳୀ ବିକଶିତ କରି ଏକ ଆଧୁନିକ ଏବଂ ସ୍ୱଚ୍ଛ ଜମି ରେକର୍ଡ ପରିଚାଳନା ବ୍ୟବସ୍ଥା ପ୍ରତିଷ୍ଠା କରିବା ଏହାର ମୁଖ୍ୟ ଲକ୍ଷ୍ୟ । ରିୟଲ ଟାଇମ୍ ଜମି ସୂଚନା ପ୍ରଦାନ କରିବା, ଜମି ବ୍ୟବହାରକୁ ଅପ୍ଟିମାଇଜ୍ କରିବା, ଜମି ମାଲିକ ଏବଂ ସମ୍ଭାବ୍ୟ କ୍ରେତାମାନଙ୍କୁ ଫାଇଦା ଦେବା, ନୀତି ନିର୍ଦ୍ଧାରଣକୁ ସମର୍ଥନ କରିବା, ଜମି ବିବାଦ ହ୍ରାସ କରିବା, ଜାଲିଆତି କାରବାରକୁ ରୋକିବା, କାର୍ଯ୍ୟାଳୟକୁ ଭୌତିକ ପରିଦର୍ଶନ ବନ୍ଦ କରିବା ଏବଂ ବିଭିନ୍ନ ସଂସ୍ଥା ସହିତ ଡାଟା ଅଂଶୀଦାର କରିବା ଏହି ବ୍ୟବସ୍ଥାର ଲକ୍ଷ୍ୟ । ଡିଆଇଏଲଆରଏମପି ଅଧୀନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ପ୍ରାୟ ୯୫% ଜମି ରେକର୍ଡ କମ୍ପ୍ୟୁଟରୀକରଣ ହୋଇଛି, ଯାହା ୬.୨୬ ଲକ୍ଷରୁ ଅଧିକ ଗ୍ରାମକୁ ଅନ୍ତର୍ଭୁକ୍ତ କରିଛି । ଜାତୀୟ ସ୍ତରରେ କାଡାଷ୍ଟ୍ରାଲ ମାନଚିତ୍ରର ଡିଜିଟାଇଜେସନ୍ ୬୮.୦୨% ରେ ପହଂଚିଛି । ଏହାବ୍ୟତୀତ ୮୭ ପ୍ରତିଶତ ସବ୍ ରେଜିଷ୍ଟ୍ରାର ଅଫିସ (ଏସ୍‌ଆରଓ)କୁ ଜମି ରେକର୍ଡ ସହ ସଂଯୋଗ କରାଯାଇଛି । ସରକାର ଡିଆଇଏଲଆରଏମପିକୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି, ଯେଉଁଥିରେ ଜମି ରେକର୍ଡ ସହିତ ଆଧାର ଆଧାରିତ ଏକୀକରଣ ଏବଂ ରାଜସ୍ୱ ଅଦାଲତର କମ୍ପ୍ୟୁଟରୀକରଣ ଭଳି ନୂତନ ବୈଶିଷ୍ଟ୍ୟ ଯୋଡାଯାଇଛି ।

## ଅବସରପ୍ରାପ୍ତ ଅଧ୍ୟାପକ ଡଃ. ନିମାଇଁ ଚରଣ ପ୍ରଧାନଙ୍କ ବିୟୋଗରେ ଶୋକସଭା

ଭୁବନ, ୨୭/୧୦ (ନି.ପ୍ର): ଅବସରପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତ ଡଃ. ନିମାଇଁ ଚରଣ ପ୍ରଧାନଙ୍କ ବିୟୋଗରେ ଭୁବନ 'ଆଗେଇବା ' କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଭୁବନ ପ୍ରତିନିଧି ଦେବାନନ୍ଦ ସାହୁ, ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ, ଜୟଗୁରୁ ପାତ୍ର, ମଳୟ ତ୍ରିପାଠୀ, ମନୋଜ ସାହୁ, ଶ୍ୱେତକେତୁ ମିଶ୍ର, ସୁଶାନ୍ତ ପୃଷ୍ଟି, ସଞ୍ଜୀବ ପୃଷ୍ଟି, ଅନାମ ସାହୁ, ରାକେଶ କୁମାର ପୃଷ୍ଟି, ଅନ୍ତର୍ଯ୍ୟାମୀ ସାହୁ, ଟିଟୁ ଦାସ, ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସାଂସଦ ଶ୍ରୀ ସାହୁ କହିଥିଲେ ଯେ, ମୋର ଅତ୍ୟନ୍ତ ଘନିଷ୍ଠ ସହପାଠୀ, ସ୍ୱର୍ଗତ ନିମାଇଁ ବାବୁ 'ଆଗେଇବା ' ପରିବାରର ଜଣେ ସଦସ୍ୟ ଓ ମାର୍ଗଦର୍ଶକ ଥିଲେ । ' ଆମ ପତିଭା ଆମ ପରିଚୟ ' ଅନୁଷ୍ଠାନ ର ଆଜୀବନ ସାଧାରଣ ସମ୍ପାଦକ ସହ ' ଆଗେଇବା' ପ୍ରକାଶନର ମୁଖ୍ୟ ଥିଲେ । ସ୍ୱର୍ଗତ ନିମାଇଁ ବାବୁ ଜଣେ ସୁଲେଖକ, ସୁବକ୍ତା, ଶିକ୍ଷାବିତ୍, ଛାତ୍ର ବତ୍ସଳ, ଦୃଢ଼ ସଂଗଠକ, ସ୍ୱଷ୍ଟବାଦୀ, ଦୟାଳୁ ଓ ପରୋପକାରୀ ବ୍ୟକ୍ତି ଥିଲେ ବୋଲି କହିଥିଲେ ।

# ମାଲକାନଗିରି ମହାବିଦ୍ୟାଳୟରେ ଶାନ୍ତି ପାଇଁ ପିତା ମାତାଙ୍କ ଭୂମିକା ଶୀର୍ଷକ କର୍ମଶାଳା

ମାଲକାନଗିରି, ୨୭/୧୦ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ମା ଘର ଫାଉଣ୍ଡେସନ ଓ ଏସ୍ ଏସ୍ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ (ପ୍ୟାରେଂଟ ଫର ପିସ୍) ଶାନ୍ତି ପ୍ରତିଷ୍ଠା ପାଇଁ ପିତା ମାତା ଙ୍କ ଭୂମିକା ଶୀର୍ଷକ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ କଲେଜ୍ ର ପ୍ରିନ୍ସପାଲ୍ ଲିଙ୍ଗରାଜ ମିଶ୍ର, ପରିଚାଳନା ପରିଷଦ ଡ. ଉଦୟନାଥ ଖରା, ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ଓ ଅଧ୍ୟାପକ ଅଧ୍ୟାପିକା ମାନେ ମୁଖ୍ୟ ଭୂମିକା ଗ୍ରହଣ କରି ଯୁବକ ଯୁବତୀ ତଥା ଛାତ୍ର ଛାତ୍ରୀଙ୍କ ସଚେତନତା ପାଇଁ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଥିଲେ । ଏହି କର୍ମଶାଳାରେ ମା ଘର ରାଜ୍ୟ ଅଧକ୍ଷା ତଥା ଆଇନଜୀବୀ ଓ ସମାଜସେବୀ ଶ୍ରୀମତୀ ରତୁପର୍ଣ୍ଣା ମହାନ୍ତି କହିଥିଲେ ଯେ, ବର୍ତମାନ ସମାଜରେ ଶିକ୍ଷିତ ଯୁବକ ଯୁବତୀଙ୍କ ମଧ୍ୟରେ ବଢୁଥିବା ଛାଡ଼ପତ୍ର ଓ ଘରୋଇ ହିଂସାର ପରିମାଣକୁ ଦେଖିଲେ ତାଙ୍କ ଠାରୁ ଜନ୍ମ ନେଉଥିବା ଶିଶୁ ତଥା ଦେଶର ଆଗାମୀ ନାଗରିକ ଓ ଭବିଷ୍ୟତ ଚିନ୍ତାଜନକ ବିଷୟ, ନଚେତ୍ କିଛି ବର୍ଷ ପରେ ଭାରତରେ ପରିବାର ଲୋପ ପାଇବ ଓ ସେଥିରେ ସବୁଠୁ ବେଶୀ ବୃଦ୍ଧ ଲୋକ ଓ ଶିଶୁ ମାନେ କ୍ଷତିଗ୍ରସ୍ତ ହେବେ, ତେଣୁ ଆଜିର ଯୋଗ୍ୟ ଯୁବକ ଯୁବତୀଙ୍କ ପାଇଁ ଭଲ ଅଭିଭାବକ କିପରି ହେବେ ତଥା ଶାନ୍ତିପୂର୍ଣ୍ଣ ଶିଶୁ କିପରି ତିଆରି କରିବେ ସେ ସମ୍ପର୍କରେ ସଚେତନ କରାଯିବାର ଆବଶ୍ୟକତା ଅଛି । କର୍ମଶାଳାର ଅନ୍ୟତମ ବକ୍ତା ଏସ୍ ଏସ୍ ହସ୍ପିଟାଲ ର ମୁଖ୍ୟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସସ୍ମିତା ସାହୁ ଶିଶୁଟି ପେଟରେ ଚାରି ମାସ ପରଠାରୁ ପାଞ୍ଚ ବର୍ଷ ମଧ୍ୟରେ ମା ବାପା ଓ ପରିବାରର ଭୂମିକା କିପରି ଶିଶୁର ୮୦ ଭାଗ ବ୍ୟକ୍ତିତ୍ୱ ଗଠନରେ ପ୍ରଭାବ ପକାଏ ତାର ବିକାଶ ସମ୍ପତ କାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ବକ୍ତା ମୁରଲୀଧର ରାଓ ତାଙ୍କ ବକ୍ତବ୍ୟ ରଖିଥିଲେ ଯେ, ପ୍ୟାରେଂଟ ଫର ପିସ୍ ଏକ ଜାତୀୟ ସ୍ତରର ସଚେତନତା କାର୍ଯ୍ୟକ୍ରମ ଯାହାକି, ଏହାର ମୁଖ୍ୟ ଗୁଜୁରାଟ ର ହସମୁଖ୍ ଭାଇ ପଟେଲଙ୍କ ଠାରୁ ଆରମ୍ଭ ହୋଇଥିଲା, ମାତ୍ର ପରେ ସେଥିରେ ବହୁ ଡାକ୍ତର, ସମାଜସେବୀ, ମାନସିକ ବିଶେଷଜ୍ଞ ମାନେ ଯୋଡି ହୋଇଛନ୍ତି । ଏହାର ଓଡ଼ିଶା ଶାଖା ର ମୁଖ୍ୟ ଶ୍ରୀମତୀ ମହାନ୍ତି ଓ ଡାକ୍ତର ସାହୁ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ କଲେଜ ମାନେ ଆୟୋଜନ କରିବାକୁ ଆହ୍ୱାନ କରିବ । ମାଲକାନଗିରି କଲେଜ ର ୨୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଆଜି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ତାଙ୍କ ପ୍ରଶ୍ନ ମଧ୍ୟ ରଖିଥିଲେ ଓ ଏହାର ଉତ୍ତର ବକ୍ତା ମାନେ ଦେଇଥିଲେ । ଶେଷରେ ଡାକ୍ତର ସାହୁ ରତୁବନ୍ଧକ କାର୍ଯ୍ୟକ୍ରମ ମାଧ୍ୟମରେ ଝିଅ ଓ ମହିଳା ମାନଙ୍କର ରତୁସ୍ରାବକୁ ନେଇ ଥିବା ଅନ୍ଧ ବିଶ୍ୱାସ ସମ୍ପର୍କରେ ମଧ୍ୟ ପିଲା ମାନଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ପରିଚାଳନା କରିଥିଲେ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ।

# ବାତ୍ୟା ପରେ ମଧ୍ୟ ୨୬ଟି ଆଶ୍ରୟ ସ୍ଥଳୀରେ ଅଛନ୍ତି ୩୧୦୦ ବିପନ୍ନ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟା ପରବର୍ତୀ ଜନ ସାଧାରଣଙ୍କ ଜୀବନ ଧାରଣ ପ୍ରକ୍ରିୟା ଧିରେ ଧିରେ ସ୍ୱାଭାବିକ ହେବାରେ ଲାଗିଛି । ବାତ୍ୟାର ୨ ଦିନ ବିତି ଯାଇଥିଲେ ମଧ୍ୟ ବାତ୍ୟା ଆଶ୍ରୟସ୍ଥଳୀମାନଙ୍କରେ ୩ ହଜାରରୁ ଉର୍ଦ୍ଧ୍ୱ ପ୍ରଭାବିତ ଲୋକ ଏବେ ମଧ୍ୟ ରହିଥିବା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ୨୬ ଗୋଟି ବାତ୍ୟା ଆଶ୍ରୟ ସ୍ଥଳୀରେ ୩୧୦୦ ବିପନ୍ନ ଅଶ୍ରୟ ନେଇଥିବା ଜଣାପଡିଛି । ପ୍ରଶାସନ ପକ୍ଷରୁ ଆଶ୍ରୟ ସ୍ଥଳୀରେ ଥିବା ସମସ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବଂଟନ କରାଯାଉଛି । ତେବେ ବାତ୍ୟା ପୂର୍ବରୁ ଯେଉଁମାନେ ଆଶ୍ରୟ ସ୍ଥଳୀରେ ରହିଛନ୍ତି ସେମାନଙ୍କୁ ଜୋର ଜବରଦସ୍ତ ବିଦା କରାଯିବ ନାହିଁ ବୋଲି ଜଣାପଡ଼ିଛି । ସେମାନଙ୍କ ଘରର ଅବସ୍ଥା ଓ ବାତ୍ୟା ପରବର୍ତୀ ଅବସ୍ଥା ସୁଧୁରିବା ଯାଏ ସେମାନେ ରହିପାରିବେ । ସେହିପରି ଜିଲ୍ଲାରେ ମୋଟ୍ ୩ ଲକ୍ଷ ୧୨ ହଜାର ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ସେମାନଙ୍କ ମଧ୍ୟରୁ ୪୦ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦେବାରେ ବିଳମ୍ବ ହୋଇଛି । ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେଉଥିବାବେଳେ ଶନିବାର ସଂନ୍ଧ୍ୟା ସୁଦ୍ଧା ରାଜନଗର ବ୍ଲକର ୫ଟି ପଂଚାୟତ ଓ ରାଜକନିକା ବ୍ଲକର ୩ ଗୋଟି ପଂଚାୟତର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ଓ ମହାକାଳପଡ଼ା ବ୍ଲକର ଜମ୍ବୁ ପଂଚାୟତକୁ ବିଦ୍ୟୁତ୍ ସଂଯୋଗ ଦେବାରେ କିଛି ସମୟ ବିଳମ୍ବ ହେଉଛି । ବାତ୍ୟା ପରବର୍ତୀ ବିଦ୍ୟୁତ୍ ସଂଯୋଗକୁ ସ୍ୱାଭାବିକ କରିବା ପାଇଁ ଲାଇନ ଟଣାଯାଇଥିଲେ ମଧ୍ୟ ଭାଙ୍ଗିଥିବା ଗଛ କାଟିବା ଓ ବିଦ୍ୟୁତ୍ ସରବରାହ ନିରବଚ୍ଛିନ୍ନ ଓ ନିରାପଦ ରହିବା ନିଶ୍ଚିନ୍ତ ହେବାପରେ କିଛି ସମୟ ବିଳମ୍ବରେ ବିଦ୍ୟୁତ୍ ସଂଯୋଗ କରାଯିବବୋଲି ଜିଲ୍ଲପାଳ ସୂଚନା ଦେଇଛନ୍ତି । ସେହିଭଳି ରାଜନଗର ବଗପାଟିଆର ବିସ୍ଥାପିତ କଲୋନୀରୁ ଜଳ ନିଷ୍କାସନ ପ୍ରକ୍ରିୟା ଅଗ୍ନିଶମ ବିଭାଗ ଓ ପାଣି ପମ୍ପ୍ ସହାୟତାରେ କରାଯିବାରୁ ବିସ୍ଥାପିତ କଲୋନୀରେ ଜମି ରହିଥିବା ୨ ଫୁଟରୁ ଅଧିକ ପାଣି ନିଷ୍କାସିତ ହୋଇସାରିଛି । ତେବେ ଏହି ଅଂଚଳଟି ଖାଲୁଆ ଅଂଚଳ ହୋଇଥିବାରୁ ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର କରିବା ପାଇଁ ଖୁବ୍‌ଶିଘ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ । ଯେପରି ଭବିଷ୍ୟତରେ ପାଣି ଜମି ରହିବା ଭଳି ସମସ୍ୟା ସୃଷ୍ଟି ହେବା ନାହିଁ ବୋଲି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି ।

# ଉତ୍କଳ ବାଳାଶ୍ରମ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲା ଜଜ୍

ଜୟପୁର, ୨୭/୧୦ (ନି.ପ୍ର): ଜୟପୁର ପାରାବେଡା ସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲା ଜଜ ବିଦ୍ୟାଧର ପୃଷ୍ଟି । ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ବିଷୟରେ ବୁଝିଥିଲେ । ସକାଳ ୧୦ଟା ସମୟରେ ଅତିରିକ୍ତ ଜିଲା ଜଜ ବିଦ୍ୟାଧର ପୃଷ୍ଟି ପହଂଚି ଥିଲେ । ତାଙ୍କ ସହ ଜୟପୁର ବିଡିଓ ଶକ୍ତି ମହାପାତ୍ର ପହଂଚି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ସ୍ୱାସ୍ଥ୍ୟ, ନିତିଦିନ ଖାଇବା ବିଷୟ ପଚାରିଥିଲେ । ସେହିପରି ଶିଶୁ ମାନଙ୍କ ଶିକ୍ଷା ଓ ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ଦକ୍ଷତା ଓ ପ୍ରଯୁକ୍ତି ଦେବା ନିମନ୍ତେ ସୁପରିଟେଣ୍ଡଣ୍ଟ ଲିଙ୍ଗରାଜ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ । ପରିମଳ ବ୍ୟବସ୍ଥା ତଦାରଖ କରିଥିଲେ । ସେହିପରି ଶିଶୁଙ୍କ ଉତ୍ସାହ ମହକ ୨୦୨୪ ରେ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟ ସ୍ତରକୁ ମନୋନିତ ଶିଶୁଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମ୍ପାଦକ ତଥା ବିଡିଓ ଶକ୍ତି ମହାପାତ୍ର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ତଥା ନୂତନ କୋଠା ପାଇଁ ବ୍ୟବସ୍ଥା ଚାଲିଥିବା ବିଷୟ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଡ କଲେକ୍ଟର ରାଜ କିଶୋର ଦାସ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ଗାୟତ୍ରୀ ପାତ୍ର, ସିଡିପିଓ କାଂଚନ ପଣ୍ଡା, ଶିଶୁ ରୋକ ବିଶେଷଜ୍ଞ ଦୁର୍ଗା ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ

ଜୟପୁର, ୨୭/୧୦ (ନି.ପ୍ର): ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପାରାବେଡା ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ନିର୍ବାଚନ ଅନୁଷ୍ଠିତ ହୋଇଛି । ଏଥିରେ ସଭାପତି ଭାବେ ଦେବି ପ୍ରସାଦ ଦାସ, ଉପ ସଭାପତି ସଦା ନନ୍ଦ ସାମନ୍ତରାୟ, ସମ୍ପାଦକ ଭାବେ ପ୍ରଦିପ କୁମାର ମିଶ୍ର ବିଜ ହୋଇଥିଲେ । ସେହିପରି ନିର୍ଦ୍ୱନ୍ଦରେ ଉପ ସଭାପତି ମହିଳା ମମତା ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, ସାଗର ତ୍ରିପାଠୀ, ଦିପକ ଦାସ । ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତି ପଦ ପାଇଁ ୩ ଜଣ ପ୍ରତିଦ୍ୱନ୍ଦୀ ଲଢେଇ କରୁଥିବା ବେଳେ, ସମ୍ପାଦକ ପାଇଁ ପ୍ରଦୀପ କୁମାର ମିଶ୍ର, ଭାଗିରଥି ବାରିକ, ଏବଂ ଉପସଭାପତି ପଦ ପାଇଁ ସଦାନନ୍ଦ ସାମନ୍ତରାୟ ଓ ରୁଦ୍ରପ୍ରସନ୍ନ ପାଣିଗ୍ରାହୀଙ୍କ ମଧ୍ୟରେ ଲଢେଇ ହୋଇଥିଲା । ଆଜି ଦିନ ୧ ଘଂଟିକା ସମୟରୁ ଭୋଟ ଗ୍ରହଣ ଆରମ୍ଭ କରାଯାଇ ୩ ଟା ସମୟରେ ଶେଷ ହୋଇଥିଲା । ଜୟପୁର ବ୍ଲକ ର ୮୬୦ ଜଣ ଶିକ୍ଷକ ମଧ୍ୟରୁ ୬୨୩ ଜଣ ଶିକ୍ଷକ ଭୋଟଦାନ କରିଥିଲେ । ନିର୍ବାଚନ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀକାନ୍ତ ପାଢ଼ୀ, ସମ୍ପାଦକ ପି ହରିଶଚ୍ଚନ୍ଦ୍ର ରାଓ ପରିଚାଳନା କରିଥିବା ବେଳେ କୋରାପୁଟ ଜିଲ୍ଲା ଶିକ୍ଷକ ସଙ୍ଘ ର ସଭାପତି ତ୍ରିନାଥ ହରିଜନ, ସମ୍ପାଦକ ରାଜେନ୍ଦ୍ର ସାହୁ, ସଂଗଠନିକ ସମ୍ପାଦକ ଚିତ ରଞ୍ଜନ ରଥ ନ୍ିର୍ବାଚନ ପରିଚାଳନା କରିଥିଲେ । ଦିନ ୪ ଟା ବେଳେ ଭୋଟ ଗଣତି ଆରମ୍ଭ କରାଯାଇଥିଲା । ୧୨ ରାଉଣ୍ଡ ଭୋଟ ଗଣା ଯାଇଥିଲା । ଶେଷରେ ସଭାପତି ଭାବେ ଦେବୀପ୍ରସାଦ ଦାସ ୩୧୮ ଖଣ୍ଡ, ସମ୍ପାଦକ ପ୍ରଦୀପ ମିଶ୍ର ୪୭ ଖଣ୍ଡ, ଉପସଭାପତି ସଦାନନ୍ଦ ସାମନ୍ତରାୟ ୧୯୮ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିଲେ । ସେହିପରି ଅପ୍ରତିଦ୍ୱନ୍ଦି ଭାବେ ମମତା ମହାପାତ୍ର, ମନୋରଞ୍ଜନ ପଲାଇ, ସାଗର ତ୍ରିପାଠୀ, ଦୀପକ କୁମାର ଦାସ ବିଜୟୀ ହୋଇଛନ୍ତି ଜ୍ୟୋତିରାଣୀ ପଣ୍ଡା,ଜ୍ୟୋତିଶଙ୍କର ତ୍ରିପାଠୀ, ପୁରନ୍ଧର ନାୟକ, ସଂଯୁକ୍ତା ରାଉତ, ସର୍ବେଶ୍ୱର ପଟ୍ଟନାୟକ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ନିର୍ବାଚନ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ ।

# ବାଖରାବାଦ୍ ଶିବମୁନି ଯୋଗ ଶିକ୍ଷା କେନ୍ଦ୍ରରେ ଶିବମୁନିଙ୍କର ୧୪୧ ତମ ଜନ୍ମଜୟନ୍ତୀ ପାଳନ

ରୂପସା , ୨୭/୧୦ (ନି.ପ୍ର): ବା ଖରା ବାଦ୍ ଶିବ ମୁନି ଯୋଗାଶ୍ରମରେ ଶିବମୁନିଙ୍କର ୧୪୧ ତମ ଜନ୍ମଜୟନ୍ତୀ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଜିଲ୍ଲା ସମ୍ପାଦକ, ମୁନି ସମାଜର ଜ୍ୟୋତି, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇ ତାଙ୍କରି ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ, ଆମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ,ଓ ମୁଖ୍ୟବକ୍ତା ହିସାବ ରେ ଯୋଗଦାନ କରିଥିଲେ, ହାତିଆ ଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ସେ ଶିବମୁନିଙ୍କର ଦର୍ଶନ ଓ ସିଦ୍ଧାନ୍ତ ଉପରେ ଆଲୋକପାତ କରିଥିଲେ । ମଞ୍ଚାସୀନ ଥିଲେ, ମୁନିରାଜ ଅମୂଲ୍ୟ ମୁନି,ଆମଜ୍ଞାନୀ ଯୋଗୀ ଭିକାରୀଚରଣ ମୁନି, ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, ଯୋଗୀଶଙ୍କର ପାଲ ମହୋଦୟ,ଓ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇଥିଲା । ଉପସ୍ଥିତ ଥିଲେ, ମୁନି ପରମାନନ ମଣ୍ଡଳ, ପରମାନନ ବେହେରା, କାମଜାକାନ୍ତ ମୁଣ୍ଡା, ରାମେଶ୍ୱର ସିଂ, ଭରତ ସିଂ, ମୁନିମତୀ ଆରତୀ ମଣ୍ଡଳ, ପ୍ରଭାସିନୀ ବର, ବୃନ୍ଦାବତୀ ବର, ଗୀତାଞ୍ଜଳୀ ବାରିକା, ଶକୁନ୍ତଳ ପରିଡା, ଫୁଲମଣୀ ବେହେରା ଓ ମଞ୍ଜି ଲତା ବେହେରା ପ୍ରମୁଖ । ଯମ ନିୟମ ପାଳନ କରି ପ୍ରତିଦିନ ଯୋଗସାଧନ କରି ଚାଲିଲେ ଜଣେ ସ୍ର୍ୱଦା ସୁଖଶାନ୍ତି ଆନନ୍ଦରେ ଜୀବିକା ନିର୍ବାହ



କରିପାରିବ, ନିରୋଗ ନିରାମୟ ଆନନ୍ଦମୟ ରହିପାରିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଶିବମୁନି ଜୀଙ୍କ ଧରାବତରଣ, କଳ୍ପିତ ଇଶ୍ୱରଙ୍କ ବନ୍ଧନରୁ ବିଶ୍ୱବାସୀଙ୍କୁ ମୁକ୍ତ କରି ପ୍ରକୃତ ଇଶ୍ୱରଙ୍କୁ ଦର୍ଶନ କରାଇବା ନିମନ୍ତେ ବୋଲି ସଭାପତି ପ୍ରକାଶ କରିଥିଲେ ।ଶେଷରେ ଆଶ୍ରମର ସଭାପତି ମୁନି ରାଜ କାଳିଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଦାନା ଆଣିଲା ଚାଷୀଙ୍କ ପାଇଁ ଦୁଃଖ : ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା, ୨୭/୧୦ (ନି.ପ୍ର): ବାତ୍ୟା ଦାନା ଚାଲି ଯାଇଛି । ଆଣି ଦେଇଛି ଲଗାଣ ବର୍ଷା । ତିନି ଦିନ ଧରି ଲଗାଣ ବର୍ଷା ଲାଗି ରହିଛି । ଦାନାର ପ୍ରକୋପ କମ ଥିଲେ ମଧ୍ୟ ତୁହାକୁ ତୁହା ବର୍ଷା ଚାଷୀଙ୍କର ବର୍ଷକର ଦାନା ଛଡାଇ ନେଇଛି । ଫଳରେ ଚାଷୀ କୂଳ ଏବେ ହତାଶ । ମୁଣ୍ଡ ଝାଳ ତୁଣ୍ଡେ ମାରି ବିଭିନ୍ନ ଉପାୟରୁ କରଜ ଆଣି କ୍ଷେତରେ ଚାଷ କରିଥାନ୍ତି । ଯାହା ଅମଳ ହୁଏ ତାହାକୁ କରଜ ଶୁଝିବା ସହ ପରିବାର ବରଷକ ପାଇଁ ଚଳେ । ଏହି ଲଗାଣ ବର୍ଷା ଫଳରେ ବିଶେଷ କରି ବିରି ଓ ଧାନ ଚାଷୀ ପ୍ରଭାବିତ ହୋଇଛନ୍ତି ।ଏଭଳି ଘଟଣା ଦେଖିବାକୁ ମିଳିଛି, ଯାଜପୁର ଜିଲା ଧର୍ମଶାଳା ବ୍ଲକ ପାଟପୁର, ମିର୍ଜାପୁର, କଂଟିଗଡିଆ, ନେଉଳପୁର ପଂଚାୟତ । ଗୁଣ୍ଡିଲୋ, ଶ୍ରୀଚନ୍ଦନପୁର, ହରିଚନ୍ଦନପୁର, ବାଉଁଶଥଳି ଓ ବଡବାରିସାହି ଆଦି ମୌଜାର ଚାଷୀଙ୍କ ମୁହଁରୁ ହସ ଛଡାଇ ନେଇଛି । ଏହି ସମସ୍ତ ପଂଚାୟତର ହଜାର ହଜାର ଚାଷୀ କ୍ଷେତରେ ବିରି ଲଗାଇ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି । ବିଭିନ୍ନ ଉପାୟରୁ ଧାର କରଜ କରି ଏହି ଚାଷ କରିଥାନ୍ତି । ଚାଷ ସମୟରେ କଳ ଲଙ୍ଗଳ ସହ ବିହନ ଓ ଔଷଧ ପ୍ରୟୋଗ କରି ଅପେକ୍ଷା କରିଥାନ୍ତି ଅମଳ ସମୟ ପର୍ଯ୍ୟନ୍ତ । ଏବେ ବାତ୍ୟା ଦାନା ସବୁ ସୁଖ ଛଡାଇ ନେଇଛି । ହଜାର ଜହାର ହେକ୍ଟର ବିରି ଜମିରେ ପାଣି ଜମି ରହିଛି । ଫଳରେ ବିରି ଗଛ ମରିବା ଥୟ । ଆଗକୁ କିପରି ଋଣ ଶୁଝିବା ସହ ପରିବାର ପ୍ରତିପୋଷଣ କରିବେ । ଯାହାକୁ ନେଇ ଏବେ ଚାଷୀ ପରିବାର ଚିନ୍ତାରେ । ଏବେ କେବଳ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି ଚାଷୀ । ବାତ୍ୟା ଦାନା ଚାଲି ଯାଇଛି ସତ । କିନ୍ତୁ, ଏବେ ଚାଷୀ କୂଳ ହତାଶ । ଆଗକୁ କଣ କରିବେ ତାକୁ ନେଇ ଏବେ ଚିନ୍ତାରେ ପଡି ଯାଇଛନ୍ତି । ସରକାର ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଅଂଚଳର ଅଗ୍ରଣୀ ଚାଷୀ ବିଶ୍ୱନାଥ ମହାପାତ୍ର, ରାଇ ଚରଣ ନାୟକ, ତ୍ରୀନାଥ ସାମଲ, ରମେଶ ନାୟକ, ଗୋପିନାଥ ମହାପାତ୍ର, ସୁବ୍ରତ ମହାପାତ୍ର, ରମେଶ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, କାହ୍ନୁ ଚରଣ ନାୟକ, ଅରୁଣ ନାୟକ, ପାଗଳ ଦେଉରୀ, ଜଟାଧାରୀ ଦେଉରୀ, କିଶୋର ଜେନା, ଛବି ଦେଉରୀ, ନିରଞ୍ଜନ ଦେଉରୀ, ପଂଚୁ ଦେଉରୀ ଓ କାଳନ୍ଦୀ ପୃଷ୍ଟି ଦୃଷ୍ଟି ପ୍ରମୁଖ ଦାବି କରିଛନ୍ତି ।

## ବାତ୍ୟାରେ କାର୍ଯ୍ୟରତ ଡାକ୍ତର ସର୍ପାଘାତରେ ଆହତ

କେନ୍ଦ୍ରାପଡ଼ା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡ଼ାରେ ବାତ୍ୟା ଦାନା ପାଇଁ ଚିକିତ୍ସା କରିବାକୁ ଆସିଥିବା ଜଣେ ଡାକ୍ତର ସାପ କାମୁଡ଼ିବାରେ ଆହତ ହୋଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ ଭୁବନେଶ୍ୱର ୪ନମ୍ବର ୟୁନିଟ୍ ଚିକିତ୍ସାଳୟର ମେଡିକାଲ ଅଫିସର ଡାକ୍ତର ବବୁଲ ମହାନ୍ତି ବାତ୍ୟା ଦାନା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଡେପୁଟେସନରେ ମହାକାଳପଡ଼ା ବାବର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ । ସେଠାରେ ବାତ୍ୟା ସମୟରେ ଚିକିତ୍ସା ପାଇଁ ଗ୍ରାମରେ ପାଣି ଭିତରେ ପଶି ଯାଉଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ିବାରୁ ଡାକ୍ତର ମହାନ୍ତି ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ତାଙ୍କୁ ୧୦ଟି ଆଂଟିଭେନସ(ଏଏସ୍‌ଭି) ଦିଆଯିବା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିବାରୁ ତାଙ୍କର ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯିବାର ସୂଚନା ମିଳିଛି ।

# କର୍ଲାପିଟା ଗ୍ରାମର ଅନନ୍ତ ଅଦା ପରିବାର ମୌଳିକ ସୁବିଧାରୁ ବଂଚିତ

ଭବାନୀପାଟଣା, ୨୭/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଗୁର୍ଜୁଙ୍ଗ ପଂଚାୟତ କର୍ଲାପିଟା ଗ୍ରାମର ଅନନ୍ତ ଅଦା ଓ ରାଧେଶ୍ୟାମ ପରିବାରର ପ୍ରାୟ ୧୨ ଜଣ ସଦସ୍ୟ ସରକାରୀ ମୌଳିକ ସୁବିଧା ଯାହା ରାସ୍ତା, ପାନୀୟ ଜଳ, ବିଦ୍ୟୁତ ଆଲୋକ ଇତ୍ୟାଦି ପ୍ରାୟ ୧୦ ବର୍ଷ ହେଲାଣି ପାଇ ପାରି ନାହାନ୍ତି । ଦୀର୍ଘ ଦିନରୁ ଏହି ପରିବାର ହିଡ଼ରେ ଯାତାୟାତ କରୁଥିବା ଜଣାଯାଏ । ବିଦ୍ୟୁତ ଆଲୋକ ସାତ ସପନ ପାଲଟି ଥିବା ବେଳେ ପାନୀୟ ଜଳ ଯୋଗାଣ ହୋଇ ପାରିନାହିଁ । ବିଭାଗୀୟ ଅଧିକାରୀ, ଆରଡବ୍ଲୁଏସଏସ ଅଧିକାରୀଙ୍କୁ ପାନୀୟ ଜଳ ଯୋଗାଣ କାମ ଚାଲୁଥିବା ବେଳେ ଅନୁରୋଧ କରିଥିଲେ ମଧ୍ୟ ହଁ ହଁ କହି ଫାଙ୍କି ଦେଇ ଥିବା ପ୍ରକାଶ । ମନରେଗା ରେ ଗଳି କନ୍ଦିକୁ ଯାତାୟାତ ପାଇଁ ସରକାର କୋଟି କୋଟି ଟଙ୍କା ସାଧାରଣ ଜନତାଙ୍କ ପାଇଁ ଯୋଜନା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ମୌଳିକ ଅଧିକାରରୁ ବଞ୍ଚିତ କାହିଁକି ଏହି ଅଦା ପରିବାର, ଭୁଲ ରହିଲା କେଉଁଠି, ଶିଶୁ ମାନେ ପାଠ ପଢିବା ପାଇଁ ବିଶେଷ ହରକତ ହେବାକୁ ପଡୁଛି ।

# ବାତ୍ୟା ଜନିତ କ୍ଷୟକ୍ଷତି ଆକଳନ ଓ ପରବର୍ତ୍ତୀ ଜଳମଗ୍ନ ପରିସ୍ଥିତି ମୁକାବିଲା ନେଇ ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ




ଭଦ୍ରକ, ୨୭/୧୦ (ନି.ପ୍ର): ବାତ୍ୟା 'ଦାନା' ଯୋଗୁଁ ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ତଥା ବାତ୍ୟା ପରବର୍ତ୍ତୀ ବର୍ଷା ଦ୍ୱାରା ସୃଷ୍ଟ ଜଳମଗ୍ନ ଓ ବନ୍ୟା ଜନିତ ପରିସ୍ଥିତିର ସୁଧାର ପାଇଁ ପ୍ରଶାସନିକ ପରିଚାଳନାକୁ ସମୀକ୍ଷା କରିଛନ୍ତି ଉଚ୍ଚଶିକ୍ଷା, ଯୁବ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଜିଲ୍ଲାପାଳ ଦିଲୀପ ରାଉତରାଏ, ବାତ୍ୟା ପାଇଁ ଜିଲ୍ଲାର ପର୍ଯ୍ୟବେକ୍ଷକ ଥିବା ଇପିକଲର ପରିଚାଳନା ନିର୍ଦ୍ଦେଶକ ଆଇ.ଏ.ଏସ୍. ଅଧିକାରୀ ଭୂପିନ୍ଦର ସିଂ ପୁନିଆ, ପ୍ରମୁଖ ମଧ୍ୟ ଏହି ସମୀକ୍ଷାରେ ଉପସ୍ଥିତ ରହି ମତାମତ ରଖିଥିଲେ। କ୍ଷୟକ୍ଷତି ଆକଳନରେ କୌଣସି ଜାତି, ଧର୍ମ, ବର୍ଣ୍ଣ, ଦଳକୁ ଗୁରୁତ୍ୱ ନ ଦେଇ ଗରିବ ଓ ପୀଡ଼ିତଙ୍କ ପ୍ରତିନ୍ୟାୟ ପ୍ରଦାନ ଦିଗରେ ଯତ୍ନବାନ୍ ହେବାକୁ ସଂପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆବଶ୍ୟକ ମତେ ଆଶ୍ରୟ ସ୍ଥଳୀରେ ରହିଥିବା ଲୋକ ଏବଂ ବାତ୍ୟା ପରବର୍ତ୍ତୀ ବର୍ଷାଦ୍ୱାରା ସୃଷ୍ଟ ଜଳମଗ୍ନ ବା ବନ୍ୟା ଯୋଗୁଁ ଜଳବନ୍ଦୀ ଥିବା ଅଞ୍ଚଳର ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନଜାରି ରଖିବାକୁ ବି.ଡ଼ି.ଓ. ଓ ତହସିଲଦାରମାନଙ୍କୁ କୁହାଯାଇଛି। ସୂଚନାଯୋଗ୍ୟକି ୨୭ ତାରିଖ ରବିବାର ସୁଦ୍ଧା ଆଶ୍ରୟ ସ୍ଥଳୀରେ ସମୁଦାୟ ୨୫,୭୦୯ ଜଣ ଲୋକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଜାରି ରହିଥିବା ବର୍ଷା ଯୋଗୁଁ ସମ୍ଭାବ୍ୟ ଜଳମଗ୍ନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶୂନ ମୃତ୍ୟୁ ଆଭିମୁଖ୍ୟରେ ବିପଦ ସଙ୍କୁଳ ଓ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବାତ୍ୟା ପୂର୍ବ ଓ ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ସହିତ ସମସ୍ତଙ୍କ ସହଯୋଗରେ ସଫଳ ମୁକାବିଲା ହୋଇଥିବା, କୌଣସି ଧନଜୀବନ ହାନି ନ ହୋଇଥିବା ନେଇ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ୭୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପ୍ରଭାବିତ ହୋଇଥିବା ସୂଚନା ଦେଇଥିଲେ। ଜିଲ୍ଲାର ୨୧୮ ଟି ପଞ୍ଚାୟତକୁ ରାସ୍ତା ପରିଷ୍କାର ହୋଇଥିବା ୧୯୧ ଟି ଜି.ପି. ବିଦ୍ୟୁତ କ୍ଷତି ଜନିତ ପୁନଃ ଉଦ୍ଧାର, ୨୧୨ ଟି ଜି.ପି.କୁ ପାନୀୟ ଜଳ ପୂର୍ବବତ୍ ଯୋଗାଣ କରାଯାଉଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସେ ସୂଚନା ଦେଇଛନ୍ତି। ସାମୂହିକ ବା ବ୍ୟକ୍ତିଗତ କ୍ଷୟକ୍ଷତି ଆକଳନ ତ୍ୱରିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସାଳନ୍ଦୀ, ନାଳିଆ, ଯଅ, ରେବ, କପାଳି ନଦୀରେ ପାଣି ଆସିବା ଯୋଗୁଁ ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଭଦ୍ରକ ବ୍ଲକର ଅନେକ ଅଞ୍ଚଳ ବୁଡ଼ି ପ୍ରଭାବିତ ହୋଇଥିବାରୁ ସରକାରୀ ସାହାଯ୍ୟ ପ୍ରଦାନ ଅବ୍ୟାହତ ରହିଛି। ପ୍ରଭାବିତ ପ୍ରାଣୀ ସମ୍ପଦ ପାଇଁ ଆଗୁଆ ପ୍ରତି ପଞ୍ଚାୟତକୁ ଗୋଖାଦ୍ୟ ପ୍ରେରଣ କରାଯାଇଥିବା ଓ ବର୍ତ୍ତମାନ ମଧ୍ୟ ତ୍ୱରିତ୍ ଯୋଗାଇବା ପାଇଁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ପ୍ରଦାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବର୍ତ୍ତମାନ ବି ବିପଦ ଟଳିନାହିଁ। ଶେଷ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ ସହ ମୁକାବିଲାରେ ସଫଳତା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ବନ୍ୟା ଓ ଜଳମଗ୍ନ ଅଞ୍ଚଳରେ, ପାଣିରେ ବୁଡ଼ିଥିବା ପୋଲ ଉପରେ ପିଲା, ବୃଦ୍ଧ ବା ଅନ୍ୟ କେହି ବୁଲାବୁଲି କି ପାଣିସହ ଖେଳିବା, ଅସାବଧାନତା ଅବଲମ୍ବନ କରିବାକୁ ସଚେତନ କରାଇବା ଦିଗରେ ମଧ୍ୟ ସେ ପ୍ରାଧାନ୍ୟ ଦେଇଥିଲେ। କାରଣ ଶୂନ ମୃତ୍ୟୁ ଆଭିମୁଖ୍ୟ ହାସଲ ପାଇଁ ଏବେ ବି ଆମ ସମସ୍ତଙ୍କ ଉପରେ ଦାୟିତ୍ୱ ଅଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ବାତ୍ୟା ସମୟରେ ଭ୍ରାମ୍ୟମାଣ ଚିକିତ୍ସା ପ୍ରଦାନ ପାଇଁ ୨୫ ଟି ମେଡ଼ିକାଲଟିମ୍ ଓ ୭ଟି ପ୍ରାଣୀଚିକିତ୍ସା ଟିମ୍ ମୁତୟନ କରାଯାଇଥିଲା। ଜୁମ୍ ଜରିଆରେ ଅନୁଷ୍ଠିତ ଏହି ବୈଠକ ସହ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଯୋଡ଼ି ହୋଇ ଆଲୋଚନାରେ ମତାମତ ରଖିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଉପଜିଲ୍ଲାପାଳ ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତନ୍ମିତା କର ପ୍ରମୁଖ ଓ୍ୱସ୍ୱାନ୍ ହଲ୍‌ରେ ଉପସ୍ଥିତ ଥିଲେ।

## ପାଣିରେ ପଡି ଜୀବନ ହାରିଲେ ବୃଦ୍ଧା

ନୀଳଗିରି , ୨୭/୧୦ (ନି.ପ୍ର): ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଲଦଲି ଗ୍ରାମର ସୂର୍ଯ୍ୟମଣୀ ବେହେରା (୭୦) ସକାଳ ନିତ୍ୟକର୍ମ ସାରି ଘରଗଡିଆକୁ ଶୌଚପାଇଁ ଯାଇଥିବା ବେଳେ ତୁଠ ଖସଡ଼ା ହୋଇଥିବା ଯୋଗୁ ବୃଦ୍ଧାଙ୍କ ପାଦ ଖସିଯିବା କାରଣରୁ ଗଡିଆରେ ପଡିରହି ତାଙ୍କର ପ୍ରାଣବାୟୁ ଉଡି ଯାଇଥିବା ସୂଚନା ମିଳିଛି କ୍ଷ ତାଙ୍କର ୨ ପୁଅ ଘରଠାରୁ ଦୂରକୁ ଦିନମଜୁରିଆ କାମକରିବା ପାଇଁ ଯାଇଥିବା ବେଳେ ଖବରପାଇ ଅପରାହ୍ନ ୪ ଘଟିକାପରେ ପହଁଞ୍ଚିଥିବା ପରେ ଅନ୍ତେଷ୍ଟି ପାଇଁ ଦେବଗିରି ପାହାଡ଼ର ପାଦ ଦେଶକୁ ନେଇଥିଲେ ।ଖବରପାଇ ସରପଞ୍ଚ ପୁରୁଷୋତ୍ତମ ସେଠି ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ଦେବାପାଇଁ ପହଁଞ୍ଚି ଶବବ୍ୟବଚ୍ଛେଦ ପରେ ସତ୍କାର କଲେ ସରକାରୀ ସହାୟତା ମିଳିପାରିବ ବୋଲି ଉପଦେଶ ଦେଇଥିଲେହେଁ ଗ୍ରାମବାସୀ ମଶାଣିରୁ ଶବ ଫେରାଯାଏ ନାହିଁ କହି ହିନ୍ଦୁ ରୀତିରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ପରିବାର ନିହାତି ଗରିବ ଦିନମଜୁରିଆ ହୋଇଥିବା କାରଣରୁ ତାଙ୍କ ମା'ଙ୍କ କର୍ମପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ପାଠଚକ୍ର ଅନୁଷ୍ଠିତ



ବଡ଼ସାହି , ୨୭/୧୦ (ନି.ପ୍ର): ବଡ଼ସାହି ବ୍ଲକ ଅଧିନ ବିଜିପୁର, ମାନଗୋବିନ୍ଦ ପୁର ମାଣତ୍ରୀ ମୟୂରଭଞ୍ଜ ସ୍ଥିତ ଶ୍ରୀ ମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ପାଠଚକ୍ର ଏଥିରେ ଚିତ୍ତ ଭାଇ, ପ୍ରଫୁଲ୍ଲ ଭାଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ବାଲେଶ୍ୱର ଏବଂ ନିକଟସ୍ଥ ପଟୁଆ,ବୈଶିଙ୍ଗା, ବେତନଟୀ ର ବହୁ ଅପା ଭାଇ ମାନେ ଯୋଗ ଦେଇଥିଲେ। ସାମାଜିକ ସଦଭାବନା ତଥା ଆଧ୍ୟାତ୍ମିକ ଚେତନାର ବିକାଶ ଦ୍ୱାରା ମଣିଷ ସମାଜ ରେ ଉନ୍ନତି ହୋଇପାରିବ ଏବଂ ଏଥିପାଇଁ ପ୍ରତ୍ୟେହ ମା ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏହି ବିଷୟରେ ଦିଗଦର୍ଶନ ମୂଳକ ଆଲୋଚନା କରାଯାଇଥିଲା। ଶ୍ରୀମା ଶ୍ରୀଅରବିନ୍ଦ ଙ୍କର ଜୀବନ ଦର୍ଶନ ସମ୍ବନ୍ଧୀୟ ବହୁ ଶିକ୍ଷଣୀୟ ଉପାଦେୟ ପାଠଚକ୍ର ରେ ଆଲୋଚନା କରାଯାଇଥିଲା। ଏଥିରେ ପାଟୁଆ ର ଚିତ୍ତ ଭାଇ, କପ୍ତିପଦା ପ୍ରଫୁଲ୍ଲ ଭାଇ,ବୈଶିଙ୍ଗା ର ମୁକୁନ୍ଦ ଭାଇ,ଦିଲ୍ଲିପ ଭାଇ, ବାଲେଶ୍ୱର ର ବିଶ୍ୱନାଥ ଭାଇ,ପ୍ରଭାତ ଭାଇ, ବାରିପଦା ରୁ ସୁବାସ ଭାଇ, ଗଣେଶ ଭାଇ ,ପ୍ରଭୃତି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ରଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ସଫଳ ରୁପାୟନ ନିମନ୍ତେ ସର୍ବେଶ୍ୱର ଜେନା, ପରେଶ ଦଳେଇ ,ଶାମ ସାର୍, ନୀଳକଣ୍ଠ ନାୟକ ସହିତ ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ର ର ଅନ୍ୟ ସଦସ୍ୟ ଏବଂ ସଦସ୍ୟା ଗଣ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଯୋଗୁଁ ଆଧ୍ୟାତ୍ମିକ ଚେତନାର ପରିସ୍ଫୁଟ ହେଲାଭଳି ଏକ ପରିବେଶ ଗଢି ସାମାଜିକ ସଦଭାବନା ସୃଷ୍ଟି କରିବା ପ୍ରୟାସ ଟିକୁ ଅଞ୍ଚଳବାସୀ ସହଯୋଗ ସହିତ ଅନେକ ପ୍ରଶଂସା କରିଥିଲେ। ସଭା ଶେଷରେ ପ୍ରସାଦ ସେବନ କରି ଅତିଥି ମାନେ ନିଜ ନିଜର କ୍ଷେତ୍ରକୁ ଫେରି ଯାଇଥିଲେ । ଶ୍ରୀ ମା ଶ୍ରୀ ଅରବିନ୍ଦ ଜୀବନୀ ସମସ୍ତଙ୍କୁ ପ୍ରଭାବିତ କରିପାରିଥିବା ଅନୁଭୂତ ହୋଇନଥିଲା। ଏଭଳି କାର୍ଯ୍ୟକ୍ରମ ଆଗକୁ ଚାଲୁ ରହିବ ବୋଲି ସମ୍ପାଦକ ଏବଂ ସଭାପତି ଦୃଢ଼ତା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଲେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା

ବାଲେଶ୍ୱର, ୨୭/୧୦ (ନି.ପ୍ର): ବାତ୍ୟା ଦାନା ର ପ୍ରଭାବରେ ହୋଇଥିବା ବର୍ଷା ଯୋଗୁଁ ନଦୀର ଜଳସ୍ତର ବଢ଼ି ନଦୀ ପାଖବର୍ତ୍ତି ଅଞ୍ଚଳ ପାଣି ଘେରରେ ରହିଅଛି। ପାଣି ଘେରରେ ଥିବା ଗ୍ରାମପଞ୍ଚାୟତ ଯଥା - ଶାସଙ୍ଗ,ଚଷାଖଣ୍ଡ, କଲ୍ୟାଣପୁର, ନିଜାମ୍ପୁର, ଗୁଡୁଦା, ଦୁର୍ଗାଦେବୀ, ଗଣ୍ଡରଦା ଇତ୍ୟାଦି ପଞ୍ଚାୟତ ବୁଲି ଲୋକଙ୍କ ସହ ସାକ୍ଷାତ କରି ସ୍ଥିତିର ସମୀକ୍ଷା କଲେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ। ଏଭଳି ପରିସ୍ଥିତିରେ କେମିତି ଲୋକମାନେ ସୁରକ୍ଷିତ ରହିବେ, ଲୋକଙ୍କ ପାଖରେ ଖାଦ୍ୟ ପାନୀୟ ଜଳ କିଭଳି ସଠିକ୍ ସମୟରେ ପହଞ୍ଚିବ ସେ ପ୍ରତି ଗୁରୁତ୍ୱ ଦେଇଥିଲେ। ଆବଶ୍ୟକୀୟ ସରକାରୀ ସହାୟତାରୁ ଯେମିତି କୌଣସି ଲୋକ ବଞ୍ଚିତ ନ ରହିବେ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବନ୍ୟା ଘରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।






## ବାତ୍ୟା କ୍ଷତି ଗ୍ରସ୍ତ ଲୋକଙ୍କୁ ଉପକାର ପକ୍ଷରୁ ରିଲିଫ ବଣ୍ଟନ




ବାସୁଦେବପୁର, ୨୭/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଂଚାୟତର ବନ୍ଧ ସାହି, ବାଲିମେଦ ପଂଚାୟତର ବିଭିନ୍ନ ଗ୍ରାମ ପ୍ରଭୃତି ବିଭିନ୍ନ ଅଞ୍ଚଳର ବାତ୍ୟା କ୍ଷତି ଗ୍ରସ୍ତ ଲୋକଙ୍କୁ ଭୁବନେଶ୍ୱରର ଉପକାର ଫାଉଣ୍ଡେସନ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି । ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ଏହି ରିଲିଫ ବଣ୍ଟନ ସମୟରେ ଯୋଗ ଦେଇ ଲୋକ ମାନଙ୍କର ଦୁଃଖ ଓ ସମସ୍ୟା ବୁଝିବା ସହିତ ରିଲିଫ ବଣ୍ଟନ କାର୍ଯ୍ୟ କୁ ତ୍ୱରାନ୍ୱିତ କରିଥଲେ । ଉପକାର ଫାଉଣ୍ଡେସନର ପ୍ରତିଷ୍ଠାତା ସନ୍ତୋଷ କୁମାର ସାମଲ ଓ ଶୁଭ୍ରଜିତ୍ ନାୟକ ମୁଖ୍ୟ ଦାୟିତ୍ୱ ନେଇ ରିଲିଫ ବଣ୍ଟନ କରିଥଲେ । ଏହି ଫାଉଣ୍ଡେସନ ର ସଦସ୍ୟ ବବୁ ବାହନ ମହାକୁଡ଼, ପ୍ରିତମ ଦତ୍ତ, ସୁଶାନ୍ତ ମହାକୁଡ଼, ଅକ୍ଷୟ ବାରିକ୍, କୈଳାସ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଚୁଡ଼ା, ଚିନି, ବିସ୍କୁଟ , ଅମୁଲ ପ୍ରଭୃତି ପ୍ୟାକେଟ କରାଯାଇ ଲୋକ ମାନଙ୍କୁ ବଣ୍ଟନ କରା ଯାଇଥିଲା । ଏହି ରିଲିଫ ବଣ୍ଟନ କାର୍ଯ୍ୟ କ୍ରମକୁ ସର୍ବ ସାଧାରଣରେ ପ୍ରଶଂସା କରା ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହେନ୍ତାଳ ବଣ ପାଲଟିଲା ସୁରକ୍ଷା...

ସାମ୍ନାରେ ଅଭେଦ୍ୟ ପ୍ରାଚୀର ଭଳି ଛିଡ଼ା ହୋଇଥିଲା ହେନ୍ତାଳ ବନ । ଅନ୍ୟ ବୃକ୍ଷ ଭଳି ଭାଙ୍ଗି ନ ପଡ଼ି ଝଡ଼ ପବନକୁ ଦୁର୍ବଳ କରିଦେଇଥିଲା ଏ ଲୁଣା ଜଙ୍ଗଲ। ୧୯୯୯ ମହାବାତ୍ୟା ବେଳେ ବି ଏହି ଲୁଣା ଜଙ୍ଗଲ ଯୋଗୁ ଅପେକ୍ଷାକୃତ କମ୍ ପ୍ରଭାବିତ ହୋଇଥିଲା ରାଜନଗର ଓ ରାଜକନିକା । ଯେହେତୁ ଓଡ଼ିଶା ଏକ ବାତ୍ୟା ପ୍ରବଣ ରାଜ୍ୟ, ତେଣୁ ଉପକୂଳରେ ଥିବା ହେନ୍ତାଳ ବଣକୁ ସୁରକ୍ଷା ଦେବା ସହ ନୂଆ ହେନ୍ତାଳ ବଣ ସୃଷ୍ଟି ପାଇଁ ଜନ ସାଧାରଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଆହ୍ୱାନ ଦେଇଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ । ହେନ୍ତାଳ ବନ କିଭଳି ବାତ୍ୟାକୁ ପ୍ରତିହତ କରିପାରୁଛି ? ବିଶେଷଜ୍ଞ କହିଛନ୍ତି, ହେନ୍ତାଳ ବନରେ ଥିବା ବୃକ୍ଷର ଚେରଗୁଡ଼ିକ ଜାଲି ଭଳି ଛନ୍ଦି ହୋଇ ନେଟଓ୍ୱର୍କ ଭଳି କାମ କରିଥାଏ । ସମୁଦ୍ରର ପାଣିକୁ ଆଗକୁ ଯିବାକୁ ରୋକିଥାଏ । ଜୁଆରର ପ୍ରଭାବକୁ ୭୦ରୁ ୯୦ ପ୍ରତିଶତ କମାଇ ଦେଇଥାଏ । ଯଦିଓ ହେନ୍ତାଳ ବନ ସବୁ ପରିବେଶରେ ହୋଇ ନଥାଏ, କିନ୍ତୁ ଆମ ରାଜ୍ୟରେ ପ୍ରାୟ ସବୁ ନଦୀ ମୁହାଣରେ ହେନ୍ତାଳ ବଣ ସୃଷ୍ଟି ହେଉଛି । ହେଲେ ସଂରକ୍ଷଣ ଅଭାବରୁ ଧୀରେ ଧିରେ ଏ ସବୁ ଅଞ୍ଚଳର ହେନ୍ତାଳ ବନକୁ ନଷ୍ଟ କରାଯାଇ ବେଆଇନ ଭାବେ ମାଛ ଚାଷ କରାଯାଉଥିବାରୁ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଓ ହେନ୍ତାଳ ବନ ସଂରକ୍ଷକ ।

### ଓଡ଼ିଶାବାସୀଙ୍କ ପାଇଁ ୨୯ରେ....

ମୋଦୀଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ମଧ୍ୟ କ୍ଷମତାକୁ ଆସିଲେ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା ଲାଗୁ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଟୋବର ୨୯ ତାରିଖରେ ଆୟୁଷ୍ମାନ ଭାରତ ଯୋଜନା ସମେତ ଓଡ଼ିଶାରେ ଅନ୍ୟ ପ୍ରକଳ୍ପର ଶୁଭାରମ୍ଭ କରିବେ। ଆୟୁର୍ବେଦିକ ଦିବସ ଅବସରରେ ସେ ଜଟଣୀରେ ଆୟୁର୍ବେଦ ଓ ନେଚରପାଥିର ବଡ଼ ହସ୍ପିଟାଲର ଉଦଘାଟନ କରିବେ। ଏହି ବୃହତ୍ ହସ୍‌ପିଟାଲ ୨୧ ଏକର ଜମିରେ ନିର୍ମାଣ ହୋଇଛି। ସେହିପରି ଗୋଠପାଟଣାରେ ସେଣ୍ଟ୍ରାଲ ଅକ୍ସ ଟେଷ୍ଟିଂ ୟୁନିଟ ହେବ। ବରଗଡ଼ରେ କ୍ରିଟିକାଲ ହେଲ୍ଥ କେୟାର ୟୁନିଟ ଉଦ୍‌ଘାଟନ ହେବ। ଓଡ଼ିଶା ସମେତ ଦେଶର ୭୦ ବର୍ଷରୁ ଅଧିକ ବୟସ୍କଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରାଯିବ।

### ଥାନାରେ ଉତ୍ପାତ କରୁଥିଲେ...

କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି । ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାସ ଖାରବେଳନଗର ଥାନା ବୁଲି ଦେଖିବା ସହ ତଦାରଖ କରିଛନ୍ତି । ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ପୂର୍ବରୁ ଆକ୍ସନ ମୋଡ଼ରେ କମିଶନରେଟ ପୋଲିସ । କେବଳ ଏତଲାକାରୀ ନୁହେଁ ପୋଲିସର ବ୍ୟବହାର ନେଇ ମଧ୍ୟ ହେବ ଛାନଭିନ । କ୍ୟାମେରାରେ ରେକର୍ଡ ଦୃଶ୍ୟକୁ ସିଧାସଳଖ ଦେଖିବେ ସିପି ଓ ଡିସିପି । ପ୍ୟାନିକ୍ ବଟନ ଦବାଇବା ମାତ୍ରେ ସମସ୍ତ ଅଭାବନୀୟ ଘଟଣା ରେକର୍ଡ ହେବ । ପୂର୍ବରୁ ଅନେକ ସମୟରେ ଥାନାରେ ମାତାଲ୍ ଯୁବତୀ ଓ ଯୁବକ ଆସି ପୋଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାର ଦୃଶ୍ୟ ସାମ୍ନାକୁ ଆସିଛି । ଭରତପୁର ଘଟଣା ପାଇଁ ବିବାଦ ଘେରକୁ ଆସିଥିଲା କମିଶରେଟ ପୋଲିସ । ଖଣ୍ଡଗିରି ଥାନାରେ ମଧ୍ୟ ଜଣେ ମହିଳା ମଦ୍ୟପାନ କରି ପୋଲିସକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଥାନାରେ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ । ତାକୁ ଆଖି ଆଗରେ ରଖି ଏହାକୁ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି କମିଶନରେଟ ପୋଲିସ । ୨୦୧୯ରେ ଟ୍ରାଫିକ୍ ପୋଲିସ କ୍ଷେତ୍ରରେ ବଡି କ୍ୟାମେରା ଲାଗୁ ହୋଇ ସାରିଛି । ଅନେକ ସମୟରେ ପୋଲିସ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବାଦ ବିବାଦ ଦେଖା ଦେଇଥାଏ । ତେବେ ଏଥିରେ କାହାର ଭୁଲ୍ ଓ କାହାର ଠିକ୍ ତାହା ସ୍ପଷ୍ଟ ହୋଇପାରେ ନାହିଁ । ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବଡ଼ି କ୍ୟାମେରା ବ୍ୟବସ୍ଥା କରାଯାଇଛି ।

### ଆକାଶମାର୍ଗରୁ ବାତ୍ୟାଞ୍ଚଳ ପରିଦର୍ଶନ...

ଶ୍ରୀ ପୂଜାରୀ କହିଛନ୍ତି, ୬ ଲକ୍ଷ ୫୯ ହଜାର ୮୪୨ ପଶୁ ପ୍ରଭାବିତ ହୋଇଛନ୍ତି। ଏଣେ ୭ ଲକ୍ଷ ୩୪ ହଜାର ୭୫ କୁକୁଡ଼ା ପ୍ରଭାବିତ। ପଶୁଙ୍କୁ ସାପ କାମୁଡ଼ା ମାମଲା ଭଦ୍ରକରେ ୪, ଯାଜପୁରରେ ଜଣେ ଓ କେନ୍ଦ୍ରାପଡ଼ା ୭ ନଜରକୁ ଆସିଛି। ସେହିପରି ୨୮ଜଣ ଲୋକଙ୍କୁ ସାପ କାମୁଡ଼ିଛି। ଏଥିରେ ଜଣେ ଡାକ୍ତର ବି ଅଛନ୍ତି ହେଲେ ସମସ୍ତେ ସୁସ୍ଥ ଅଛନ୍ତି। ୧ ଲକ୍ଷ ୨୫ ହଜାର ୯୧୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ୫୮୩୯ ଘର ସମ୍ପୂର୍ଣ୍ଣ ବା ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ପୀଡ଼ିତମାନଙ୍କୁ ୨୩୨୨.୨ କ୍ୱିଣ୍ଟାଲ୍ ଚୁଡ଼ା ଓ ୭୫୫ ପଲିଥିନ ଦିଆଯାଇଛି। ୩୩୫ ମେଡିକାଲ ଟିମ ନିୟୋଜିତ ହୋଇଛନ୍ତି।ଏଣେ ବିଦ୍ୟୁତ ସରବାରହ କାମ ସରିଲାଣି। ବୁଢ଼ାବଳଙ୍ଗ ସତର୍କ ସ୍ତରର ୦.୩୫ ମିଟର ଉପରେ ଅଛି। ହେଲେ ବିପଦ ସଂକେତ ନାହିଁ। ଜଳ ନିଷ୍କାସନ ଆହୁରି ଗତିଶୀଳ ହେବ। ସନ୍ଧ୍ୟା ସୁଦ୍ଧା ସତର୍କ ସ୍ତର ତଳକୁ ଆସିବ। ଏସଆରସିଙ୍କ ପାଖକୁ ୧୪ ଜିଲ୍ଲାର ଜିଲାପାଳମାନେ ନଭେମ୍ବର ୨ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ସାଇବର ଠକଙ୍କ ଜାଲରେ ...

ନମ୍ବରକୁ ବ୍ୟବହାର କରାଯାଇ ଏକାଧିକ ବେଆଇନ କାର୍ଯ୍ୟକଳାପ କରାଯାଉଛି। ଉଦାହରଣ ସ୍ୱରୂପ ଉକ୍ତ ମୋବାଇଲ ନମ୍ବର ବ୍ୟବହାର କରାଯାଇ ଲୋକଙ୍କୁ ଅଗ୍ରହଣୀୟ ଲିଖିତ ମେସେଜ୍ ପଠାଯାଉଛି। ବେଆଇନ ଟ୍ରେଡ଼ିଂ କରାଯାଉଛି। ଏମିତିକି ଜୁଆ ଖେଳାଯାଉଛି, ଯୌନ ଶୋଷଣ କରାଯାଉଛି ଓ ପର୍ଣ୍ଣୋଗ୍ରାଫି କରାଯାଉଛି। ତା' ସହିତ ମନି ଲଣ୍ଡରିଂ ଓ ବେଆଇନ ଟ୍ରେଡ଼ିଂରେ ବି ଉକ୍ତ ମୋବାଇଲ ନମ୍ବରକୁ ବ୍ୟବହାର କରାଯାଉଛି। ଏପରି କହି ଏଜେଣ୍ଟ ଜଣଙ୍କ ତୁରନ୍ତ ତହସିଲଦାରଙ୍କ ନମ୍ବରକୁ ଅନ୍ୟ ଏକ ନମ୍ବର ୬୦୦୩୦୬୯୬୦୬କୁ ଫରଓ୍ୱାର୍ଡ କରି ଦେଇଥିଲେ ଓ ତାହା ଜଣେ ସିବିଆଇ ଅଧିକାରୀଙ୍କ ନମ୍ବର ବୋଲି କହିଥିଲେ। ନକଲି ସାଇବର କ୍ରାଇମ ଇନ୍ସପେକ୍ଟର ପ୍ରକାଶ ସିଂହ ତାଙ୍କୁ ୨ ଘଣ୍ଟା ଭିତରେ ଦିଲ୍ଲୀର ଏକ ଥାନାରେ ରିପୋର୍ଟ କରିବାକୁ କହିଥିଲେ। ନହେଲେ ହ୍ୱାଟସଆପ୍‌ରେ ଭିଡିଓ କଲ୍ ମାଧ୍ୟମରେ ଅନ୍‌ଲାଇନରେ ଏକ ଏଫଆଇଆର ଦେବାକୁ କହିଥିଲେ। ତା'ପରେ ସେ ତହସିଲଦାରଙ୍କ ପାଖକୁ ଭିଡିଓ କଲ୍ କରି ତାଙ୍କୁ ଜେରା କରିଥିଲେ ଓ ତାଙ୍କ ପରିଚୟ ଚୋରି ହୋଇଯାଇଥିବା କହିଥିଲେ। ତାଙ୍କ ପରିଚୟକୁ ଚୋରି କରି ଅପବ୍ୟବହାର କରାଯାଉଥିବା ସେ କହିଥିଲେ। ତାଙ୍କ ପରିଚୟ ବ୍ୟବହାର କରି ମହମ୍ମଦ ଇସଲାମ ନବାବ ମଲ୍ଲିକ ନାମକ ଜଣେ ବ୍ୟକ୍ତି ୪ଟି ବ୍ୟାଙ୍କ ଆକାଉଣ୍ଟ ଖୋଲି ମନି ଲଣ୍ଡରିଂ ଓ ବେଆଇନ ଟ୍ରେଡ଼ିଂ ଚଲାଉଛନ୍ତି ବୋଲି କହିଥିଲେ। ସେମାନେ ତହସିଲଦାରଙ୍କ ପାଖକୁ ନକଲି ଗୁପ୍ତ ଚୁକ୍ତି ପତ୍ର ଓ ସ୍ୱୀକାରୋକ୍ତି ପତ୍ର ପଠାଇଥିଲେ, ଯାହା ଅର୍ଥ ବିଭାଗରୁ ଆସିଥିବା କହିଥିଲେ। ତା'ପରେ ପରେ ଦୁଇଟି ୟୁପିଆଇ ଲିଙ୍କ ପଠାଇଥିଲେ ଓ ଆକାଉଣ୍ଟ ପ୍ରମାଣିକରଣ ପାଇଁ ଏହା ଉଦ୍ଦିଷ୍ଟ ବୋଲି କହିଥିଲେ। ତାହା ସହିତ ସେ ଉକ୍ତ ଲିଙ୍କ୍ ଦୁଇଟିରେ କ୍ଲିକ୍ କରିବାକୁ କହିଥିଲେ। ଆଉ ତହସିଲଦାର ଉକ୍ତ ଲିଙ୍କରେ କ୍ଲିକ୍ କରିବା ପରେ ସନ୍ଧ୍ୟା ସାଢ଼େ ୬ଟା ବେଳେ ତାଙ୍କ ଆକାଉଣ୍ଟରୁ ୮୯ ହଜାର ୫୦୦ ଟଙ୍କା ଟ୍ରାନ୍ସଫର ହୋଇଯାଇଥିଲା। ତା'ପରେ ସେ ଠକାମୀର ଶିକାର ହୋଇଥିବା ସନ୍ଦେହ କରି ଉକ୍ତ ନମ୍ବରକୁ ବ୍ଲକ୍ କରିବା ସହିତ ଆଧାର କାର୍ଡ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦେଇଥିଲେ। ତହସିଲଦାର ତାଙ୍କ ଏତଲାରେ ଆହୁରି ଦର୍ଶାଇଛନ୍ତି ଯେ ୨୦୨୨ ଅଗଷ୍ଟ ୧୩ ତାରିଖରେ ସେ କଶ୍ମୀରରେ ତାଙ୍କର ଏକ ଫୋନ୍ ହଜାଇ ଦେଇଥିଲେ। ଏନେଇ ସେ ସେଠାରେ ଏକ ଥାନାରେ ଏଫଆଇଆର ମଧ୍ୟ ଦେଇଥିଲେ। କାଳେ ସେହି ଫୋନ୍ ବ୍ୟବହାର କରି ତାଙ୍କ ନାଁରେ ଏ ସବୁ ବେଆଇନ କାର୍ଯ୍ୟ କରାଯାଉଛି ବୋଲି ଡରି ସେ ସେମାନଙ୍କ (ସାଇବର ଠକଙ୍କ) ସବୁ କଥାରେ ରାଜି ହୋଇଯାଇଥିଲେ ବୋଲି ତହସିଲଦାର ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ସାଇବର ଠକଙ୍କୁ ଧରିବା ସହିତ ତାଙ୍କ ଟଙ୍କା ଫେରାଇ ଆଣିବା ନିମନ୍ତେ ପଦକ୍ଷେପ ନେବାକୁ ସେ ତାଳଚେର ଥାନା ପୁଲିସକୁ ଅନୁରୋଧ କରିଛନ୍ତି।

### ପୁଣି ରାସ୍ତାକୁ ଓହ୍ଲାଇଲେ...

ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ । ତୁରନ୍ତ ଚାଷୀଙ୍କ ସମସ୍ୟାର ସମାଧାନ ନହେଲେ ରାଜ୍ୟର ସଙ୍ଗରୁର, ଭଟିଣ୍ଡା, ମୋଗା, ବଟାଲା ଓ ଗୁରୁଦାସପୁରରେ ଚକା ଜାମ୍ କରାଯିବ ବୋଲି ମଧ୍ୟ ଚେତାଇ ଦେଇଛନ୍ତି ଚାଷୀ । ସେପଟେ ଚାଷୀଙ୍କ ସମସ୍ୟା ନେଇ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ଭେଟି ଆଲୋଚନା କରିଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ ସିଂହ ମାନ । କେନ୍ଦ୍ର ପକ୍ଷରୁ ପଞ୍ଜାବକୁ ଡିଏପି ସାର ଯୋଗାଣ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ନଡ୍ଡା ।

### ବିମାନ ପରେ ଏବେ...

ତିରୁପତିରେ ମଧ୍ୟ ୩ଟି ପ୍ରମୁଖ ହୋଟେଲକୁ ବୋମା ଧମକ ମିଳିଛି । ଏହି ଧମକ ମିଳିବା ପରେ ପୁଲିସ ଏବଂ ସ୍ନାଇଫର ଡଗ୍ ହୋଟେଲରେ ସର୍ଚ୍ଚ ଅପରେସନ୍ କରିଥିଲେ । ତେବେ ଏହା ମିଥ୍ୟା ଧମକ ବୋଲି ପୋଲିସ ସ୍ପଷ୍ଟ ହୋଇଛି । ଗତ ୧୦ ଦିନ ମଧ୍ୟରେ ୨୫୦ରୁ ଅଧିକ ବିମାନକୁ ବୋମା ଧମକ ମିଳିଥିବାବେଳେ ଏବେ ପୁଣି ହୋଟେଲକୁ ବୋମା ଧମକ ମିଳିଛି ।

## ଭୁବନେଶ୍ୱର ବିମାନ ବନ୍ଦରରେ ବାଘ ନୁହେଁ ବଣୁଆ ଭୁଆ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ବାଘ ନୁହେଁ ବଣୁଆ ଭୁଆ । ଭୁବନେଶ୍ୱର ବିମାନ ବନ୍ଦର ନିକଟରେ ବୁଲୁଥିବା ବାଘ ପ୍ରକୃତରେ ଜଙ୍ଗଲୀ କ୍ୟାଟ ବା ବଣ ଭୂଆ ବାହାରିଲା। ଗତକାଲି ଭୋର ୩ ଟା ବେଳେ ଜଙ୍ଗଲ ବିଭାଗ ଲଗାଇଥିବା ଟ୍ରାପ କ୍ୟାମେରାରେ ଏହାର ଭିଡିଓ ଓ ଫଟୋଚିତ୍ରରୁ ଜଂଗଲୀ କ୍ୟାଟ୍ ବୋଲି ଜଣାପଡିଛି। ପାଦ ଚିହ୍ନରୁ ଜଂଗଲୀ କ୍ୟାଟ୍ ବୋଲି ଜଙ୍ଗଲ ବିଭାଗ କନଫର୍ମ ହେବା ପରେ ରେଞ୍ଜ ଅଫିସର ରାଧାକାନ୍ତ ହୋତା ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଟ୍ରାପ୍ କରିବା ପାଇଁ ୩ଟି କ୍ୟାମେରା ଲଗା ଯାଇଥିଲା। ତେବେ ଗୋଟିଏ କ୍ୟାମେରାରେ ଜଂଗଲୀ କ୍ୟାଟ ସୁଟିଂ ହୋଇଛି। ବଣ ଭୁଆର ସାମ୍ନା ଓ ପଛପଟୁ ସୁଟିଂ ହୋଇଛି।

ସୋମବାର, ୨୮ ଅକ୍ଟୋବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଯୁଗୁପୁରା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଶିକ୍ଷୟତ୍ରୀ ନିଯୁକ୍ତିରେ ଅନିୟମିତତା

ବେତନଟୀ , ୨୭/୧୦ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ସନ୍ତରା ପଞ୍ଚାୟତ ର ଯୁଗୁପୁରା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଶିକ୍ଷୟତ୍ରୀ ନିଯୁକ୍ତି ରେ ଅନିୟମିତତା କରାଯାଇଛି। ଯୋଗ୍ୟ ପ୍ରାର୍ଥୀ ଙ୍କୁ ଚାକିରି ଦିଆ ଯାଇନଥିବାରୁ ଯୁଗପୁରା ଗ୍ରାମର ନିଜକୁ ଯୋଗ୍ୟ ପ୍ରାର୍ଥୀ କହୁଥିବା ମମତା ସିଂ ବେତନଟୀ ବ୍ଲକ ଓ ଜିଲ୍ଲା ପ୍ରଶାସନ ର ଉଚ୍ଚ ଅଧିକାରୀ ମାନଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଏହି ଅଭିଯୋଗ କୁ ସଠିକ ଭାବରେ ତଦନ୍ତ ନ କରିଲେ ପ୍ରାର୍ଥୀ ବେତନଟୀ ବ୍ଲକ କାର୍ଯ୍ୟାଳୟ ଆଗରେ ଆମରଣ ଅନସନ କରିବେ ବୋଲି ଲିଖିତ ଚେତାବନୀ ଦେଇଛନ୍ତି। ମମତା ସିଂ ଅଭିଯୋଗ ରେ ଦର୍ଶାଇଛନ୍ତି ଗତ ଅଗଷ୍ଟ ୧୩ ତାରିଖ ରେ ଯୁଗୁପୁରା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ପରେ ସମସ୍ତ ଆବେଦନକାରୀ ଙ୍କ ଠାରୁ ଅଧିକ ନମ୍ବର ରଖି ଏହି ଚାକିରି ପାଇଁ ଯୋଗ୍ୟ ବିବେଚିତ ହେବା ପାଇଁ ଥିବା ବେଳେ ତାଙ୍କୁ ଦିଆନଯାଇ ତାଙ୍କ ଠାରୁ କମ୍ ନମ୍ବର ରଖିଥିବା ଆବେଦନ କରି ଙ୍କୁ ଏହି ଚାକିରି ଦିଆଯାଇଛି। ବେତନଟୀ ବ୍ଲକ ର ସିଡିପିଓ ପାନବତୀ ମୁର୍ମୁ ଙ୍କ ସୂଚନା ଅନୁସାରେ ମମତା ସିଂ ସ୍ୱୋ ଅଞ୍ଚଳ ପରିସର ଭୁକ୍ତ ନଥିବାରୁ ତାଙ୍କୁ ଚାକିରୀ ଦିଆ ନଜାଇ ଅନ୍ୟ କୁ ଚାକିରି ଦିଆଯାଇଛି। ମମତା ସିଂ ଙ୍କ ଅଭିଯୋଗ ଅନୁସାରେ ଯୁଗୁପୁରା ଗ୍ରାମ ର ତାଙ୍କ ବାସଗୃହ ର ଜମି, ରେଶନ କାର୍ଡ, ଭୋଟର କାର୍ଡ, ସୁଭଦ୍ରା ଟଙ୍କା, ଆଧାର କାର୍ଡ ରହିଛି। ତାଙ୍କ ଗ୍ରାମ ରେ ବିଦ୍ୟାଳୟ ନଥିବା ବେଳେ ପଡସୀ ଜାମନଡା ଗ୍ରାମ ବିଦ୍ୟାଳୟରେ ପାଠ ପଢ଼ିଛନ୍ତି। ଯୁଗୁପୁରା ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ଙ୍କ ସର୍ଭେ ଖାତାରେ ମମତା ସିଂ ଙ୍କ ପରିବାର ର ନାମ ନଥିବା ବେଳେ ଆଶା ଦିଦି ଙ୍କ ସର୍ଭେ ଖାତାରେ ତାଙ୍କ ନାମ ଅଛି। ସିଡିପିଓ ଦଶ ରୁ ବାର ବର୍ଷ ହେବ ଗ୍ରାମ ରେ ନଥିବା ଦର୍ଶାଇ ଅଙ୍ଗନବାଡ଼ି ସର୍ଭେ ଖାତାରେ ତାଙ୍କ ପରିବାର ନାମ ନଥିବା ଦର୍ଶାଇଛନ୍ତି । ଯାହା ଫଳରେ ତାଙ୍କୁ ଚାକିରୀ ମିଳିପାରି ନାହିଁ । ମମତା ସିଂ ଚାକିରୀ ନହେବାର କାରଣ ସତ୍ୟତା ନାହିଁ ବୋଲି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି।

## ୯ପଞ୍ଚାୟତରେ ପାଦ ପଡିନି: ଉଦ୍ଧାରକାରୀ ଟିମ ହଟାଇ ନେଲାଣି ପ୍ରଶାସନ

### ୩୬ ଘଣ୍ଟା ପରେ ବି ୯୦ପ୍ରତିଶତ ଗ୍ରାମରେ ବିଦ୍ୟୁତସେବା ଅପହଂଚ

ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ବାତ୍ୟାଦାନା ଜନସାଧାରଣଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ବାତ୍ୟାର ୩୬ଘଣ୍ଟାପରେ ୯୦ଭାଗ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇ ପାରିନି । ଭାଜପା ସରକାର ୨ଦିନ ବିଦ୍ୟୁତ ସଂଯୋଗ କରାଯିବ ବୋଲି ଘୋଷଣା କରୁଥିଲେ ହେଁ ଖଇରା ବ୍ଲକର ୨ଲକ୍ଷ୩୧ ହଜାର ଲୋକ ଏବେ ଅନ୍ଧାରରେ ହନ୍ତସନ୍ତ ହେଉଛି । ଏବେ ସୁଦ୍ଧା ୩୭ପଞ୍ଚାୟତ ମଧ୍ୟରୁ ଜଳଦା, ମାଣିତ୍ରୀ, ଗୋବିନ୍ଦପୁର, ଗଡପୋଖରୀ, ବାଉଁଶଗଡିଆ, ଅମରିଆ, ବଡଜୟୀପୁର, ଗରସଙ୍ଗ ଓ ଅନ୍ତରା ଭଳି ୯ପଞ୍ଚାୟତରେ କୌଣସୀ ଉଦ୍ଧାରକାରୀ ଦଳ ରାସ୍ତାସଫା ପାଇଁ ପହଞ୍ଚିନଥିବା ବେଳେ ଜିଲା ପ୍ରଶାସନ ରବିବାର ଖଇରାରୁ ଏନଡିଆରଏଫ ଓ ଅନ୍ୟଏକ ଅଗ୍ନିଶମ ବାହିନୀକୁ ଅନ୍ୟତ୍ର ଅପସାରଣ କରିଛନ୍ତି । ଯାହାକୁ ନେଇ ଖଇରା ବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେପଟେ ୧୨ଟି ରାଜସ୍ୱ କ୍ଷେତ୍ରରେ ପ୍ରାଥମିକ ରିପୋର୍ଟ ଅନୁଯାୟୀ ୧୫୧ଘର ଓ ଗୁହାଳଘର ଭାଙ୍ଗିଥିବା ନେଇ ତହସିଲଦାର ଜିତେନ୍ଦ୍ର ମୁର୍ମୁ ପ୍ରକାଶ କରିଛନ୍ତି । ଘରଭାଙ୍ଗିଥିବା ଲୋକଙ୍କ ପାଇଁ ପଲିଥିନ ବ୍ୟବସ୍ଥା କରାଯାଇଥିବା ନେଇ ତହସିଲଦାର ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ମାତ୍ର ୩ଟି ଆଶ୍ରୟସ୍ଥଳୀରେ ୪ଶହ ଲୋକ ଆଶ୍ରୟ ନେଇଥିବା ବେଳେ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ନେଇ ବିଡିଓ ଅନନ୍ତ କୁମାର ହାଁସଦା ପ୍ରକାଶ କରିଛନ୍ତି ।ଏହାଛଡା ବ୍ଲକ୨ହଜାର ହେକ୍ଟର ଜମିରେ ଏବେ ବି ପାଣିଜମି ରହିଥିବା କାରଣରୁ ଗଛ ପଚିଯାଇଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି ।

## ଦୁଇକୋଟି ମୂଲ୍ୟର ଟଙ୍କା, ଓ ସୁନାଗହଣା ଚୋରୀ ଘଟଣାରେ ଜଣକୁ ଗିରଫକରି ଦିଲ୍ଲୀ ନେଇଗଲା ଦିଲ୍ଲୀ ପୋଲିସ

ନୀଳଗିରି , ୨୭/୧୦ (ନି.ପ୍ର): ବାହାର ରାଜ୍ୟରେ ଅର୍ଥ ଉପାର୍ଜନ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ କିଛି ଅସାଧୁ ଲୋକଙ୍କ ପାଇଁ ନୀଳଗିରି ଅଞ୍ଚଳ ଦିନକୁଦିନ ନିନ୍ଦିତ ହେଉଛି। ଏହିପରି ଘଟଣା ବିଭିନ୍ନ ସମୟରେ ଘଟୁଥିବା ବେଳେ କିଛିଦିନ ତଳେ ଦିଲ୍ଲୀର ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ଲୋକଙ୍କ ଘରେ ରହି ରୋଷେୟା କାମ କରୁଥିବା ଔପଦା ବ୍ଲକ୍ ଇଶ୍ୱରପୁର ପଞ୍ଚାୟତ ଭିମେଇ ଗ୍ରାମର ରମେଶ ନାୟକ (୩୫)ଙ୍କ ସମେତ ଅନ୍ୟ ସହଯୋଗୀ ପାଖାପାଖି ଦୁଇକୋଟି ମୂଲ୍ୟର ସୁନାଗହଣା ଏବଂ ନଗଦ ଟଙ୍କା ଚୋରିକରି ଖସି ପଳାଇଆସିଥିଲେ। ଏନେଇ ନୂଆଦିଲ୍ଲୀ ସ୍ଥିତ ଚିତ୍ତରଞ୍ଜନ ପାର୍କ ପୋଲିସଷ୍ଟେସନରେ ଗତ ୧୫/୧୦ ରେ ଅଭିଯୋଗ ପରେ ୨୪୩/୨୪ନଂ କେସ ରୁଜୁ ପରେ ୫ଜଣିଆ ଦିଲ୍ଲୀପୋଲିସ ଘଟଣାର ଖୋଳତାଡ କରିବା ପାଇଁ ଓଡ଼ିଶା ଆସିଥିଲା। ଗତ ୨୨/୧୦ରେ ନୀଳଗିରି ପହଞ୍ଚି ନୀଳଗିରି ପୋଲିସ ସହାୟତାରେ ଭୀମେଇ ଗ୍ରାମରେ ଅତର୍କିତ ଚଢ଼ାଉ କରିଥିଲେ। ମାତ୍ର ସେଭଳି ସଫଳତା ମିଳିପାରିନଥିବା ଜଣକୁ ଅଟକ ରଖି ପଚରାଉଚରା ଜାରିରଖିଥିଲା। ଦିଲ୍ଲୀ ବିମାନବନ୍ଦର ସିସି ଟିଭି ଫୁଟେଜ ଅନୁଯାୟୀ ରମେଶକୁ ଗିରଫ କରି ତାଙ୍କ ନିକଟରୁ ନଗଦ ୮୫ହଜାର ଟଙ୍କା ଜବତ କରିଥିଲା ବେଳେ ଏହି ଚୋରୀ ଘଟଣାରେ ସଂପୃକ୍ତ ଅନ୍ୟ ସହଯୋଗୀ ମାନେ ଖସିଯିବାରେ ସଫଳ ହୋଇଛନ୍ତି। ତେବେ ଦିଲ୍ଲୀ ପୋଲିସ ୨୬ତାରିଖ ରମେଶକୁ ନୀଳଗିରିର ମାନ୍ୟବର କୋର୍ଟରେ ହାଜର କରିବା ସହିତ ତାଙ୍କୁ ନିଜ ହେପାଜାତକୁ ନେଇ ଦିଲ୍ଲୀ ଫେରିଯାଇଥିବା ବେଳେ ଖୁବଶୀଘ୍ର ଅନ୍ୟ ଅପରାଧୀ ଗିରଫ ହେବେ ବୋଲି ସୂଚନା ମିଳିଛି।

## ବାଣ ଦୋକାନରେ ଚଢ଼ାଉ: ୩ ଗିରଫ

ଖୋର୍ଦ୍ଧା, ୨୭/୧୦ (ନି.ପ୍ର): ରବିବାର ବାଲୁଗାଁ ବଜାରର ବିଭିନ୍ନ ଅଂଚଳରେ ଚଢ଼ାଉ କରି ୩ ବାଣ ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ୱାବଧାନରେ ଏବଂ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ ବାଲୁଗାଁ ବଜାରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ୱଜିତ ଗଜେନ୍ଦ୍ର, ଅନିକେତ ପରିଡା ଓ ରୋଶନ ନାୟକ। ଜବତ ବାଣର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବାଲୁଗାଁ ଥାନାଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

## ପଟୁପଡି ୩୦ଏକରରୁ ଉର୍ଦ୍ଧ୍ୱ ପରିବା ଚାଷ ନଷ୍ଟ



ନୀଳଗିରି , ୨୭/୧୦ (ନି.ପ୍ର): ହଠାତ ରାତିଅଧିଆ ପରିବାଚାଷରେ ମାଡିଗଲା ସୋନନଦୀର ବନ୍ୟାପାଣି । ପରିବା ଗଛରେ ମାଡ଼ିଗଲା ପଟୁମାଟି ।ନଷ୍ଟ ହେଲା ୩୦ ଏକରରୁ ଉର୍ଦ୍ଧ୍ୱ ଚାଷଜମି । ପରିବାଚାଷୀଙ୍କ ଆର୍ଥିକ ମାନଦଣ୍ଡଙ୍କୁ ଦୋହାଲାଇ ଦେଲା ବାତ୍ୟା ଓ ବନ୍ୟା ।ଚିନ୍ତାରେ ଏବେ ତିନୋଟି ଗାଁର ଶତାଧିକ ଚାଷୀ। କେମିତି ସୁଝିବେ ଋଣ, କିପରି କରିବେ ପରିବାର ପ୍ରତିପୋଷଣ। ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତର ସିଙ୍ଗିରୀ, ବଡକାଳିଆପଦା, ସାନକାଳିଆପଦା ଗ୍ରାମକ ଶତାଧିକ ଚାଷୀ ସୋନ ନଦୀ ଅବବାହିକାରେ ୩୦ ଏକରରୁ ଉର୍ଦ୍ଧ ଚାଷ ଜମିରେ ପରିବା ଚାଷ କରିଥିଲେ ।ହେଲେ ବାତ୍ୟା 'ଦାନା'ର ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ କାଳ ଓ ସୁନେଇ ଡ୍ୟାମର ଜଳସ୍ତର ବଢିବାକୁ ଲାଗିଥିଲା ।ଫଳରେ ୨୫ ତାରିଖ ବିଳମ୍ବିତ ରାତିରେ ଗେଟ୍ ଖୋଲାଯିବାରୁ ହଠାତ ସୋନ ଓ ଘାଘରା ନଦୀର ଜଳ ସ୍ତର ଫୁଲିବା ସହ ନଦୀ ଅବବାହିକାରେ ଥିବା ସିଙ୍ଗିରୀ ,ରାମଗଡ ପାଳରେଥିବା ପରିବା ଘେରୀରେ ପାଣି ପଶିଯାଇଥିଲା। ତିନିଦିନ ଧରି ପରିବା ଘେରି ଗୁଡିକରେ ୧୦ ଫୁଟ ଉଚ୍ଚର ପାଣିଚାଲିଥିଲା। ଫଳରେ ଚାଷ ହୋଇଥିବା ୩୦ ଏକରରୁ ଉର୍ଦ୍ଧ୍ୱ ପରିବା ଚାଷ ସମ୍ପୂର୍ଣ୍ଣ ଭାବରେ ପାଣିରେ ବୁଡି ଗଛଗୁଡିକରେ ପଟୁ ଚଢି ଯିବାରୁ ପରିବାଗଛର ପତ୍ର ଓ ଫୁଲ ପଚିଯାଇ ନଷ୍ଟ ହୋଇଯାଇଛି। ଏକର ଏକର ଚାଷଜମିର କୁନ୍ଦୁରୀ, ବାଇଗଣ, ଜହ୍ନି, କଲରା, କାକୁଡି, ଛଚିନ୍ଦ୍ରା, ବନ୍ଧାକୋବି, ଫୁଲକୋବି, ଅମୃତଭଣ୍ଡା, କାକୁଡି, ପୋଟଳ, ଝୁଡଙ୍ଗ, ବିନ୍ସ ଆଦି ପରିବା ଚାଷ ହୋଇଥିଲା। କେତେକ ଚାଷୀ ମଧ ହଜାର ହଜାର ଟଙ୍କ ଖର୍ଚ୍ଚ କରି ବିହନ ରୋପଣ କରିଥିଲେ। ପାଣି ଆସିବା ଫଳରେ ସମସ୍ତ ବିହନମଞ୍ଜି ଓ ଛୋଟଛୋଟ ଚାରା ଗୁଡିକ ଭାସିଯାଇଛି ।ଯେଉଁ ଚାଷ ଗୁଡିକରେ ଫୁଲ ଆସିଯାଇଥିଲା ସେଗୁଡିକ ପଟୁଚଢିବା କାରଣରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚଳିତବର୍ଷ ଭଲ ପାଣିପାଗଥିବା କାରଣରୁ ଭଲଚାଷ ମଧ ହୋଇଥିଲା । ଉକ୍ତ ତିନୋଟି ଗାଁର ଚାଷୀମାନେ ଧାର କରଜ କରି ଚାଷ କରିଥିବା ବେଳେ ପରିବାଚାଷରୁ ନିଜର ପେଟ ପୋଷୁଥିଲେ । ହେଲେ ପାଣିପଶି ଚାଷ ନଷ୍ଟ ହେବାରୁ ସେମାନଙ୍କର ଆର୍ଥିକ ମାନଦଣ୍ଡ ସମ୍ପୂର୍ଣ୍ଣ ଦୋହଲିଯାଇଛି। ଚାଷୀ ସର୍ବେଶ୍ୱର ମହାନ୍ତି କହିଛନ୍ତି କି ବାତ୍ୟାରେ ଏତେ କ୍ଷୟକ୍ଷତି ହେବ ବୋଲି ଭାବିନଥିଲୁ ହେଲେ ରାତି ଅଧିଆ ଯଉ ପାଣି ମାଡିଆସିଲା ଆମେ କିଛି କରିପାରିଲୁନି କି ପରିବା ବାଡିକୁ ଆସି ପରିବା ବି ତୋଳିକି ନେଇପାରିଲୁନି ଏବେ ସବୁ ନଷ୍ଟ ହେଇଗଲା ପରିବାର ପୋଷିବୁ କେମିତି ।କରଜ ଶୁଝିବୁ କେମିତି ବଡ ଚିନ୍ତା ଲାଗିଲାଣି ।ତୁରନ୍ତ ସ୍ଥାନୀୟ ପ୍ରସାଶନ କ୍ଷୟକ୍ଷତି ଯାଞ୍ଚ କରି କ୍ଷୟକ୍ଷତି ରାଶି ପ୍ରଦାନ କଲେ ପୁଣିଥରେ ଚାଷ କାର୍ଯ୍ୟ କରିପାରିବେ ବୋଲି ଚାଷୀ ଚକ୍ରଧର ମହାର୍ଣ୍ଣା,ବୈଦନାଥ ସାମଲ, ନିଦ୍ରାବତୀ ସାମଲ, ଗଦାଧର ସାମଲ, ଚକ୍ରଧର କର, ବଂଶୀଧର ମହାର୍ଣ୍ଣା, ଅନନ୍ତ ମହାର୍ଣ୍ଣା , ଗଜେନ୍ଦ୍ର ବେହେରା, ମନୋଜ ବେହେରା, ତରଣୀ ସାମନ୍ତରାୟ , ହଳଧର ସାମନ୍ତରାୟ, ସୁମିତ୍ରା ସାମନ୍ତରାୟ ପ୍ରମୁଖ ସ୍ଥାନୀୟ ପ୍ରସାଶନକୁ ନିବେଦନ କରିଛନ୍ତି ।

## ହଷ୍ଟେଲରେ ଖାଇବାକୁ ନପାଇ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଛାତ୍ର

ମାଲକାନଗିରି, ୨୭/୧୦ (ନି.ପ୍ର): ହଷ୍ଟେଲରେ ଖାଇବାକୁ ନପାଇ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ହଷ୍ଟେଲ ଛାତ୍ର । କାଲିମେଲା ସଦର ମହକୁମା ରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଘଟିଛି ଏହି ଅଭାବନୀୟ ଘଟଣା । ଆଜି ଦିନ ୧୦ଟାରେ ହଷ୍ଟେଲର ପ୍ରାୟ ୩୦ ଜଣ ଛାତ୍ର କାଲିମେଲା ବିଡ଼ିଓଙ୍କ କାର୍ଯ୍ୟଳୟରେ ପହଂଚି , ସେମାନଙ୍କୁ ୬ ମାସ ହେଲା ଠିକରେ ଖାଇବାକୁ ଦିଆ ଯାଉନାହିଁ ବୋଲି ଅଭିଯୋଗ କରିଥିଲେ । ଖାଇବାକୁ ଯେତିକି ଦିଆଯାଉଛି ସେତିକିରେ ପେଟ ପୁରୁନାହିଁ । ଜଳଖିଆ ଦିଆଯାଉ ନାହିଁ , ଡାଲମାରେ ପନିପରିବା ପଡୁନାହିଁ । ପିଲାଙ୍କ ଥାଳିରେ କେବଳ ଡାଲିପାଣି ପରଷା ଯାଉଛି । ପ୍ରାୟ ୬ ମାସ ହେଲା ଖାଦ୍ୟରେ ଏଭଳି ଅବହେଳା କରାଯାଉଛି , ଅଭିଯୋଗ କଲେ ମଧ କେହି ଶୁଣିନଥିବା କହିଛନ୍ତି ଛାତ୍ରମାନେ । ଅଭିଯୋଗ ଶୁଣିବା ପରେ ବିଡିଓ ଛାତ୍ରମାନଙ୍କୁ ଜଳଖିଆ ଦେବାର ବ୍ୟବସ୍ଥା କରିଥିଲେ । ବ୍ଲକ କାର୍ଯ୍ୟାଳୟରେ ପିଲାମାନଙ୍କୁ ଟିଫିନ ଖାଇବାକୁ ଦେଇ ହଷ୍ଟେଲକୁ ପଠାଇଥିଲେ । ଏହାପରେ ବିଡ଼ିଓ ନିଜେ ହଷ୍ଟେଲକୁ ଯାଇ ତଦନ୍ତ କରିଛନ୍ତି ଏବଂ ସେଠିକାର ଅବ୍ୟବସ୍ଥା ଦେଖି ବିଡିଓ ଅସନ୍ତୋଷ ପ୍ରକାଶ କରିଛନ୍ତି । କାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁସୂଚିତ ଜନଜାତି ଛାତ୍ରଙ୍କ ପାଇଁ ୧୧୦ ବିଶିଷ୍ଟ ଛାତ୍ରବାସ ରହିଛି ।

## ଅଚିହ୍ନା ନାବାଳକ ଉଦ୍ଧାର



ନୀଳଗିରି, ୨୭/୧୦ (ନି.ପ୍ର): ନୀଳଗିରି ବ୍ଲକ ଅଯୋଧ୍ୟାଫାଣ୍ଡି ପୋଲିସ ଦ୍ୱାରା ପାଖାପାଖି ଏକ ୧୦ବର୍ଷୀୟ ନାବଳକକୁ ଉଦ୍ଧାର କରିଛି । ଆଜି ଦିନ ବେଳେ ଉକ୍ତ ଅଚିହ୍ନା ନାବଳକ ଜଣକ ଅଯୋଧ୍ୟା ବଜାରରେ ବୁଲୁଥିବାର କିଛିଲୋକ ଦେଖିବା ପରେ ଅଯୋଧ୍ୟା ଫାଣ୍ଡି ପୋଲିସକୁ ଜଣାଇଥିଲେ । ପୋଲିସ ଉକ୍ତ ନାବାଳକକୁ ଉଦ୍ଧାରକରି ଥାନାକୁ ଆଣି ପଚରାଉଚରା କରିବା ପରେ ଉକ୍ତ ନାବାଳକ ଜଣକ କୌଣସି ଉତ୍ତର ଦେଇନଥିଲା। ପରେ ପୋଲିସ ନାବାଳକର ନାମ ଓ ଠିକଣା ଲେଖା କରେଇବା ପାଇଁ ଚେଷ୍ଟା କରିଥିଲେ ସୁଧା ତାହା ସମ୍ଭବପର ହୋଇପାରିନାହିଁ । ତେବେ ନାବାଳକ ଜଣକ ଇଂରାଜୀରେ କିଛି ଅକ୍ଷର ଲେଖିଥିବା ବେଳେ ତା ନିକଟରେ ଏକ ବଡ଼ ମୋବାଇଲ ଫୋନ ପୋଲିସ ଜବତ କରିଛି ।ପ୍ରକୃତରେ ନାବାଳକ ଜଣକ କଥାକହି ପାରୁନଥିଲା ନା ଅନ୍ୟକିଛି କାରଣ ଅଛି ।ତେବେ ଖବର ଲେଖାହେବା ବେଳକୁ ପିଲାଟି କେଉଁଠୁ ଆସିଲା ଠିକଣା କିଛି ଜଣାପଡ଼ିନାହିଁ । ପିଲାଟି ଧଳା ରଙ୍ଗର ଫୁଲ୍ ଶାର୍ଟ ଓ ସବୁଜ ରଙ୍ଗର ପ୍ୟାଣ୍ଟ ପରିଧାନ କରିଛି ।

## ବେତନଟୀ ବରିଷ୍ଠ ନାଗରିକ ସଂଘ ବୈଠକ



ବେତନଟୀ , ୨୭/୧୦ (ନି.ପ୍ର): ବେତନଟୀ ବ୍ଲକ ରେ ବରିଷ୍ଠ ନାଗରିକ ସଂଘ ର ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ବେତନଟୀ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ସଂଘ ର ସଭାପତି ହିମାଂଶୁ ପରିଡାଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନଭେମ୍ବର ୧୭ ତାରିଖ ରେ ବେତନଟୀ ଧର୍ମଶାଳା ରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ଭାବରେ ବିଭିନ୍ନ ପ୍ରତିଭାଧାରି ମାନଙ୍କୁ ସମ୍ବର୍ଦ୍ଧନା କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଶେଷରେ ସଂଘ ର ସମ୍ପାଦକ ଜୟନ୍ତୀ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦରଡ଼ା ଯୋଗେଶର ଶିବ ମୁନି ଜୟନ୍ତୀ ପାଳିତ



ବସ୍ତା, ୨୭/୧୦ (ନି.ପ୍ର): ବସ୍ତା ବ୍ଲକ ଦରଡ଼ା ପଂଚାୟତ ଦରଡ଼ାଠାରେ ଥିବା ଯୋଗେଶ୍ୱର ଶିବ ମୁନି ଆଶ୍ରମ ର ଜୟନ୍ତୀ ଉତ୍ସବପାଳିତ ହୋଇ ଯାଇଛି ସକାଳ ୯ଘଟିକା ରେ ଆଶ୍ରମର ସ୍ଥାଇ ସଭାପତି ମୁନି ରାଜ ଶ୍ରୀଯୁକ୍ତ ପ୍ରଦୀପ କୁମାର ବିଶ୍ୱାଳ ସତ୍ୟ ପତାକା ଉତ୍ତୋଳନ କରି କାଯ୍ୟକ୍ରମ ଶୁଭାରମ୍ଭକରି ଥିଲେ ପରେ ମୁନି ମତି ମାନେ ସତ୍ୟ ପତାକା ସଂଗୀତ ଗାନ କରି ଥିଲେ । ଅନ୍ୟତମ ଅତିଥି ମାନଙ୍କ ମଧରେ ମୁନି ଗୌରାଙ୍ଗ ଚରଣ ଶାସମଲ ଆଶ୍ରମର ବିବରଣୀ ପାଠ କରିଥିଲେ । ଯୋଗାଚାର୍ଯ୍ୟ ଯୋଗୀ ଅନନ୍ତ ମୁନି,ସମ୍ପାଦକ କୁର୍ତ୍ତିବାସ ମୁନି, ଯୋଗୀ ସୃଷ୍ଟଧର ମୁନି, ଯୋଗୀ ପ୍ରଶାନ୍ତ ମୁନି ଯୋଗ ଦେଇ ଯୋଗ ମାଧମରେ ସୁସ୍ଥ ଓ ନିରାମୟ ଜୀବନ ଜାପନ କରିପାରିବେ ବୋଲି ମୁନି ମାନେ ମତ ବ୍ୟକ୍ତ କରିଥିଲେ । ମୁନି ମତି କବି ସାବିତ୍ରୀ ବିଶ୍ୱାଳ, ଝରଣା ସ୍ୱାଇଁ, ସୁଧୀର ମୁନି ଆଦି ମୁନି ସଂଗୀତ ବୋଲି ଉକ୍ତ ସଭା କୁ ଉତ୍ସବ ମୁଖର କରିଥିଲେ । ଆଖ ପାଖ ପଂଚାୟତର ମୁନି ଓ ମତି ଯୋଗାଚାର୍ଯ୍ୟ ମାନେ ବହୁ ସଂଖ୍ୟା ରେ ଯୋଗ ଦେଇଥିଲେ । ଦରଡ଼ା ଶିବମୁନି ଆଶ୍ରମର ସଦସ୍ୟ ମାନେ ବହୁଚେଷ୍ଟା ଫଳରେ ଉକ୍ତ ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିପାରିଥିଲେ । ସଭାର ଅତିଥି ମାନେ କମିଟିର ସଦସ୍ୟ ଓ ସଦସ୍ୟା ମାନଙ୍କ ନିରବଛିନ୍ନ ପରିଶ୍ରମ ଓ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲି । ପରିଶେଷରେ ଅନିରୁଦ୍ଧ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## କାଳିମନ୍ଦିର ଯୋଗ କେନ୍ଦ୍ର ତରଫରୁ ସେବାକାର୍ଯ୍ୟ



ବାଲେଶ୍ୱର, ୨୭/୧୦ (ନି.ପ୍ର): କାଳିମନ୍ଦିର ଯୋଗକେନ୍ଦ୍ର ତରଫରୁ ଏକ ସେବାକାର୍ଯ୍ୟ କୁରୁଡ଼ାସ୍ଥିତ 'ପ୍ରତିକ୍ଷା' ଅନୁଷ୍ଠାନରେ ସଂଗଠିତ ହୋଇଯାଇଛି। ସେଠାରେ ଥିବା ମାନସିକ ବିକଳାଙ୍ଗ ପିଲାମାନଙ୍କର ପ୍ରଶିକ୍ଷଣ ନିମନ୍ତେ ଅନୁଷ୍ଠାନ ତରଫରୁ ଅତ୍ୟନ୍ତ ସୁନ୍ଦର ଓ ମନୋରମ ପରିବେଶ ସୃଷ୍ଟି କରାଯାଇଅଛି। ଯୋଗକେନ୍ଦ୍ରର ସାଧକ ସାଧିକାମାନଙ୍କ ଦ୍ୱାରା ସେଠାରେ ପିଲାମାନଙ୍କ ସହିତ ନାଚଗୀତ ଓ ମିଳନର ଏକ ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା। କିଛି ପିଲା ଶୁଣିପାରୁ ନଥିବାବେଳେ କିଛି ଦେଖି ପାରୁନଥିଲେ। କିଛି ପିଲା ପୋଲିଓ ଭଳି ରୋଗରେ ପିଡ଼ିତ ଥିଲେ। ମାନସିକ ବିକଳାଙ୍ଗ ପିଲାମାନଙ୍କ ସହିତ ଅନ୍ତରଙ୍ଗ ହୋଇ ସମସ୍ତଙ୍କୁ ଆନନ୍ଦ ମିଳିଥିଲା। ଏଥିରେ କେନ୍ଦ୍ରର ସଭାପତି ପ୍ର. ଜୟସ୍ମିତା ନାୟକ, ଉପସଭାପତି ରୀତା ରାଉତ, ସମ୍ପାଦକ ରଞ୍ଜନ କୁମାର ସାହୁ, ସହସମ୍ପାଦକ ଧ୍ରୁବଚରଣ ବେହେରା, ସଭ୍ୟ ବିଶ୍ୱନାଥ ସିଂ, ଦୀପ୍ତିବନ୍ତ ଦାସ, ଆଲେଦା ଉମାଶ୍ରୀ, ଚିନ୍ମୟ ଦାସ, ବ୍ୟାସଦେବ ରାଉତ, ସୀତା ବେହେରା, ହରିପ୍ରିୟା ରଣା, ଏଡ଼ଭୋକେଟ୍ ସ୍ନେହଲତା ଦାସପତି, ଭୂପତି ବାରିକ, ରୀତା ସାହୁ, ଜ୍ୟୋତି ସାହୁ, ଋଷି ସାହୁ, ହେମଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଝାଡ଼େଶ୍ୱର ହୋଟେଲ ତରଫରୁ ପିଲାମାନଙ୍କୁ ସ୍ୱାଦିଷ୍ଟ ଖାଦ୍ୟ ଓ ବସ୍ତ୍ର ଦିଆଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ଓ ଯୋଗଗୁରୁ ସୁଜିତ୍ କୁମାର ଜେନା ଏହାକୁ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ୧୧୫ ତମ ମନ୍-କି-ବାତ୍ କାର୍ଯ୍ୟକ୍ରମ



ବାଲେଶ୍ୱର, ୨୭/୧୦ (ନି.ପ୍ର): ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିଶ୍ୱର ସର୍ବାଦୃତ ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍-କି-ବାତ୍ ର ୧୧୫ ତମ ସଂସ୍କରଣ ଆଜି ଦିବା ୧୧ ସମୟରେ ପ୍ରସାରିତ ହୋଇଯାଇଛି। ଏଥରେ ସବୁଥର ଭଳି ଅନେକ ବିନ୍ଦୁ ଉପରେ ଚର୍ଚ୍ଚା ଆଲୋଚନା କରିଥିଲେ। ସବୁଠାରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆନିମେସନ୍ ଦୁନିଆରେ ଭାରତ ଏକ ନୂତନ ବିପ୍ଳବ ଆଡକୁ ଗତି କରୁଛି ଏବଂ ଦେଶକୁ ବିଶ୍ୱ ଆନିମେସନ୍ ପାୱାରହାଉସ୍ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। 'ଛୋଟା ଭୀମ', 'ହନୁମାନ' ଏବଂ 'ମୋଟୁ-ପତଲୁ' ପରି ଭାରତୀୟ ଆନିମେଟେଡ୍ ସିରିଜର ଲୋକପ୍ରିୟତା ବିଷୟରେ ସେ ଉଲ୍ଲେଖ କରିଥିଲେ। ଆଜିର ମନ୍-କି-ବାତ୍ କାର୍ଯ୍ୟକ୍ରମରେ ସବୁଠାରୁ ଅଧିକ ପ୍ରେରଣାଦାୟୀ ବିଷୟ ଥିଲା ବୈଦ୍ୟୁତିନ ଗିରଫ ବା ଡିଜିଟାଲ ଆରେଷ୍ଟ। ଯେଉଁଥିରେ ପ୍ରଥମ ଥର ପାଇଁ ପିଏମ ମୋଦୀ ଡିଜିଟାଲ ଗିରଫ ଘଟଣା ବିଷୟରେ କହିଥିଲେ ଏବଂ ଲୋକଙ୍କୁ ସଚେତନ କରାଇଥିଲେ। ଏହା ବ୍ୟତୀତ ସେ ଏହାକୁ ରୋକିବା ପାଇଁ ଉପାୟ ବିଷୟରେ ମଧ କହିଥିଲେ। ମନ୍-କି-ବାତ୍ ଶୁଣିବା ପାଇଁ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ମହିଳା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ସମ୍ପାଦିକା ମହୁଆ ପ୍ରଧାନ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁସ୍ମିତା ପଣ୍ଡା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ଓ ମଧୁଶ୍ରୀ ପଣ୍ଡା ଉପସ୍ଥିତ ଥିଲେ।

## ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ

ଜୟପୁର, ୨୭/୧୦ (ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ଜଣେ ପରିତ୍ୟକ୍ତା ମହିଳାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଯୁବକକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ସେମିଳିଗୁଡା ଅଂଚଳର ଜଗନ୍ନାଥ ଖରା (୩୦) । ପୋଲିସ ସୂଚନା ଅନୁଯାଇ ସେମିଳିଗୁଡା ଅଂଚଳର ଜଗନ୍ନାଥ ଖରା (୩୦) ସେ ବିବାହିତ ହୋଇଥିବା ବେଳେ ୩ଟି ସନ୍ତାନର ଜନକ । କିନ୍ତୁ ଅଭିଯୁକ୍ତ ଜଣକ ପରିତ୍ୟକ୍ତା ମହିଳାକୁ ବିବାହ କରିବାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ଚାଷ ଜମିକୁ ଖଣିପାଣି: ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡରେ ଖଣି ବ୍ୟବସାୟୀ ମାନେ ନିଜ ଖଣିଗାତରେ ଭର୍ତ୍ତୀ ବର୍ଷାପାଣିକୁ ମେସିନରେ ବାହାର କରି ଖଣି ସଂଲଗ୍ନ ଚାଷ ଜମିକୁ ଛାଡୁଛନ୍ତି । ଯେଉଁଥିପାଇଁ ଗୁଆପାଳ, କଦଳୀଗଡିଆ, ଗଗୁଆ ଗ୍ରାମର ଚାଷୀଙ୍କର ୫୦ଏକରରୁ ଉର୍ଦ୍ଧ ଚାଷଜମିରେ ଧାନଗଛ ପଚି ନଷ୍ଟ ହେବାକୁ ବସିଲାଣି । ଖଣି ବ୍ୟବସାୟୀଙ୍କ ଚାଷୀ ମାରଣ ନିତିକୁ ନେଇ ଶତାଧିକ ଚାଷୀ ଜିଲାପାଳ ସୂର୍ଯ୍ୟବଂଶୀ ମୟର ବିକାସ,ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରାଇଛନ୍ତି । ତୁରନ୍ତ ଜମିକୁ ପାଣିଛଡା କାମ ବନ୍ଦ ନହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀ ବିଶ୍ୱନାଥ ମହାପାତ୍ର,କାସିନ ସ,ବାବାଜୀ ସ,ବସନ୍ତ ସ,କାଳିଆ ସ ପ୍ରମୁଖ ପ୍ରକାଶ କରିଛନ୍ତି। ଖଣି ବ୍ୟବସାୟୀ ମାନେ ନିୟମ ଉଲ୍ଲଂଘନ କରି ୧୫ଫୁଟ ଗଭୀରତାରୁ ପଥର ଖୋଳି ବିକ୍ରି କରିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଏବେ ଦାନା ବାତ୍ୟାରେ ପ୍ରବଳ ବର୍ଷା ପରେ ଏହି ଖଣି ଗାତଗୁଡିକ ପାଣିଭର୍ତ୍ତୀ ହେବା ପରେ ଖଣି ବ୍ୟବସାୟୀ ମାନେ ବ୍ଲାଷ୍ଟିପାଇଁ ବଡ ମ୍ୟାସିନି ଲଗାଇ ଜଳ ନିଷ୍କାସନ କରି ଚାଷ ଜମିକୁ ଛାଡୁଥିବା ନେଇ ଅଭିଯୋଗ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo